


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-203 ♦SUNDAY ♦18 JANUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୦୩ ♦ରବିବାର ♦୧୮ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦ (ସିନ୍ଦୂରା ସହ)


### ଓଇଆର୍‌ସିରେ ସରକାରୀ ଉଦ୍ୟୋଗଗୁଡ଼ିକର ଦାବି

# ବଢ଼ିବ ବିଜୁଳି ଶୁଳ୍କ !



**ସ୍ମାର୍ଟ ମିଟର, ଅତିରିକ୍ତ ସୁରକ୍ଷା ଜମା ନୋଟିସ୍ ପରେ ଦରବୃଦ୍ଧି ପ୍ରସ୍ତାବ ବେଢ଼ି ଉପରେ କୋରଡ଼ା**

**ସରକାରୀ ଉଦ୍ୟୋଗଙ୍କ ଲାଭଖୋର ମନୋବୃତ୍ତିକୁ ଶକ୍ତି ସମୀକ୍ଷକଙ୍କ କଡ଼ା ସମାଲୋଚନା**

**ସର୍ବଭାରତୀୟ ସ୍ତରଠାରୁ ଅଧିକ ବିଜୁଳି ଶୁଳ୍କ ଦେଉଛନ୍ତି ଓଡ଼ିଶାର ଉପଭୋକ୍ତା**

■ ଭୁବନେଶ୍ୱର, ୧୭ା୧ (ସମିସ): ରାଜ୍ୟବ୍ୟାପୀ ସ୍ମାର୍ଟ ମିଟର, ବିତରକ କମ୍ପାନୀଙ୍କର ଅତିରିକ୍ତ ସୁରକ୍ଷା ଜମା(ଏଏସ୍‌ଡି) ଯାତନାରୁ ସାଧାରଣ ଲୋକେ ମୁକୁଳିପାରି ନ ଥିବା ବେଳେ ଆସନ୍ତା ଆର୍ଥିକ ବର୍ଷରୁ ରାଜ୍ୟରେ ବିଜୁଳି ଶୁଳ୍କ ବଢ଼ିବା ନେଇ ଆଶଙ୍କା ଦେଖାଦେଇଛି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିତରଣ ସେବାରେ ଥିବା ୪ଟି ଯାକ ବିତରକ କମ୍ପାନୀ ସାଙ୍ଗକୁ ସରକାରଙ୍କ ୪ଟି ପ୍ରମୁଖ ଶକ୍ତି ଉଦ୍ୟୋଗ ଗ୍ରୀଡ୍‌କୋ, ଓପିଟିସିଏଲ୍, ଓପିଜିସି ଏବଂ ଓଏଚ୍‌ପିସି ମଧ୍ୟ ବିଦ୍ୟୁତ୍ ମୂଲ୍ୟ ବୃଦ୍ଧି ପାଇଁ ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି)ଙ୍କ ନିକଟରେ ଦାବି ରଖିଛନ୍ତି। ଓଇଆରସିରେ ବିଜୁଳି ଦର ନେଇ ଆସନ୍ତା ଫେବୃଆରୀରୁ ଶୁଣାଣି ଆରମ୍ଭ ହେବାକୁ ଯାଉଛି। ଆସନ୍ତା ଆର୍ଥିକ ବର୍ଷରେ ବିଜୁଳି ଦର ବୃଦ୍ଧି ହେବ ବୋଲି ଆପାତତଃ ସ୍ଥିର ହୋଇସାରିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଟାଟା ପାୱାରର ୪ଟି ଯାକ ବିତରକ କମ୍ପାନୀ ମଧ୍ୟ ଗତ ବର୍ଷରେ ୬୬୪ କୋଟି ଟଙ୍କାର ରାଜସ୍ୱ ନିଅଣ୍ଟ ଦର୍ଶାଇ ବିଜୁଳି ମୂଲ୍ୟ ବୃଦ୍ଧି ପାଇଁ ଦାବି କରିଛନ୍ତି। ଅପରପକ୍ଷେ ଗ୍ରୀଡ୍‌କୋ ପୂର୍ବବର୍ଷରେ (୨୦୨୪-୨୫) ୩୪୭ କୋଟି ଟଙ୍କା ଲାଭ କରିଥିବା ବେଳେ ପାଇକାରୀ ବିକ୍ରି ମୂଲ୍ୟକୁ ୟୁନିଟ ପିଛା ୫୮ ପଇସା ବୃଦ୍ଧି ପାଇଁ ଯୁକ୍ତି କରିଛନ୍ତି। ସେହିପରି ଓପିଟିସିଏଲ ୨୩୮ କୋଟିଟଙ୍କା ଲାଭ କରିଥିବା ବେଳେ ବିଦ୍ୟୁତ ସଂଚାରଣ ଖର୍ଚ୍ଚ ୟୁନିଟ ପିଛା ୧୦ ପଇସା ବୃଦ୍ଧି ପାଇଁ ଯୁକ୍ତି କରିଛି। ଓପିଜିସି ୫୩୪ କୋଟିଟଙ୍କା ଲାଭ କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଶକ୍ତି କେନ୍ଦ୍ର ପାଇଁ (୧୩୨୦ ମେଗାୱାଟ) ଉତ୍ପାଦନ ମୂଲ୍ୟକୁ ବୃଦ୍ଧି କରିବା ପାଇଁ ଗତବର୍ଷ ଦରଖାସ୍ତ ଦାଖଲ କରିଥିଲେ ବି ଏପର୍ଯ୍ୟନ୍ତ ଆୟୋଗ ଫଇସଲା କରିନାହାନ୍ତି। ତେବେ କ୍ରୟଚୁକ୍ତି ଆଳରେ ଓଇଆର୍‌ସି ଅଧିନିୟମକୁ ଫାଙ୍କିଦେଇ ଓପିଜିସି ଉତ୍ପାଦନ ମୂଲ୍ୟକୁ ବର୍ଷକୁ ବର୍ଷ ବୃଦ୍ଧିକରି ସମୁଦାୟ ଲାଭକୁ ୨୩୪୮ କୋଟି ଟଙ୍କାରେ ପହଞ୍ଚାଇଛି। ▶ପୃଷ୍ଠା-୭

### ଟ୍ରମ୍ପଙ୍କୁ କ୍ରିମିନାଲ୍ କହିଲେ ଖାମେନେଇ

# ଆମେରିକା ରାଷ୍ଟ୍ରପତି ଇରାନ ଜନତାଙ୍କ ହତ୍ୟାକାରୀ



■ତେହରାନ, ୧୭ା୧ (ଏଜେନ୍ସି): ଇରାନରେ ବଡ଼ଧରଣର ସରକାର ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ଏହି ଜେନ୍-ଜେଡ୍ ଆନ୍ଦୋଳନକୁ ଦମନ କରିବା ପାଇଁ ଇରାନ ସରକାର ବଳପ୍ରୟୋଗ କରୁଛନ୍ତି। ଅତର୍କିତ ଗୁଳିମାଡ଼ କରି ବିକ୍ଷୋଭକାରୀଙ୍କ ଜୀବନ ନେଉଛନ୍ତି। ମାତ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିକ୍ଷୋଭକାରୀଙ୍କୁ ସମର୍ଥନ କରୁଛନ୍ତି। ସେ ସମସ୍ତ ପ୍ରକାରର ସହାୟତା ଦେବେ ବୋଲି କହିଛନ୍ତି। ଏପରି ସମୟରେ ଇରାନର ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ ଖାମେନେଇ ଟ୍ରମ୍ପଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ ଆମେରିକା ରାଷ୍ଟ୍ରପତିଙ୍କୁ କ୍ରିମିନାଲ ବା ଅପରାଧୀ କହିଛନ୍ତି। ଦେଶରେ ଜାରି ହିଂସା, ଅପପ୍ରଚାର ଏବଂ ଜୀବନହାନି ପାଇଁ ଟ୍ରମ୍ପଙ୍କୁ ଦାୟୀ କରିଛନ୍ତି। ତାଙ୍କୁ ଇରାନ ଜନତାଙ୍କ ହତ୍ୟାକାରୀ କହି ଚେତାବନୀ ମଧ୍ୟ ଦେଇଛନ୍ତି। ହିଂସା ପାଇଁ ଦାୟୀ ଜାତୀୟ କିମ୍ବା ଅନ୍ତର୍ଜାତୀୟ ଷଡ଼ଯନ୍ତ୍ରକାରୀ କାହାରିକୁ ଛାଡ଼ିବୁ ନାହିଁ ବୋଲି ଖାମେନେଇ କହିଛନ୍ତି।

ଇରାନ ସରକାରୀ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଖାମେନେଇ କହିଥିଲେ ଯେ ଏବେକାର ବିକ୍ଷୋଭ ପ୍ରଦର୍ଶନ ପୂର୍ବଠାରୁ ଅଲଗା ଥିଲା। କାରଣ ଏବେ ବିକ୍ଷୋଭରେ ଆମେରିକା ରାଷ୍ଟ୍ରପତି ସାମିଲ ହୋଇଯାଇଛନ୍ତି। ଇରାନ ବିରୋଧରେ ଆମେରିକା କେବଳ ଷଡ଼ଯନ୍ତ୍ର କରିନାହିଁ, ବରଂ ହିଂସାକୁ ପ୍ରୋତ୍ସାହନ ଦେଇଛି। ହଜାର ହଜାର ଲୋକଙ୍କ ଜୀବନ ▶ପୃଷ୍ଠା-୭

### ମୁହାଁମୁହିଁ ଧକ୍କା ପରେ କାର୍-ଅଟୋରେ ନିଆଁ

# ଜଳିଗଲେ ୩ ଯୁବକ; ଜଣେ ମୃତ



■ ଫୁଲବାଣୀ, ୧୭ା୧ (ସମିସ): ଅଟୋ ସହ ଜୀବନ୍ତ ଜଳିଗଲେ ଯୁବକ। ଫୁଲବାଣୀ ସହର ଉପକଣ୍ଠ ଦାତପାଜୁ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ନିକଟରେ ଆଜି ସନ୍ଧ୍ୟାରେ ଏପରି ଏକ ଛାତିଥରା ଦୁର୍ଘଟଣା ଘଟିଛି। ବିପରୀତ ଦିଗରୁ ଆସୁଥିବା କାର୍‌କୁ ମୁହାଁମୁହିଁ ଧକ୍କା ଦେବା ପରେ ଅଟୋଟି ନିଆଁ ଲାଗି ଜଳି ଯାଇଛି। ଅଟୋରେ ବସିଥିବା ୩ ଯୁବକ ପୋଡ଼ି ଯାଇଥିବା ବେଳେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ, ଫୁଲବାଣୀ ବ୍ଲକ ଦାତପାଜୁ ପଞ୍ଚାୟତ ମିଣିଆକାଠି ଗ୍ରାମର ବରୁଣ ମଲ୍ଲିକ(୨୦)। ଗୁରୁତରଦ୍ୱୟ ହେଲେ, ବରୁଣଙ୍କ ଭାଇ ବାବୁଲା ମଲ୍ଲିକ (୨୨) ଓ ଦଡ଼କି ପଞ୍ଚାୟତ ସିଙ୍ଗାପଡ଼ାର ଶୈଳେନ୍ଦ୍ର କହଁର (୫୦)। ଦୁହିଁଙ୍କର ଶରୀରର ପ୍ରାୟ ୯୦ ପ୍ରତିଶତ ପୋଡ଼ି ଯାଇଛି। ଅଗ୍ନିଶମ ବାହିନୀ ସେମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଛି। କିନ୍ତୁ ଅବସ୍ଥା ସଂକଟାପନ୍ନ ▶ପୃଷ୍ଠା-୭

### ନିଲମ୍ବନର ଜବାବ ରଖିଲା ବିଜେଡି

# ଦଳବିରୋଧୀ ଷଡ଼ଯନ୍ତ୍ରରେ ଲିପ୍ତ ଥିଲେ ସନାତନ ଓ ଅରବିନ୍ଦ

**'ମିଡ୍ ନାଇଟ୍' ପରେ ଏବେ ମିଡ୍ ଡେ' ଅପରେସନ ବି ଫେଲ୍**

**ଦଳଠାରୁ କେହି ଊର୍ଦ୍ଧ୍ୱରେ ନୁହନ୍ତି**

**ତୃଣମୂଳ ସ୍ତରରୁ ମତାମତ ନେଇ ନବୀନ ନେଇଛନ୍ତି ନିଷ୍ପତ୍ତି**

■ ଭୁବନେଶ୍ୱର, ୧୭ା୧ (ସମିସ): ବିଜେଡିକୁ ଦୁର୍ବଳ କରିବାକୁ ମିଡ୍ ଡେ' ଅପରେସନ୍ ଯୋଜନା ହୋଇଥିଲା। ପୂର୍ବରୁ 'ମିଡ୍ ନାଇଟ୍ ଅପରେସନ ଫେଲ୍ ହୋଇଥିଲା, ଏବେ ମିଡ୍ ଡେ' ଅପରେସନ ବି ଫେଲ୍ ହୋଇଛି। ଦଳ ବିରୋଧରେ ଏକ ବଡ଼ ଧରଣର ଷଡ଼ଯନ୍ତ୍ରର ଅଂଶ ବିଶେଷଭାବେ ସନାତନ ମହାକୁଡ଼, ବିଜୟ ମହାପାତ୍ର ଓ ଅରବିନ୍ଦ ମହାପାତ୍ର ସାମିଲ ଥିଲେ ବୋଲି ଦଳ ପକ୍ଷରୁ କୁହାଯାଇଛି। ଦଳର ଅନୁଶାସନ ଭାଙ୍ଗିବା ତଥା ବିଶ୍ୱାସଘାତକତା କରିବା କାରଣରୁ ଦୁଇ ବିଧାୟକଙ୍କ ବିରୋଧରେ ବହୁ ଭାବିଚିନ୍ତି ଦଳ ପକ୍ଷରୁ ଏପରି ▶ପୃଷ୍ଠା-୭

# ବାଂଲାଦେଶରେ ହିନ୍ଦୁ ଯୁବକଙ୍କୁ ଗାଡ଼ି ଚଢ଼ାଇ ହତ୍ୟା

**ବିଏନ୍‌ପି ନେତା ଗିରଫ**

**୩୦ ଦିନରେ ଅଷ୍ଟମ 'ହିନ୍ଦୁ' ହତ୍ୟା**

■ ଢାକା, ୧୭ ା୧ (ଏଜେନ୍ସି): ବାଂଲାଦେଶରେ ପୁଣି ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା କରାଯାଇଛି। ରାଜବାଡ଼ି ଜିଲ୍ଲାରେ ଏକ ପେଟ୍ରୋଲ ପମ୍ପରେ ୩୦ ବର୍ଷୀୟ ରିପନ ଶାହା ଜଣେ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ପେଟ୍ରୋଲ ଭରିବା ପରେ ପଇସା ନ ଦେଇ ପଳାଇଯାଉଥିବା ଏକ ଏସ୍‌ୟୁଭିକୁ ସେ ରୋକିବାକୁ ପ୍ରୟାସ କରିଥିଲେ। କିନ୍ତୁ ଏସ୍‌ୟୁଭି ଡ୍ରାଇଭର ତାଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇ ସେଠାରୁ ଫେରାର ହୋଇଯାଇଥିଲା। ପୁଲିସ ଦେଇଥିବା ସୂଚନା ଅନୁସାରେ ଶୁକ୍ରବାର ଭୋର ୪.୩୦ରେ ଏହି ଘଟଣା ଘଟିଥିଲା। ଏକ କଳା ଏସ୍‌ୟୁଭି ଗାଡ଼ି ପେଟ୍ରୋଲ ପମ୍ପକୁ ଆସିଥିଲା ଓ ପାଖାପାଖି ▶ପୃଷ୍ଠା-୭

### ମହାନଦୀ ଜଳ ବିବାଦ: ବିରୋଧୀ ଦଳ ଓ ବୁଦ୍ଧିଜୀବୀଙ୍କ ଦାବି ମାନିଲେ ସରକାର

# ଛତିଶଗଡ଼ ସହ ଆଲୋଚନା ପୂର୍ବରୁ ସର୍ବଦଳୀୟ ବୈଠକ

**ଆସନ୍ତା ୨୩ରେ ଅଂଶୀଦାରମାନଙ୍କ ସହ ସରକାରଙ୍କ ଆଲୋଚନା**

**ଛତିଶଗଡ଼ ଆଲୋଚନାରେ ଉପସ୍ଥାପିତ ହେବ ବୈଠକର ନିଷ୍କର୍ଷ**

■ ଭୁବନେଶ୍ୱର, ୧୭ା୧ (ସମିସ): ମହାନଦୀ ଜଳ ବିବାଦର ସମାଧାନ ପାଇଁ ବିଜେଡି ସମେତ ବିଭିନ୍ନ ସଂଗଠନର ଦାବିକୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି। ଆସନ୍ତା ୨୩ ତାରିଖରେ ଦୁଇଟି ପର୍ଯ୍ୟାୟରେ ଏକ ସର୍ବଦଳୀୟ ବୈଠକ ଡାକିଛନ୍ତି। ମହାନଦୀ ଆନ୍ଦୋଳନ ସହ ଜଡ଼ିତ ବିଭିନ୍ନ ସଂଗଠନ ସହ ରାଜ୍ୟ ସରକାର ଆଲୋଚନା କରିବେ। ଆଲୋଚନାର ନିଷ୍କର୍ଷ ଭିତ୍ତିରେ ରାଜ୍ୟ ସରକାର ଆଲୋଚନା ପାଇଁ ଛତିଶଗଡ଼ ଯିବେ ବୋଲି ମହାନଦୀ ଜଳ ବିବାଦ ମାମଲାରେ ଗଠିତ ଉଚ୍ଚସ୍ତରୀୟ କମିଟିରେ ନିଷ୍ପତ୍ତି ନିଆଯାଇଛି।

ଶନିବାର ସ୍ଥାନୀୟ ରାଜୀବ ଭବନରେ କମିଟିର ଦ୍ୱିତୀୟ ବୈଠକ ହୋଇଥିଲା। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ କମିଟିର ଅଧ୍ୟକ୍ଷ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ମହାଦନୀ ଜଳ ବିବାଦ ମାମଲାରେ ରାଜ୍ୟ ବିଜେପି ସରକାର ଛତିଶଗଡ଼ ସହ ଆପୋସ ବୁଝାମଣା ଉଦ୍ୟମ ଜାରି ରଖିଛନ୍ତି। ତେବେ ଏହି ଆପୋସ ଆଲୋଚନାର ସର୍ତ୍ତ କ'ଣ ଏବଂ ବୁଝାମଣାରେ କେଉଁ ବିଷୟବସ୍ତୁ ନିଆଯାଇଛି, ତାହାକୁ ସାର୍ବଜନୀନ କରିବାକୁ ବିରୋଧୀ ଦଳ ତଥା ମହାନଦୀ ସହ ଜଡ଼ିତ ବିଭିନ୍ନ ସାମାଜିକ ସଂଗଠନ ଦାବି କରି ଆସୁଥିଲେ। ତଦନୁଯାୟୀ, ଆସନ୍ତା ୨୩ ତାରିଖରେ ମହାନଦୀ ବିବାଦକୁ ନେଇ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ମହାନଦୀ ସହ ଜଡ଼ିତ ବିଭିନ୍ନ ସଂଗଠନ, ଅଂଶୀଦାର, ପରିବେଶବିତଙ୍କ ସହ ମଧ୍ୟ ସରକାର ବିଚାରବିମର୍ଶ କରିବେ। ଏହି ଦୁଇ ପର୍ଯ୍ୟାୟ ବୈଠକ ଆଲୋଚନାର ନିଷ୍କର୍ଷକୁ ନେଇ ପରବର୍ତ୍ତୀ ସମୟରେ ଛତିଶଗଡ଼ ସହ ଆଲୋଚନା କରାଯିବ। ଆସନ୍ତା ୩୧ ଓ ଫେବ୍ରୁଆରୀ ୧ ତାରିଖରେ ଛତିଶଗଡ଼ରେ ହେବାକୁ ଥିବା ଆଲୋଚନାରେ ଓଡ଼ିଶାର ତା'ର ପକ୍ଷ ରଖିବ। ଟ୍ରିବ୍ୟୁନାଲରେ ଆସନ୍ତା ଫେବୃଆରୀ ୭ ତାରିଖରେ ପରବର୍ତ୍ତୀ ଶୁଣାଣି ଥିବାରୁ ଏହାପୂର୍ବରୁ ଆଲୋଚନା ପାଇଁ ଛତିଶଗଡ଼ ସରକାରଙ୍କୁ ସମୟ ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


### ରାଉରକେଲା ବିମାନ ଦୁର୍ଘଟଣାରେ ଗୁରୁତର ଯାତ୍ରୀଙ୍କ ମୃତ୍ୟୁ



■ରାଉରକେଲା, ୧୭ା୧(ସମିସ): ଭୁବନେଶ୍ୱର-ରାଉରକେଲା ବିମାନ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣେ ଯାତ୍ରୀଙ୍କ ଆଜି ମୃତ୍ୟୁ ହୋଇଯାଇଛି। ସେ ହେଲେ, ସୁଶାନ୍ତ କୁମାର ବିଶ୍ୱାଳ(୪୮)। ତାଙ୍କ ଘର ରାଉରକେଲା ବେଦବ୍ୟାସ ଅନ୍ତର୍ଗତ ସିଂହଟୋଲାରେ। ସେ ରାଉରକେଲାର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। କୌଣସି କାର୍ଯ୍ୟରେ ଭୁବନେଶ୍ୱର ଯାଇଥିବା ବେଳେ ଗତ ୧୦ ତାରିଖରେ ଭଉଣୀ ଅନୀତା ସାହୁଙ୍କ ସହ ଇଣ୍ଡିଆ-ୱାନ୍ ଏୟାର ବିମାନରେ ରାଉରକେଲା ଫେରୁଥିଲେ। କିନ୍ତୁ ମଝି ଆକାଶରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବିମାନଟି ଜରୁରୀକାଳୀନ ଲ୍ୟାଣ୍ଡିଂ କରିବା ▶ପୃଷ୍ଠା-୭


SAI INTERNATIONAL SCHOOL
SAI INTERNATIONAL RESIDENTIAL SCHOOL
The Journey to success begins at SAI
Affiliated to CBSE & Cambridge

2025 RESULTS

CBSE COMMERCE — SCHOOL RANK #1 98.8% — Dhiraj Dhanuka
CBSE HUMANITIES — SCHOOL RANK #1 98.2% — Anoushka Panda
CBSE SCIENCE — SCHOOL RANK #1 98% — N. Shreya Amolika
JEE ADVANCED — SCHOOL RANK #1 AIR 934 — Suvram Jyoti Behera
NEET — STATE RANK #2 AIR 128 — Aditya Kiran Bal
AILET — STATE RANK #1 AIR 8 — Prathmesh Gaurav
CLAT — STATE RANK #1 AIR 14 — Prathmesh Gaurav

NEET 114 STUDENTS | JEE MAIN 51 STUDENTS | JEE ADV 19 STUDENTS | CLAT 22 STUDENTS | FOREIGN UNIVERSITY 44 STUDENTS

SAI ENTRANCE TEST (SET)
CLASS XI
JAN 24 -25, 2026

REGISTRATIONS OPEN PG TO CLASS IX

SAI International School | 0674-7100200, +91-9338336699 www.saiinternational.edu.in
SAI International Residential School | 0671-7100100, +91-8114368700 www.sirs.edu.in

Plot no. 5A, Chandrasekharpur, Infocity Ave, Bhubaneswar, Odisha, Pin - 751024 | www.sai.edu.in | info@sai.edu.in

# ଆରମ୍ଭ ହେଲା ପ୍ରଥମ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍



କୋଲକାତା, ୧୭ ।୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମବଙ୍ଗ ମାଲଦାଠାରେ ଭାରତର ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଉଦ୍‌ଘାଟନ କରିଛନ୍ତି। ସେ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଟ୍ରେନ୍ ପଶ୍ଚିମବଙ୍ଗର ହାୱଡ଼ା ଓ ଗୌହାଟୀ ମଧ୍ୟରେ ଚାଲିବ। ମୋଦୀ ଟ୍ରେନ୍‌ର ଷ୍ଟାଫ ଓ ଟ୍ରେନ୍‌ରେ ଥିବା ପିଲାମାନଙ୍କ ସହ କଥା ହୋଇଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ବନ୍ଦେ ଭାରତ ଟ୍ରେନ୍ ଲୋକଙ୍କ ଯାତାୟାତକୁ ଆରାମ ଦାୟକ କରିବ। ବିଦେଶରେ ଚାଲୁଥିବା ଟ୍ରେନ୍ ଭଳି ଭାରତରେ ଚାଲୁ ବୋଲି ଲୋକେ ଚାହୁଁଥିଲେ, ଏବେ ସେହି ସ୍ୱପ୍ନ ସାକାର ହୋଇଛି ବୋଲି ସେ କହିଛନ୍ତି। ଏହି ଟ୍ରେନ୍ ହାୱଡ଼ା ଓ ଗୌହାଟୀ ମଧ୍ୟରେ ଯାତ୍ରା ସମୟକୁ ଅଢ଼େଇ ଘଣ୍ଟାକୁ ହ୍ରାସ କରିବ। ବର୍ତ୍ତମାନ ହାଓଡାରୁ ଗୌହାଟୀ ପର୍ଯ୍ୟନ୍ତ ଟ୍ରେନ୍‌ରେ ଯାତ୍ରା କରିବାକୁ ୧୮ ଘଣ୍ଟା ସମୟ ଲାଗୁଛି। ଏଥିସହ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗରେ ୩, ୨୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ରେଳ ଓ ସଡ଼କ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ସେ ଆଭାସୀ ଭାବେ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଟ୍ରେନ୍‌ଗୁଡିକ ପଶ୍ଚିମବଙ୍ଗର ନ୍ୟୁ ଜଲପାଇଗୁଡି ଓ ଅଲିପୁରଦ୍ୱାରକୁ ଭାରତର ବିଭିନ୍ନ ଅଂଶ ସହ ସଂଯୋଗ କରିବ। ରବିବାର ପ୍ରଧାନମନ୍ତ୍ରୀଙ୍କର ପଶ୍ଚିମବଙ୍ଗ ଓ ଆସାମରେ ଏକାଧିକ କାର୍ଯ୍ୟକ୍ରମ ରହିଛି।

# ଏଥର ଗଣତନ୍ତ୍ର ଦିବସର ଥିମ୍ 'ବନ୍ଦେ ମାତରମ୍'

■ ପରେଡରେ ୩୦ଟି ଦଳ ବାହାରିବେ
■ ରାଫେଲ, ସୁଖୋଇ ସହ ୨୯ ବିମାନ ସାମିଲ; ଅନୁପସ୍ଥିତ ରହିବ ତେଜସ୍

ନୂଆଦିଲ୍ଲୀ, ୧୭ ।୧(ଏଜେନ୍ସି): ଆସନ୍ତା ଜାନୁଆରୀ ୨୬ରେ ଭାରତ ତା'ର ୭୭ତମ ଗଣତନ୍ତ୍ର ଦିବସ ପାଳନ କରିବ। ଏବର୍ଷ ମୁଖ୍ୟ ପରେଡ ବନ୍ଦେ ମାତରମ ଉପରେ ଆଧାରିତ ହେବ। ପରେଡ ସମୟରେ ସ୍ୱାଧୀନତାର ମନ୍ତ୍ର 'ବନ୍ଦେ ମାତରମ' ଏବଂ ସମୃଦ୍ଧିର ମନ୍ତ୍ର 'ଆତ୍ମନିର୍ଭର ଭାରତ' ଥିମ୍ ମୁଖ୍ୟ ହେବ। କର୍ତ୍ତବ୍ୟପଥରେ ୩୦ଟି ଦଳ ସେମାନଙ୍କ ଯୁଦ୍ଧ କୌଶଳ, କଳା କୌଶଳ ପ୍ରଦର୍ଶନ କରିବା ସହ ପରେଡରେ ଭାଗ ନେବେ। କର୍ତ୍ତବ୍ୟ ପଥରେ ଥିବା ଘେରାର ପୃଷ୍ଠଭୂମିରେ 'ବନ୍ଦେ ମାତରମ'ର ଧାଡ଼ିଗୁଡିକୁ ଚିତ୍ରିତ କରୁଥିବା ଏକ ପୁରୁଣା ଚିତ୍ର ମଧ୍ୟ ତିଆରି କରାଯିବ। ମୁଖ୍ୟ ମଞ୍ଚରେ 'ବନ୍ଦେ ମାତରମ'ର ଲେଖକ ବଙ୍କିମଚନ୍ଦ୍ର ଚାଟାର୍ଜୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯିବ। ଏଥର ଗଣତନ୍ତ୍ର ଦିବସ ପରେଡରେ ମୁଖ୍ୟଅତିଥି ଭାବେ ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଏବଂ ୟୁରୋପୀୟ କମିଶନ ଅଧ୍ୟକ୍ଷା ଉର୍ସୁଲା ଭାନ ଡେର୍ ଲେଏନ ଯୋଗ ଦେବେ। ପ୍ରଥମଥର ପାଇଁ ବାକ୍ଟ୍ରିଅନ ଓଟ ଓ ନୂତନ ଭୈରବ ବାଟାଲିଅନ ମଧ୍ୟ ପରେଡରେ ମାର୍ଚ୍ଚ ପାଷ୍ଟ କରିବେ। ଏଥର ଫ୍ଲାଏପୋଷ୍ଟରେ ରାଫେଲ, ସୁଖୋଇ-୩୦ ଓ ଆପାଚେ ସମେତ ୨୯ଟି ବିମାନ ସାମିଲ ହେବ। କିନ୍ତୁ ଏଥର ତେଜସ ଅନୁପସ୍ଥିତ ରହିବ। ପରେଡରେ ତେଜସର ଅନୁପସ୍ଥିତି ସମ୍ପର୍କରେ ସୂଚନା ଦେଇ ପ୍ରତିରକ୍ଷା ସଚିବ ଆରକେ ସିଂ କହିଛନ୍ତି ଯେ, ସେମାନେ କିଛି ସର୍ବୋତ୍ତମ ପ୍ଲାଟଫର୍ମ ପ୍ରଦର୍ଶନ କରାଯାଉଛି। ଏଥିରେ କିଛି ସାମିଲ ରହିଛି ଓ ଆଉ କିଛି ବାଦ୍ ପଡ଼ିଛି। କିନ୍ତୁ ଏଥିପାଇଁ ନିର୍ଦ୍ଦିଷ୍ଟ କୌଣସି କାରଣ ନାହିଁ। ଗଣତନ୍ତ୍ର ଦିବସ ପରେଡ ଓ ବିଟିଂ ରିଟ୍ରିଟ୍ ସମାରୋହକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ଭବନର ଜାନୁଆରୀ ୨୧ରୁ ୨୯ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ।

### ଉତ୍ତର ଭାରତରେ ଶୀତ ଲହରୀ ଜାରି

# ଘନକୁହୁଡ଼ି ଯୋଗୁଁ ୩୫ ଦୁର୍ଘଟଣା; ୫ ମୃତ

ନୂଆଦିଲ୍ଲୀ, ୧୭ ।୧(ଏଜେନ୍ସି): ଦେଶର ସମଗ୍ର ଉତ୍ତରଭାଗରେ ଥଣ୍ଡା ଓ ଶୀତ ଲହର ଜାରି ରହିଛି। କଶ୍ମୀର ଓ ହିମାଚଳ ପ୍ରଦେଶର ଉଚ୍ଚ ସ୍ଥାନଗୁଡିକରେ ଶୁକ୍ରବାର ପୁଣି ତୁଷାରପାତ ହୋଇଛି। ଫଳରେ ଦିଲ୍ଲୀ, ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାଣା, ମଧ୍ୟପ୍ରଦେଶ, ବିହାର ଓ ଝାଡ଼ଖଣ୍ଡ ସମେତ ୧୨ଟି ରାଜ୍ୟରେ ଜବରଦସ୍ତ ଥଣ୍ଡା ଅନୁଭୂତ ହୋଇଛି। ୟୁପିର ୫୩ଟି ସହରରେ ଘନ କୁହୁଡି ଛାଇ ହୋଇ ରହିଛି। ଫଳରେ ୧୦ଟି ଜିଲ୍ଲାରେ ୩୫ଟି ଗାଡ଼ି ଧକ୍କା ହୋଇଛି। ଦୁର୍ଘଟଣାରେ ୫ ଜଣ ମୃତ୍ୟୁ ବରଣ କରିଥିବା ବେଳେ ୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ବନ୍ଦେ ଭାରତ ସମେତ ୧୦୦ରୁ ଅଧିକ ଟ୍ରେନ୍ ବିଳମ୍ବିତ ହୋଇଛି। ସେହିପରି ଥଣ୍ଡା କାରଣରୁ ନୋଏଡ଼ା, ଗ୍ରେଟର ନୋଏଡ଼ା, ସାହାରନପୁର, ବଦାୟୁଁ ଓ ସମ୍ଭଲରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରହିଛି। ଅମୃତସରରେ ଘନ କୁହୁଡି କାରଣରୁ ସକାଳ ୭ଟା ପର୍ଯ୍ୟନ୍ତ ଦୃଶ୍ୟମାନ ଦୂରତା ଶୁନ ଥିଲା। ଦିଲ୍ଲୀରେ ଘନ କୁହୁଡି କାରଣରୁ ଦୃଶମାନ ଦୂରତା ୨୦ ମିଟରରୁ କମ୍ ଥିଲା। ସେହିପରି ମଧ୍ୟପ୍ରଦେଶରେ ମନ୍ଦସୋରରେ ପାରା ୨.୫ ଡିଗ୍ରୀ ଥିଲା। ହରିୟାଣାର ଭିବାନୀରେ ତାପମାତ୍ରା ୧.୫ ଓ ପଞ୍ଜାବର ନବାଂସହରର ତାପମାତ୍ରା ୦.୯ ଡ୍ରିଗୀ ରେକର୍ଡ କରାଯାଇଛି। ସେହିପରି ଉତ୍ତରାଖଣ୍ଡର ଉଚ୍ଚ ସ୍ଥାନଗୁଡିକରେ ନଦୀ-ନାଳ ପୂର୍ବପରି ଜମି ରହିଛି। ଉତ୍ତରାଖଣ୍ଡର ୪ଟି ଜିଲ୍ଲାରେ ନଦୀ-ନାଳ ଓ ଝରଣା ଜମି ରହିଛି। ଏଥିରେ ପିଥୋରାଗଡ଼, ଚାମୋଲୀ, ଉତ୍ତରକାଶୀ ଓ ରୁଦ୍ରପ୍ରୟାଗ ଭଳି ଉଚ୍ଚ-ଉଚ୍ଚ ଅଞ୍ଚଳ ସମେତ ୪ଟି ଜିଲ୍ଲାରେ ନଦୀ, ଝରଣା ଜଳ ପ୍ରପାତ ଜମି ରହିଛି।

## ବରଫାବୃତ ହ୍ରଦରେ ଖସି ଦୁଇ ଯୁବକ ମୃତ

ଇଟାନଗର, ୧୭ ।୧(ଏଜେନ୍ସି): ଅରୁଣାଚଳ ପ୍ରଦେଶର ତୱାଙ୍ଗ ଜିଲ୍ଲାର ସେଲା ହ୍ରଦରେ ଶୁକ୍ରବାର କେରଳର ଦୁଇଜଣ ଯୁବକ ବୁଡିଯାଇ ମୃତ୍ୟୁବରଣ କରିଛନ୍ତି। ଶୁକ୍ରବାର ଜଣଙ୍କର ଓ ଶନିବାର ଆଉ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଛି। ଦୃଶ୍ୟମାନ ଦୂରତା କମ୍ ଥିବାରୁ ଡାଇଭରମାନଙ୍କୁ ମୃତଦେହ ଖୋଜି ପାଇବାରେ କଷ୍ଟ ହୋଇଥିଲା। ଦୁଇ ମୃତକ ହେଲେ ୨୬ ବର୍ଷୀୟ ଦିନୁ ଓ ୨୪ ବର୍ଷୀୟ ମହାଦେବ। ସେମାନେ ଆସାମର ଗୌହାଟୀ ଦେଇ ଅରୁଣାଚଳର ତୱାଙ୍ଗ ଯାତ୍ରା କରିଥିବା ଏକ ୭ଜଣିଆ ପର୍ଯ୍ୟଟକ ଦଳର ଅଂଶଥିଲେ। ଶୁକ୍ରବାର ଯୁବକଙ୍କର ଏହି ଦଳ ବରଫ ହ୍ରଦରେ ବୁଲୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଥଣ୍ଡା କାରଣରୁ ହ୍ରଦ ଜମି ଯାଇଥିଲା ଅର୍ଥାତ୍ ବରଫ ପାଲଟି ଯାଇଥିଲା। ବରଫ ଭାଙ୍ଗିଯିବା ଫଳରେ ଜଣେ ପାଣିକୁ ଖସି ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଦିନୁ ଓ ମହାଦେବ ହ୍ରଦକୁ ଡେଇଁ ପଡ଼ିଥିଲେ। ପ୍ରଥମେ ପଡ଼ିଥିବା ଯୁବକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। କିନ୍ତୁ ଦିନୁ ଓ ମହାଦେବ ପାଣି ଭାସି ଯାଇ ମୃତ୍ୟୁବରଣ କରିଥିଲେ।

## ପାକିସ୍ତାନରେ ଘନ କୁହୁଡ଼ି: ଦୁର୍ଘଟଣାରେ ୬ ଶିଶୁଙ୍କ ସମେତ ୧୪ ମୃତ

ଲାହୋର, ୧୭ ।୧(ଏଜେନ୍ସି): ପାକିସ୍ତାନର ପଞ୍ଜାବ ରାଜ୍ୟରେ ଘନ କୁହୁଡି ଯୋଗୁଁ ଏକ ବଡ଼ ସଡ଼କ ଦୁର୍ଘଟଣା ଘଟିଛି। ଯାତ୍ରୀମାନଙ୍କୁ ନେଇ ଯାଉଥିବା ଏକ ଟ୍ରକ ପୋଲ ଉପରୁ ଶୁଖିଲା କେନାଲକୁ ଖସି ପଡ଼ିବା ଫଳରେ ଏହି ଦୁର୍ଘଟଣା ଘଟିଛି। ଏଥିରେ ୬ ଜଣ ଶିଶୁଙ୍କ ସମେତ ୧୪ ଜଣଙ୍କର ମୃତ୍ୟୁ ଘଟିଛି ଓ ୯ ଜଣ ଆହତ ହୋଇଛନ୍ତି। କୁହୁଡି କାରଣରୁ ଘଟିଥିବା ଭିନ୍ନ ଭିନ୍ନ ଦୁର୍ଘଟଣାରେ ପାକିସ୍ତାନରେ ମୋଟ୍ ୩୨ ଜଣ ମୃତ୍ୟୁବରଣ କରିଛନ୍ତି। ଲାହୋରରୁ ପ୍ରାୟ ୨୦୦ କିମି ଦୂର ସରଗୋଧା ଜିଲ୍ଲାରେ କୋଟ ମୋମିନ ଅଞ୍ଚଳରେ ଶନିବାର ସକାଳେ ଏହି ଦୁର୍ଘଟଣା ଘଟିଥିଲା। ପଞ୍ଜାବ ସରକାରଙ୍କ ସୂଚନା ଅନୁଯାୟୀ ଗୋଟିଏ ପରିବାରର ମୋଟ୍ ୨୩ ଜଣ ଏକ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଇସ୍‌ଲାମାବାଦ୍‌ରୁ ଫୈସଲାବାଦ ଯାତ୍ରା କରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା।

## ଆତଙ୍କବାଦୀଙ୍କ ଟାର୍ଗେଟରେ ଦିଲ୍ଲୀ

ନୂଆଦିଲ୍ଲୀ, ୧୭ ।୧(ଏଜେନ୍ସି): ଗଣତନ୍ତ୍ର ଦିବସ ପାଳନ ପୂର୍ବରୁ ରାଜଧାନୀ ଦିଲ୍ଲୀରେ ଆତଙ୍କବାଦୀ ଆକ୍ରମଣ ହେବାର ଆଶଙ୍କା ରହିଛି ବୋଲି ଭାରତୀୟ ଗୁଇନ୍ଦା ସଂସ୍ଥାଗୁଡିକ ସତର୍କତା ଜାରି କରିଛନ୍ତି। ଗୁଇନ୍ଦା ବ୍ୟୁରୋ (ଆଇବି) ସହିତ ଜଡିତ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାଯାଇଛି ଯେ, ନିଷିଦ୍ଧ ଖଲିସ୍ତାନୀ ଓ ବାଂଲାଦେଶୀ ଆତଙ୍କବାଦୀ ସଂଗଠନଗୁଡିକ ଦିଲ୍ଲୀ ସମେତ ଦେଶର ଅନେକ ସହରଗୁଡିକୁ ଟାର୍ଗେଟ କରିବାକୁ ଚେଷ୍ଟା କରିପାରନ୍ତି। ପଞ୍ଜାବର କିଛି ଗ୍ୟାଙ୍ଗଷ୍ଟର ଖଲିସ୍ତାନୀ ଓ ବିଦେଶରୁ କାର୍ଯ୍ୟ କରୁଥିବା କିଛି ମୌଳବାଦୀ ହ୍ୟାଣ୍ଡଲର ପାଇଁ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ଏଜେଣ୍ଡା ତଥା ଆଭିମୁଖ୍ୟକୁ ଆଗକୁ ବଢ଼ାଇବା ଓ ଭାରତର ଆଭ୍ୟନ୍ତରୀଣ ସୁରକ୍ଷାକୁ ବିପର୍ଯ୍ୟସ୍ତ କରିବା ପାଇଁ ଆପରାଧିକ ନେଟୱର୍କକୁ ବ୍ୟବହାର କରୁଛନ୍ତି। ଏହି ଗ୍ୟାଙ୍ଗଷ୍ଟରମାନେ ହରିୟାଣା, ଦିଲ୍ଲୀ-ଏନ୍‌ସିଆର, ଉତ୍ତର ପ୍ରଦେଶ ଓ ରାଜସ୍ଥାନରେ ସକ୍ରିୟ ଅଛନ୍ତି ଓ ଧିରେ ଧିରେ ଖଲିସ୍ତାନୀ ଆତଙ୍କବାଦୀ ସଂଗଠନଗୁଡିକ ସହ ସମ୍ପର୍କ ଦୃଢ କରୁଛନ୍ତି।

# ପ୍ରଥମ ପର୍ଯ୍ୟାୟରେ ଇରାନରୁ ଫେରିଲେ ଭାରତୀୟ ଛାତ୍ରଛାତ୍ରୀ

■ ଦିଲ୍ଲୀ ବିମାନ ବନ୍ଦରରେ ପହଞ୍ଚିବା ପରେ କାନ୍ଦିଲେ
■ ଇରାନରେ ଭୟଙ୍କର ପରିସ୍ଥିତି



ନୂଆଦିଲ୍ଲୀ, ୧୭ ।୧(ଏଜେନ୍ସି): ସରକାର ବିରୋଧୀ ହିଂସ୍ରକ ଆନ୍ଦୋଳନ ଓ ଅରାଜକତା କାରଣରୁ ଇରାନରେ ଫସି ରହିଥିବା ଭାରତୀୟ ଛାତ୍ରମାନେ ପ୍ରଥମ ପର୍ଯ୍ୟାୟରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଛାତ୍ରମାନେ ଦିଲ୍ଲୀ ବିମାନ ବନ୍ଦରରେ ପହଞ୍ଚିଥିଲେ। ଏମାନଙ୍କ ମଧ୍ୟରେ ଅଧିକାଂଶ ଛାତ୍ର ଥିଲେ। କେତେକ ଭାରତ ସରକାରଙ୍କ ଉଦ୍ୟମରେ ଫେରିଥିବା ବେଳେ ଆଉ କେତେକ ନିଜ ଖର୍ଚ୍ଚରେ ଘରୋଇ ବିମାନରେ ଫେରିଥିଲେ। ବିମାନ ବନ୍ଦରରେ ଓହ୍ଲାଇବା ପରେ ଛାତ୍ରମାନେ ସେମାନଙ୍କ ପରିବାର ସଦସ୍ୟଙ୍କୁ ଆଲିଙ୍ଗନ କରିବା ସହ କାନ୍ଦି ପକାଇଥିଲେ। ଛାତ୍ରମାନଙ୍କୁ ନେଇ ପ୍ରଥମ ଦୁଇଟି ବାଣିଜ୍ୟିକ ବିମାନ ବିଳମ୍ବିତ ରାତିରେ ଅବତରଣ କରିଥିଲା। ଜାନୁଆରୀ ୧୫ରେ ଇରାନ ତା'ର ବାୟୁ ସୀମା ବନ୍ଦ କରିଥିଲା। ଫଳରେ ଭାରତରୁ କିଛି ବିମାନ ପ୍ରଭାବିତ ହୋଇଥିଲା। କିନ୍ତୁ ସ୍ଥିତି ସାମନ୍ୟ ହେବା ପରେ ବିମାନ ଚଳାଚଳ ଆରମ୍ଭ ହୋଇଥିଲା ଓ ଫଳରେ ଛାତ୍ରମାନେ ଭାରତ ଫେରିଥିଲେ। ଫେରିବା ପରେ ଛାତ୍ରମାନେ ଭାରତ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ। ତେହେରାନସ୍ଥିତ ଭାରତୀୟ ଦୂତାବାସ ପରାମର୍ଶ ଜାରି କରିଥିଲା ଓ ଇରାନରୁ ସ୍ଥାନାନ୍ତର ପାଇଁ ଭାରତୀୟ ତୀର୍ଥଯାତ୍ରୀ, ପର୍ଯ୍ୟଟକ, ଛାତ୍ର ଓ ବ୍ୟବସାୟୀଙ୍କ ସହିତ ଯୋଗାଯୋଗ ରକ୍ଷା କରିଥିଲା। ଏବେ ମଧ୍ୟ ଇରାନ୍‌ରେ ୯ ହାଜରରୁ ଊର୍ଦ୍ଧ୍ୱ ଭାରତୀୟ ନାଗରିକ ଫସି ରହିଛନ୍ତି।

ହିଂସା ସମୟରେ ସେମାନେ ଇରାନରେ କେଉଁ ପରିସ୍ଥିତିରେ ଫସି ରହିଥିଲେ, ତାହା ସେମାନେ ବର୍ଣ୍ଣାନା କରିଥିଲେ। ଜମ୍ମୁ-କଶ୍ମୀରର ଜଣେ ଛାତ୍ର କହିଛନ୍ତି ଯେ, ଇରାନରେ ପରିସ୍ଥିତି ବହୁତ ଖରାପ। ସେଠାରେ ହିଂସ୍ରକ ଓ ବିପଜ୍ଜନକ ପ୍ରତିବାଦ ହେଉଛି। ଜଣେ ଡାକ୍ତରୀ ଛାତ୍ରୀ ଅର୍ଶ ଡାହର କହିଛନ୍ତି ଯେ, ଭାରତୀୟ ଦୂତାବାସ ତାଙ୍କ ସହ ଯୋଗାଯୋଗ କରିଥିଲା। କିନ୍ତୁ ସେ ଏକ ଘରୋଇ ବିମାନରେ ନିଜ ଖର୍ଚ୍ଚରେ ଦିଲ୍ଲୀ ଆସିଛନ୍ତି। ଆଉ ଜଣେ କହିଛନ୍ତି ଯେ, ସେଠାରେ ଆମେ ଗୋଟିଏ ମାସ ଧରି ଫସି ରହିଥିଲୁ। ଗୋଟିଏ କିମ୍ବା ଦୁଇ ସପ୍ତାହ ପରେ ସମସ୍ୟା ଆରମ୍ଭ ହୋଇଥିଲା। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ, ଆମେ ନିଜ ନାଗରିକଙ୍କୁ ସହାୟତା କରିବା ପାଇଁ ସବୁ ପ୍ରକାର ପ୍ରୟାସ ଜାରି ରଖିଛୁ। ଭାରତୀୟଙ୍କୁ ବର୍ତ୍ତମାନ ଇରାନ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ବିଦେଶ ମନ୍ତ୍ରଣାଳୟ ଏ ନେଇ ହେଲ୍ପ ଲାଇନ ଜାରି କରିଛି।

ଇରାନ୍‌ରେ ପାଖାପାଖି ଗତ ଦୁଇ ସପ୍ତାହ ଧରି ଜାରି ରହିଥିବା ହିଂସାରେ ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଛନ୍ତି। ଇରାନ ମୁଦ୍ରା 'ରିୟାଲ'ର ମୂଲ୍ୟ ଐତିହାସିକ ଭାବେ ତଳକୁ ଖସିବା ଓ ସୃଷ୍ଟି ହୋଇଥିବା ଦରଦାମ ବୃଦ୍ଧି କାରଣରୁ ଡିସେମ୍ବର ୨୮ ରୁ ବିରୋଧ ପ୍ରଦର୍ଶନ ତଥା ଆନ୍ଦୋଳନ ଆରମ୍ଭ ହୋଇଛି। ଦେଶରୁ ସବୁ ୩୧ଟି ରାଜ୍ୟରେ ଏହି ଆନ୍ଦୋଳନର ନିଆଁ ବ୍ୟାପିଛି ଓ ସ୍ଥିତି ଅଣାୟାତ ହୋଇଛି। ଅଧିକାଂଶ ଲୋକ ଗୁଳି ବାଜିବା କାରଣରୁ ମୃତ୍ୟୁ ବରଣ କରିଛନ୍ତି।

# ଇରାନରେ ନରସଂହାର କରୁଛି ଭଡ଼ାଟିଆ ସେନା

ତେହରାନ, ୧୭।୧ (ଏଜେନ୍ସି): ଇରାନରେ ଇସଲାମିକ ସରକାରକୁ ଭୁଶୁଡ଼ାଇବା ପାଇଁ ଚାଲିଥିବା ଆନ୍ଦୋଳନକୁ ଦମନ କରାଗଲାଣି। ଦେଖିବା ମାତ୍ରେ ଆନ୍ଦୋଳନକାରୀଙ୍କ ଉପରେ ଗୁଳି କରାଯାଉଛି। ଅନେକଙ୍କୁ ଗିରଫ କରାଯାଇଛି। ସହାୟତା ଦେବାକୁ କହିଥିବା ଆମେରିକା ଚୁପ୍ ହୋଇ ରହିଛି। ଆରବ ଦେଶଗୁଡ଼ିକର ଚାପରେ ୱାସିଂଟନ ଇରାନରେ ଆକ୍ରମଣ କରିନାହିଁ ବୋଲି କୁହାଯାଉଛି। ମାତ୍ର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ଖଣ୍ଡନ କରିଦେଇଛନ୍ତି। ସେ ନିଜେ ନିଜକୁ ବୁଝାଇ ଥିବା କହିଛନ୍ତି। ତେବେ ଆମେରିକା ରାଷ୍ଟ୍ରପତି ଆନ୍ଦୋଳନକାରୀଙ୍କୁ ଉସୁକାଇ ତାଙ୍କ ହତ୍ୟାର କାରଣ ପାଲଟିଛନ୍ତି। ଇରାନର ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ ଖାମନେଇ ବିକ୍ଷୋଭକାରୀଙ୍କୁ ଦମନ କରିବା ପାଇଁ ଗୁଳି ମାଡ଼ କରିବାକୁ ସେନାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସେନା ଏପରି କରିବାକୁ ମନା କରିଦେଇଥିଲା। ଏହା ପରେ ଖାମନେଇ ଭଡ଼ାରେ ଆତଙ୍କବାଦୀ ସଂଗଠନର ସଦସ୍ୟଙ୍କୁ ଆଣି ନରସଂହାର କରିଥିଲେ। ନିଜ ଦେଶର ହଜାର ହଜାର ନାଗରିକଙ୍କ ଜୀବନ ନେଇଥିଲେ। ଏଥିପାଇଁ ସିଆ ଆତଙ୍କବାଦୀ ସଂଗଠନ ଗୁଡ଼ିକର ସହାୟତା ନିଆଯାଇଥିଲା। ଧାର୍ମିକ ଯାତ୍ରା ନାମରେ ଇରାକରୁ ୫ ହଜାର ସଦସ୍ୟଙ୍କୁ ଡକା ଯାଇଥିଲା। ଏମାନଙ୍କ ମଧ୍ୟରୁ କିଛି ହିଜବୁଲ୍ଲା ସହ ଜଡ଼ିତ ଅଛନ୍ତି। ଏହି ଭଡ଼ାଟିଆ ଆତଙ୍କବାଦୀ ଖାମନେଇଙ୍କ ନିର୍ଦ୍ଦେଶରେ ଆନ୍ଦୋଳନକାରୀଙ୍କ ଉପରେ ଗୁଳି ଚଳାଇ ଥିଲେ। ଫଳରେ ଅଚାନକ ମୃତ୍ୟୁସଂଖ୍ୟା ବଢ଼ିଥିଲା। ଏହା ଦେଖି ବିକ୍ଷୋଭ ଶାନ୍ତ ହେବାରେ ଲାଗିଥିଲା। ସରକାରୀ ଭାବେ ଆନ୍ଦୋଳନ ଜନିତ ମୃତ୍ୟୁସଂଖ୍ୟା ୩,୫୦୦ କୁହାଯାଇଛି। ମାତ୍ର ଅନ୍ୟ ରିପୋର୍ଟରେ ୧୨ ହଜାରରୁ ଅଧିକ ପ୍ରାଣ ହରାଇଥିବା ରିପୋର୍ଟ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଆନ୍ଦୋଳନକାରୀଙ୍କ ପ୍ରତି ଅନୁକମ୍ପା ନ ଦେଖାଇ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଖାମନେଇ ଚାହୁଁଥିଲେ। ସେଥିପାଇଁ ସେ ଇରାନ ଦକ୍ଷିଣ ସୀମା ସ୍ଥିତ ଇରାକ ରାଜ୍ୟ ମାୟସାନ ଏବଂ ବାସିତରୁ ଏହି ଆତଙ୍କବାଦୀଙ୍କୁ ଅଣା ଯାଇଥିଲା। ଏହି ଭଡ଼ାଟିଆ ସଦସ୍ୟ ସଶସ୍ତ୍ର ସଂଗଠନ ସହ ଜଡ଼ିତ ଥିଲେ। ଏମାନେ ଆତଙ୍କବାଦୀ ଗୋଷ୍ଠୀ ହିଜବୁଲ୍ଲାହ, ହରକତ ହିଜବୁଲ୍ଲାହ, ଅଲ-ନୁଜାବା, କତାଇବ ସୈଦ ଅଲ-ସୁହାଦା ଏବଂ ବଦ୍ର ସଂଗଠନ ସହ ଜଡ଼ିତ। ଏହି ସବୁ ଗୋଷ୍ଠୀ ତେହେରାନର ଆନୁଗତ୍ୟ। ଇରାନର ରିଭୋଲ୍ୟୁସନାରୀ ଗାର୍ଡ ଏହି ସଂଗଠନ ଗୁଡ଼ିକୁ ଅର୍ଥ ଦେଉଛି। ଗତ ୧୧ ତାରିଖରେ ଏହି ୫ ହଜାର ସଦସ୍ୟଙ୍କୁ ୬୦ରୁ ଅଧିକ ୫୦ ସିଟ୍ ବିଶିଷ୍ଟ ବସ୍‌ରେ ଇରାନ ଅଣାଯାଇଥିଲା। ଏମାନଙ୍କୁ ସରକାରୀ କୋଠା, ସେନା ମୁଖ୍ୟାଳୟ ଆଦି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ମୁତୟନ କରାଯାଇଥିଲା।

## ମୁର୍ଶିଦାବାଦ୍ ହିଂସା ଯୋଗୁଁ ବିପଦରେ 'ଚିକେନ ନେକ୍'

କୋଲକାତା, ୧୭ ।୧(ଏଜେନ୍ସି): ପଶ୍ଚିମବଙ୍ଗର ମୁର୍ଶିଦାବାଦ୍‌ରେ ଚାଲିଥିବା ହିଂସ୍ରକ ବିକ୍ଷୋଭ ପ୍ରଦର୍ଶନ କାରଣରୁ ଚିକେନ ନେକ୍ କୁହାଯାଉଥିବା ସିଲିଗୁଡ଼ି କରିଡର ବିପଦରେ ପଡ଼ିଛି। ଝାଡ଼ଖଣ୍ଡରେ ଜଣେ ପ୍ରବାସୀ ଶ୍ରମିକ ଆଲାଉଦ୍ଦିନ ଶେଖଙ୍କ ସନ୍ଦେହଜନକ ମୃତ୍ୟୁ ଓ ପରେ ତାଙ୍କ ମୃତଦେହ ଫେରିବା ପରେ ମୁର୍ଶିଦାବାଦ୍‌ରେ ବ୍ୟାପକ ହିଂସା ସୃଷ୍ଟି ହୋଇଛି। ତାଙ୍କୁ ପିଟିପିଟ ହତ୍ୟା କରାଯାଇଛି ବୋଲି ଆଲାଉଦ୍ଦିନଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ବିକ୍ଷୋଭକାରୀମାନେ ଏନ୍‌ଏଚ୍-୧୨ଓ ରେଳଲାଇନ୍‌କୁ ବନ୍ଦ କରିଦେଇଛନ୍ତି। ଏଠାରେ ଏକ ପ୍ରକାର ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାରୁ ସିଲିଗୁଡି କରିଡର ବିପଦରେ ପଡ଼ିଛି ବୋଲି ବିଜେପି ତରଫରୁ କୁହାଯାଉଛି। ପଶ୍ଚିମବଙ୍ଗରୁ ହିଁ ମୁର୍ସିଦାବାଦ୍ ଦେଇ ସିଲିଗୁଡି ଓ ଉତ୍ତରପୂର୍ବକୁ ଯିବାକୁ ହୋଇଥାଏ। ଫଳରେ ଏହି ହିଂସା ଏବେ ଉତ୍ତରପୂର୍ବ ରାଜ୍ୟଗୁଡିକ ବିଚ୍ଛିର୍ଣ୍ଣ କରିବାର ଆଶଙ୍କା ସୃଷ୍ଟି କରିଛି।

## ପୁଣି ମମତାଙ୍କୁ ମୋଦୀଙ୍କ ଟାର୍ଗେଟ

ମାଲଦା, ୧୭ ।୧(ଏଜେନ୍ସି): ପଶ୍ଚିମବଙ୍ଗର ମାଲଦାରେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ପୁରଣା କଥାକୁ ଦୋହରାଇଛନ୍ତି। ପଶ୍ଚିମବଙ୍ଗ ପାଇଁ ଏବେ ଅନୁପ୍ରବେଶ ମୁଖ୍ୟ ସମସ୍ୟା ତଥା ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି ବୋଲି ସେ କହିଛନ୍ତି। ରାଜ୍ୟର ଏକାଧିକ ଅଞ୍ଚଳରେ ଜନସଂଖ୍ୟାର ସନ୍ତୁଳନ ବିପର୍ଯ୍ୟସ୍ତ ହେଉଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଅନୁପ୍ରବେଶକାରୀଙ୍କୁ ଭୋଟରର ମାନ୍ୟତା ପ୍ରଦାନ କରୁଛି। ଫଳରେ ଗରିବ ଲୋକ ସେମାନଙ୍କ ଅଧିକାରରୁ ବଞ୍ଚିତ ହେଉଛନ୍ତି। କିନ୍ତୁ ରାଜ୍ୟରେ ବିଜେପି ସରକାର ଗଠନ ହେବା ମାତ୍ରେ ଅନୁପ୍ରବେଶକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଆୟୁଷ୍ମାନ ଯୋଜନା ବିଷୟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଟିଏମ୍‌ସି ଆପଣଙ୍କ ଦୁଃଖ ବିଷୟରେ ଚିନ୍ତିତ ନୁହେଁ। ଆୟୁଷ୍ମାନ ଯୋଜନା ଏଠାରେ କାର୍ଯ୍ୟକାରୀ କରାଯାଉନାହିଁ। ଏଭଳି କଠୋର ହୃଦୟର ସରକାରଙ୍କୁ ରାଜ୍ୟରୁ ହଟାଇବା ଜରୁରୀ ହୋଇପଡ଼ିଛି ବୋଲି ସେ କହିଛନ୍ତି। ସେପଟେ ଶନିବାର ବିଜେପି ତରଫରୁ ସାମ୍ବାଦିକ ସମ୍ମିଳନୀ କରାଯାଇ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସମାଲୋଚନା କରାଯାଇଛି। ବିଜେପି ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି ଯେ, ମମତା ୧୦ ହଜାର ଟଙ୍କାରେ ବାଂଲାଦେଶୀ ଓ ରୋହିଙ୍ଗ୍ୟାଙ୍କୁ ନାଗରିକତା ପ୍ରଦାନ କରୁଛନ୍ତି।

## ସାବତ ପୁଅଙ୍କୁ ଯୌନ ଶୋଷଣ କରିବା ଅଭିଯୋଗରେ ନର୍ସଙ୍କୁ ୨ ବର୍ଷ ଜେଲ

ଫ୍ଲୋରିଡା, ୧୭ ।୧(ଏଜେନ୍ସି): ଆମେରିକା ଫ୍ଲୋରିଡ଼ାରେ ଜଣେ ନର୍ସ ନିଜ ୧୫ ବର୍ଷର ସାବତ୍ ପୁଅଙ୍କୁ ଯୌନ ଶୋଷଣ କରିବା ଅଭିଯୋଗରେ ଦଣ୍ଡିତ କରାଯାଇଛି। ଏହି ନର୍ସ ହେଉଛନ୍ତି ୩୫ ବର୍ଷୀୟା ଆଲେକ୍ସିସ ଭନ ୟେଟ୍ସ। ତାଙ୍କୁ ୨ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି ଓ ତାଙ୍କ ଲାଇସେନ୍ସକୁ ମଧ୍ୟ ରଦ୍ଦ କରାଯାଇଛି। ୨୦୨୪ ଜୁଲାଇରେ ତାଙ୍କ ସ୍ୱାମୀ ଫ୍ରାଙ୍କ୍ ଆଲେକ୍ସିସଙ୍କୁ ନିଜ ନାବାଳକ ପୁଅଙ୍କ ସହ ସୋଫାରେ ଯୌନ ସମ୍ପର୍କ ସ୍ଥାପନ କରୁଥିବାର ଦେଖିଥିଲେ ଓ ଏ ନେଇ କୋର୍ଟଙ୍କୁ ଅବଗତ କରାଇଥିଲେ। ଏଥିରେ କ୍ରୋଧିତ ହୋଇ ସେ ପତ୍ନୀଙ୍କ ସହ ଝଗଡ଼ା କରିଥିଲେ ଓ ପୁଲିସରେ ଅଭିଯୋଗ କରିଥିଲେ। ୨୦୨୫ ସେପ୍ଟେମ୍ବରରେ ୟେଟ୍ସଙ୍କୁ ଜେଲ୍ ପଠାଯାଇଥିଲା। ୟେଟ୍ସଙ୍କ ସ୍ୱାମୀ ଗତମାସରେ ଛାଡ଼ପତ୍ର ପାଇଁ ଆବେଦନ କରିଥିଲେ। ପୁଅ ଗ୍ରୀଷ୍ମଋତୁରେ ବାପାଙ୍କୁ ଭେଟିବାକୁ ଆସିଥିଲା। କିନ୍ତୁ ୟେଟ୍ସ ନିଜର ଦୁଇ ଛୋଟ ପିଲାଙ୍କୁ ଶୁଆଇବା ପରେ ସାବତ ପୁଅଙ୍କ ସହ ସମ୍ପର୍କ ରଖିଥିଲେ ବୋଲି ପୁଲିସ କହିଛି।

# ମହାରାଷ୍ଟ୍ର: ୨୯ ରୁ ବିଜେପି ଦଖଲରେ ୧୭ଟି ପୌରପାଳିକା



ମୁମ୍ବାଇ ପାଇଁ ଉଦ୍ଧବ-ସିନ୍ଦେ ମୁହାଁମୁହିଁ
ହୋଟେଲରେ ରହିଲେ ଶିବ ସେନା କର୍ପୋରେଟର

ମୁମ୍ବଇ, ୧୭ ।୧(ଏଜେନ୍ସି): ମହାରାଷ୍ଟ୍ର ପୌର ନିର୍ବାଚନରେ ବିଜେପି ବୃହତ ବିଜୟ ହାସଲ କରିଛି। ରାଜ୍ୟର ୨୯ଟି ପୌର ପାଳିକାରୁ ବିଜେପି ଏକାକି ୧୭ଟିକୁ ନିଜ ଦଖଲକୁ ଆଣିଛି। ଅର୍ଥାତ ଏହି ପୌରପାଳିକାଗୁଡିକରେ ବିଜେପିର ହିଁ ମେୟର ନିର୍ବାଚିତ ହେବା ନିଶ୍ଚିତ ହୋଇଛି। ସେହିପରି ବିଜେପି ନେତୃତ୍ୱାଧୀନ ମହାୟୁତି ମେଣ୍ଟ ୮ଟି ପୌର ପାଳିକାରେ ବାଜିମାରିଛି। ଫଳରେ ବିଜେପି ମୋଟ୍ ୨୫ଟି ପୌରପାଳିକାକୁ ନିଜ ନିୟନ୍ତ୍ରଣରେ ରଖିବାକୁ ସକ୍ଷମ ହୋଇଛି। ବିଜେପି- ଶିବସେନା (ସିନ୍ଦେ) ମେଣ୍ଟ ଉଦ୍ଧବ ଠାକରେଙ୍କଠାରୁ ବିଏମ୍‌ସି ଛଡ଼ାଇ ନେଇଛି। ଗତ ୩ ଦଶନ୍ଧି ଧରି ବିଏମ୍‌ସିରେ ଶିବସେନାର ପ୍ରାଧାନ୍ୟ ରହିଆସିଥିଲା ଓ ଏବେ ଏହା ଶେଷ ହୋଇଛି। ମୋଟ୍ ଉପରେ ୮୯ଟି ଆସନ ଜିତି ବିଜେପି ବୃହତ୍ତମ ଦଳ ଭାବେ ଉଭା ହୋଇଛି। ରାଜ୍ୟ ନିର୍ବାଚନ କମିସନ ଦ୍ୱାରା ଘୋଷିତ ଚୂଡାନ୍ତ ଫଳାଫଳ ଅନୁଯାୟୀ, ବିଜେପି ଓ ତା'ର ସହଯୋଗୀ ୨୯ଟି ପୌରପାଳିକାର ୨,୮୬୯ ଆସନରୁ ୧,୪୨୫ ଆସନ ଜିତିଛି। ସେହିପରି ଶିବସେନା ୩୯୯, କଂଗ୍ରେସ ୩୨୪, ଏନ୍‌ସିପି ୧୬୭, ଶିବସେନା (ୟୁବିଟି) ୧୫୫, ଏନ୍‌ସିପି (ଏସ୍‌ପି) ୩୬, ଏମ୍‌ଏନ୍‌ଏସ୍ ୧୩, ବିଏସ୍‌ପି ୬, ଏସ୍‌ଇସି ପଞ୍ଜିକୃତ ଦଳ ୧୨୯, ଅଣସ୍ୱୀକୃତିପ୍ରାପ୍ତ ଦଳ ୧୯୬ ଏବଂ ସ୍ୱାଧୀନ ପ୍ରାର୍ଥୀ ୧୯ଟି ଆସନରେ ବିଜୟ ହାସଲ କରିଛନ୍ତି।

ତେବେ ସମସ୍ତଙ୍କର ନଜର ରହିଛି ମୁମ୍ବାଇ ଉପରେ। ନିର୍ବାଚନରେ ପରାଜୟ ବରଣ କରିଥିବା ଉଦ୍ଧବ ଠାକରେଙ୍କ ଶିବସେନା ବୃହାନମୁମ୍ବାଇ ପୌର ନିଗମ ମେୟର ହାତେଇବା ଲାଗି ଯୋଜନା କରିଥିବା ଜଣାପଡ଼ିଛି। ପରାଜୟ ସତ୍ତ୍ୱେ ଠାକରେଙ୍କ ଏହି ଯୋଜନା ଯୋଗୁଁ ଶିବ ସେନାର ସିନ୍ଦେ ଗୋଷ୍ଠୀରେ ଛନକା ପଶିଛି। ତେଣୁ ତାଙ୍କର ୨୯ ଜଣ କର୍ପୋରେଟରଙ୍କୁ ତାଜ ହୋଟେଲରେ ଲୁଚାଇ ରଖିଛନ୍ତି। ୨୨୭ ସଭ୍ୟ ବିଶିଷ୍ଟ ନିଗମରେ ବିଜେପିକୁ ସର୍ବାଧିକ ୮୯ ଆସନ ମିଳିଥିବା ବେଳେ ଠାକରେଙ୍କ ସେନାକୁ ମିଳିଛି ୬୫ଟି ଆସନ। ସିନ୍ଦେଙ୍କୁ ମିଳିଛି ୨୯ ।ସିନ୍ଦେଙ୍କ ସହାୟତାରେ ବିଜେପି ମେୟର ପଦବୀ ପାଇବା ନିଶ୍ଚିତ। କିନ୍ତୁ ସିନ୍ଦେଙ୍କ ସେନାରେ ବିଭାଜନ ଘଟାଇବାକୁ ଯୋଜନା କରିଛନ୍ତି ଠାକରେ। ଏହି ନିର୍ବାଚନରେ କଂଗ୍ରେସ ମେଣ୍ଟକୁ ୨୪ଟି ଆସନ ମିଳିଥିବା ବେଳେ ଓୱେସିଙ୍କ ଏଏମଆଇଏମକୁ ମିଳିଛି ୮ ଆସନ। ସେହିଭଳି ରାଜ ଠାକରେଙ୍କ ସେନାକୁ ମିଳିଛି ୬ ଆସନ।

# ଗୋଆରେ ଦୁଇ ରୁଷୀୟ ମହିଳାଙ୍କୁ ଗଳା କାଟି ହତ୍ୟା କଲା ରୁଷ ନାଗରିକ

ପଣଜୀ, ୧୭ ।୧(ଏଜେନ୍ସି): ଗୋଆରେ ଦୁଇଜଣ ରୁଷୀୟ ମହିଳାଙ୍କୁ ହତ୍ୟା କରାଯାଇଥିବାର ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ଶୁକ୍ରବାର ଦୁଇଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହି ଦୁଇ ମହିଳାଙ୍କ ହତ୍ୟା ମାମଲାରେ ପୁଲିସ ଜଣେ ୩୭ ବର୍ଷୀୟ ରୁଷିଆ ନାଗରିକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଉଛନ୍ତି ଆଲେକ୍ସି ଜିଓନୋଭ। ଦୁଇ ମୃତ ମହିଳା ହେଲେ ୩୭ ବର୍ଷୀୟା ଏଲେନା କାଷ୍ଟାନାନୋଭା ଓ ୩୭ ବର୍ଷୀୟା ଏଲେନା ଭାନେଭା। ଉଭୟ ମହିଳାଙ୍କୁ ସମାନ ଢଙ୍ଗରେ ଗଳାକାଟି ହତ୍ୟା କରାଯାଇଛି ବୋଲି ପୁଲିସ କହିଛି। ଏମାନଙ୍କ ହାତ ଶରୀର ପଛ ପଟେ ବନ୍ଧା ଯାଇଥିଲା। ପୂର୍ବରୁ ଗୁରୁବାର ରାତିରେ ଗୋଆର ଆରାମ୍ବୋଲରର ଏକ ଭଡ଼ା ଘରୁ ଅଭିଯୁକ୍ତଙ୍କ ଲିଭ୍ ଇନ୍ ପାର୍ଟନର ଏଲେନା କାଷ୍ଟାନାନୋଭାଙ୍କ ମୃତଦେହ ଉଦ୍ଧାର କରାଯିବା ପରେ ମାମଲାଟି ସାମ୍ନାକୁ ଆସିଥିଲା। ଘର ମାଲିକଙ୍କ ଅନୁଯାୟୀ ଘଟଣାଟି ରାତି ୧୧ଟାରେ ଘଟିଥିଲା। ପୁଲିସ ଘଟଣାସ୍ଥଳରୁ ୮ କିମି ଦୂରରେ ମୋର୍ଜିମ ଅଞ୍ଚଳରେ ଆଉ ଜଣେ ରୁଷୀୟ ମହିଳାଙ୍କ ଭାନେଭାଙ୍କୁ ହତ୍ୟା କରାଯାଇଥିବାର ସୂଚନା ପାଇଥିଲା। ତଦନ୍ତ ପରେ ଜଣା ପଡ଼ିଛି ସେ ଭାନେଭା ଅଭିଯୁକ୍ତ ଓ କାଷ୍ଟାନାନୋଭା ଉଭୟଙ୍କ ବନ୍ଧୁ ଥିଲେ। ପୁଲିସ ଦେଇଥିବା ବୟାନ ଅନୁଯାୟୀ, କାଷ୍ଟାନାନୋଭା ଓ ଅଭିଯୁକ୍ତ ପ୍ରାୟ ଏକମାସ ଧରି ଏକ କୋଠାରୀରେ ଭଡ଼ାରେ ରହୁଥିଲେ। କିନ୍ତୁ ଜାନୁଆରୀ ୧୪ରେ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। କାଷ୍ଟାନାନୋଭା ପାଖରେ

## ୮ କିମି ଦୂରରେ ମିଳିଲା ମୃତଦେହ

ରହୁଥିବା ଅନ୍ୟ ଜଣେ ରୁଷୀୟ ମହିଳାଙ୍କୁ ହସ୍ତକ୍ଷେପ କରିବାକୁ କହିଥିଲେ। କିନ୍ତୁ ସେ ମନା କରିଦେଇଥିଲେ। ହତ୍ୟା ପରେ ଅଭିଯୁକ୍ତ ବାଲକୋନୀ ଡେଇଁ ଚାଲିଯାଇଥିଲା। ଏହପରେ ଅଭିଯୁକ୍ତ ଜାନୁଆରୀ ୧୫ରେ ସନ୍ଧ୍ୟାରେ ପ୍ରାୟ ୮ କିମି ଦୂର ମୋର୍ଜିମ ଗାଁକୁ ଯାଇ ଭାନିଭାଙ୍କୁ ହତ୍ୟା କରିଥିଲେ। ଅଭିଯୁକ୍ତ ଆଲେକ୍ସି ଜିଓନୋଭ କାହିଁକି ଦୁଇ ମହିଳାଙ୍କୁ ହତ୍ୟା କରିଛନ୍ତି, ସେନେଇ ପୁଲିସ ତଦନ୍ତ କରୁଛି। ଏବେ ଏହି ଘଟଣା ରୁଷୀୟ



ପର୍ଯ୍ୟଟକଙ୍କ ଭ୍ରମଣ ହେଉଥିବା ଅଞ୍ଚଳରେ ରହୁଥିବା ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି। ଅଧିକ ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି

### କେନ୍ଦୁଝରର ପୁଲିସର ଧରପଗଡ଼ ଅଭିଯାନ

# ଗୋରୁମାଫିଆଙ୍କ ୫୦ କୋଟିର ସଂପତ୍ତି ଠାବ

କେନ୍ଦୁଝର/ବାରିପଦା/ରାଇରଙ୍ଗପୁର/ଭଦ୍ରକ/ଯାଜପୁର/ଆନନ୍ଦପୁର/ତୁରୁମୁଙ୍ଗା/କରଞ୍ଜିଆ/ବିଶୋଇ/ତେଲକୋଇ,୧୭ ।୧(ସମିସ): ଅବୈଧ ଗୋ-ଚାଲାଣ ବିରୋଧରେ କେନ୍ଦୁଝର ପୁଲିସ ବଡ଼ଧରଣର ଅଭିଯାନ ଆରମ୍ଭ କରିଛି । କେନ୍ଦୁଝର ଜେଏମ୍ଏଫ୍‌ସି କୋର୍ଟଙ୍କ ଆଦେଶ ବଳରେ



ଆଜି ଭୋର୍‌ରେ କେନ୍ଦୁଝର ପୁଲିସର ପାଖାପାଖି ୬୫ଟି ଟିମ୍ କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର ଓ ଖୋର୍ଦ୍ଧା ଜିଲ୍ଲାର ୪୬ଟି ସ୍ଥାନରେ ଚଢ଼ଉ କରିଛି । ବିଶେଷକରି ଗୋରୁ-ମାଫିଆଙ୍କ ଘରେ ଚଢ଼ଉ କରାଯାଇଥିଲା । ଚଢ଼ଉ ବେଳେ ପୁଲିସ ୯ଜଣ ଗୋ-ମାଫିଆଙ୍କୁ ଅଟକ ରଖିବା ସହ ସେମାନଙ୍କର ଅଚଳାଚଳ ସମ୍ପତ୍ତି ଠାବ କରିଛି । ଠାବ ସଂପତ୍ତି ମଧ୍ୟରେ ୧ କୋଟିରୁ ଊର୍ଦ୍ଧ୍ୱ ନଗଦ ଟଙ୍କା, କେଜିଏରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର, ୩କେଜିରୁ ଊର୍ଦ୍ଧ୍ୱ ରୁପା ଅଳଙ୍କାର, ପାଖାପାଖି ୨୫ଟି ଦାମୀ କାର୍ ଓ ବାଇକ୍, ବହୁତଳ କୋଠା, ସପିଂ ମଲ୍ ଓ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଛି । ଏସବୁ ସଂପତ୍ତିର ମୋଟ ମୂଲ୍ୟ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି କେନ୍ଦୁଝର ପୁଲିସ କହିଛି । ଦୁଇଜଣ ଅତିରିକ୍ତ ପୁଲିସ ଅଧୀକ୍ଷକଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ଉରେ ୫ଜଣ ଡିଏସ୍‌ପି, ୨୫ ଇନ୍ସପେକ୍ଟର୍, ୩୬ ଏସ୍‌ଆଇ ଏବଂ ଏଏସ୍‌ଆଇଙ୍କ ସମେତ ୧୮ ପ୍ଲାଟୁନ୍ ଫୋର୍ସ ସାମିଲ ଥିଲେ ।

- ୫ ଜିଲ୍ଲାର ୪୬ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ଉ; ୯ ଅଟକ
- ଠାବ ସଂପତ୍ତିରେ କେଜିଏ ସୁନା, ୩ କେଜି ରୁପା, ବହୁତଳ କୋଠା, ସପିଙ୍ଗ ମଲ୍

ଅଟକ ଅଭିଯୁକ୍ତମାନେ ହେଲେ, ଭଦ୍ରକ ଟାଉନ୍ ଥାନା ଅଞ୍ଚଳର ଶେଖ ରାଜନ ଓରଫ୍ ତାଜୁଦ୍ଦିନ, କେନ୍ଦୁଝର ଘଟଗାଁ ଥାନା ସାନ୍ତରାପୁର ଟିପୁ ସୁଲତାନ, ତୁରୁମୁଙ୍ଗା ଥାନା ଅଞ୍ଚଳର କୁନୁ ସାହୁ, ମଣ୍ଟୁ ଓରଫ୍ ଅର୍ଜୁନ ସାହୁ, ସିପୁ ସାହୁ, ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅଞ୍ଚଳର ଟୁନା ଓରଫ୍ ମୃତ୍ୟୁଞ୍ଜୟ ମହାପାତ୍ର, ଖଇରପୋଖରିଆର ଥାନା ଅଞ୍ଚଳର ସୁଜିତ୍ ମହାନ୍ତି, କୁନୁ ପଠାନ୍ ଓରଫ୍ ଶେଖ ଆକବର, ହରିଚନ୍ଦନପୁର ଥାନା ଜାମୁଯୋଡ଼ି ଗ୍ରାମର ନାସିର, ମୟୂରଭଞ୍ଜ ଜିଲ୍ଲା ତେଣ୍ଟୋପଶି ଗ୍ରାମର ଶେଖ ନଇମ । ସେମାନଙ୍କୁ ପଚରାଉଚରା କରାଯାଉଛି । କେନ୍ଦୁଝର ଜିଲ୍ଲା ଦୈତାରୀ ଥାନାରେ ଆନିମଲ୍ କ୍ରୁଏଲିଟି ଆକ୍ଟ ଆଧାରରେ ରୁଜୁ ମାମଲା (୧୦୭/୨୫) ଏବଂ କେନ୍ଦୁଝର ଜେଏମ୍ଏଫ୍‌ସି କୋର୍ଟଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଉପରୋକ୍ତ ବ୍ୟକ୍ତିବିଶେଷଙ୍କ ଘର ଉପରେ ଚଢ଼ଉ କରାଯାଇଥିଲା ।

### ପରିଚାଳନା କମିଟିରେ ଏସ୍‌ଓପି ଚୂଡ଼ାନ୍ତ

# ସରକାରଙ୍କ ଅନୁମୋଦନ ପରେ ରତ୍ନ ଅଳଙ୍କାର ଗଣତିମଣତି

ପୁରୀ,୧୭।୧(ସମିସ): ଶନିବାର ପରିଚାଳନା କମିଟି ବୈଠକରେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତି ପାଇଁ ଏସ୍‌ଓପି ଚୂଡ଼ାନ୍ତ ହୋଇଛି । ପୂର୍ବରୁ ପ୍ରସ୍ତୁତ ୧୧ ପୃଷ୍ଠାର ଚିଠା ମାର୍ଗଦର୍ଶିକାକୁ ପରିଚାଳନା କମିଟି ଅନୁମୋଦନ ଦେଇଛି । ଏହି ମାର୍ଗଦର୍ଶିକାକୁ ରାଜ୍ୟ ସରକାରଙ୍କ ପାଖକୁ ପଠାଯିବ । ସରକାରଙ୍କ ଅନୁମୋଦନ ପରେ ବହୁପ୍ରତୀକ୍ଷିତ ରତ୍ନଅଳଙ୍କାର ଗଣତିମଣତି ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି ।

ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ଅଧ୍ୟକ୍ଷତାରେ ଶନିବାର ମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଗଣତିମଣତି କେଉଁଦିନ ହେବ ତା' ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ତିଥି, ଲଗ୍ନ, ବାର ଦେଖି ଏବଂ ସମ୍ପୃକ୍ତ ସେବକ ନିଯୋଗ ସହ କଥାବାର୍ତ୍ତା କରି ଆରମ୍ଭ ଦିନ ସ୍ଥିର ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଶୁଭଦିନ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ମଧ୍ୟ ସୂଚନା ଦିଆଯିବ । ଗଣତିମଣତି ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ଯେପରି ପ୍ରଭାବିତ ନ ହେବ ଏବଂ ବାହାର କାଠରୁ ଭକ୍ତଙ୍କ ଦର୍ଶନରେ ଯେପରି ବାଧା ନ ଉପୁଜିବ, ତା' ଉପରେ ଧ୍ୟାନ ଦିଆଯିବ । ଏଥିସହ ଗଣତିମଣତିର ଡିଜିଟାଇଜେସନ୍ ପ୍ରକ୍ରିୟା କେଉଁଭଳି ହେବ, କେଉଁମାନେ ଭିତର ରତ୍ନଭଣ୍ଡାରକୁ ପ୍ରବେଶ କରିବେ, କେତେଜଣ ଜଗମୋହନରେ ରହିବେ, ପାଳିଆ ସେବାୟତଙ୍କୁ କିପରି ପାସ୍ ଦିଆଯିବ, ସୁରକ୍ଷା ବ୍ୟବସ୍ଥା କ'ଣ ରହିବ, ସେନେଇ ଆଲୋଚନା ହୋଇଛି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି । ଶ୍ରୀଜୀଉମାନେ ବ୍ୟବହାର କରୁଥିବା ରତ୍ନ ପଲଙ୍କ ନୂଆ ସେଟ୍ ତିଆରି ହୋଇଛି । ଏହା କେଉଁଦିନ ଲାଗିବ, କେଉଁ ଶୁଭବେଳାରେ ଲାଗି କରାଯିବ, ସେବକମାନଙ୍କ ସହିତ କଥା ହେବା ପରେ ସ୍ଥିର ହେବ ।

- ତିଆରି ହୋଇଛି ଶ୍ରୀଜୀଉଙ୍କ ନୂଆ ରତ୍ନପଲଙ୍କ ସେଟ୍
- ସେବାୟତଙ୍କ ପାଇଁ ମୋବାଇଲ କଟକଣା, ସହାୟକଙ୍କୁ ସମ୍ପୂର୍ଣ୍ଣ ମନା

ସେହିପରି ଗୁଣ୍ଡିଚା ମନ୍ଦିର ଖୋଲିବା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ଏଥିପାଇଁ ପ୍ରସ୍ତୁତ ଏସ୍‌ଓପିକୁ ଅନୁମୋଦନ ଦିଆଯାଇଛି । କିନ୍ତୁ, କେଉଁଦିନ ମନ୍ଦିର ଖୋଲାଯିବ, ସେନେଇ ପରିଚାଳନା କମିଟିର ସେବାୟତ ପ୍ରତିନିଧିମାନେ ବୁଲି ଦେଖିବା ପରେ ଲଗ୍ନ ସ୍ଥିର ହେବ । ଭକ୍ତଙ୍କୁ ଯାଞ୍ଚ କରାଯାଇ ଭିତରକୁ ଛଡ଼ାଯିବ । ପୁରୀ ମେଡିକାଲ କଲେଜ ପାଇଁ ଅଧିକୃତ କରାଯାଇଥିବା ଜମି ମହାପ୍ରଭୁ ବିଜେ ପୁରୀଙ୍କ ନାମରେ ଥିଲା । ବିଗତ ଦିନରେ ରାଜ୍ୟ ସରକାର ମନ୍ଦିର ପ୍ରଶାସନକୁ ୨କୋଟି ଟଙ୍କା ଦେଇଥିଲେ । କିନ୍ତୁ ସେହି ଜମିର ବେଞ୍ଚମାର୍କ ମୂଲ୍ୟ ପ୍ରାୟ ୩୭କୋଟି ୫୦ ଲକ୍ଷ ଟଙ୍କା ହେଉଛି । ବାକି ୩୫ କୋଟି ଟଙ୍କା ରାଜ୍ୟ ସରକାର ଦେବେ ବୋଲି ନିର୍ଦ୍ଧାରିତ ହୋଇଛି । ତେଣୁ ପରିଚାଳନା କମିଟିରେ ଏହାକୁ ଅନୁମୋଦନ କରାଯାଇଛି ।

କୌଣସି ପ୍ରଶାସନିକ ଅଧିକାରୀ ମନ୍ଦିର ଭିତରେ ମୋବାଇଲ ଫୋନ୍ ବ୍ୟବହାର କରିପାରିବେ ନାହିଁ ବୋଲି ପୂର୍ବରୁ ସ୍ଥିର ହୋଇଛି । ଜରୁରୀକାଳୀନ ବ୍ୟବହାର ପାଇଁ ଦରକାର ପଡ଼ିଲେ, ସେମାନେ ଗାରଦ କିମ୍ବା ଶାଖା କାର୍ଯ୍ୟାଳୟକୁ ଯାଇ ଫୋନ୍ କରିବେ । ଖୁଲମ୍‌ଖୁଲା ଫୋନ୍‌ରେ କଥା ହୋଇପାରିବେ ନାହିଁ । ଏହି କଟକଣା ସେବାୟତଙ୍କ ପାଇଁ ଲାଗୁ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ସେବାୟତଙ୍କ ସହାୟକମାନେ ମନ୍ଦିର ଭିତରେ ଆଦୌ ଫୋନ୍ ବ୍ୟବହାର କରିପାରିବେ ନାହିଁ । ବ୍ୟବହାର କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି । ସେହିପରି ନାଟମଣ୍ଡପରେ ଏସି ଲଗାଯିବା ବ୍ୟବସ୍ଥା ଶୀଘ୍ର ହେବ । ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ପାଇଁ ରାମ୍ପରେ ପରିବର୍ତ୍ତନ କରାଯାଇଛି । ପ୍ରୋଟୋକଲ ଦର୍ଶନ ବ୍ୟବସ୍ଥା କେବଳ ଶ୍ରୀମନ୍ଦିର ପ୍ରଶାସନ କରିବ । ଏଥିସହ ଦିବ୍ୟାଙ୍ଗଙ୍କ ଦର୍ଶନ ନେଇ ଆଲୋଚନା ହୋଇଥିବା ମୁଖ୍ୟ ପ୍ରଶାସକ କହିଛନ୍ତି । ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସହ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

### ମଣ୍ଡି ସମସ୍ୟା, ପିୟୁସିସି ଓ ସ୍ମାର୍ଟ ମିଟରକୁ ବିରୋଧ

# ୨୮ରେ ନବ ନିର୍ମାଣ କୃଷକ ସଂଗଠନର ଓଡ଼ିଶା ବନ୍ଦ

ଭୁବନେଶ୍ୱର, ୧୭।୧ (ସମିସ): ରାଜ୍ୟରେ ମଣ୍ଡି ସମସ୍ୟା ନେଇ ଚାଷୀକୂଳ ହନ୍ତସନ୍ତ ହେଉଛନ୍ତି । ପ୍ରଦୂଷଣ ନାମରେ ସାଧାରଣ ବ୍ୟକ୍ତିଙ୍କଠାରୁ ହଜାର ହଜାର ଟଙ୍କାର ଫାଇନ୍ ନେଇ ସରକାର ସେମାନଙ୍କୁ ଶୋଷୁଛନ୍ତି । ଯାହାକୁ ଆଉ ବରଦାସ୍ତ କରାଯିବ ନାହିଁ । ଏତଦ୍ ବ୍ୟତୀତ ବିଜୁଳି ବିତରଣ କମ୍ପାନୀ ଟାଟା ପାୱାରର ସ୍ମାର୍ଟ ମିଟର ଲଗାଇବାଠାରୁ ଆରମ୍ଭ କରି ଚାଲିଥିବା ଲୁଟର ପ୍ରତିବାଦ ଏବଂ ନବନିର୍ମାଣ ନେତୃତ୍ୱ ଉପରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀଙ୍କ ଗୁଣ୍ଡାଙ୍କ ଦ୍ୱାରା ଆକ୍ରମଣର ପ୍ରତିବାଦରେ ଆଗାମୀ ଜାନୁଆରୀ ୨୮ ତାରିଖରେ ଓଡ଼ିଶା ବନ୍ଦ ଡକରା ଦେଇଛି ନବନିର୍ମାଣ କୃଷକ ସଂଗଠନ । ଆସନ୍ତା ୨୮ ତାରିଖ ସକାଳ ୬ଟାରୁ ୨ଟା ପର୍ଯ୍ୟନ୍ତ ବନ୍ଦ ଡକରା ଦିଆଯାଇଛି । ଶନିବାର ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟରେ ଆହୂତ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଏନେଇ ଘୋଷଣା କରିଛନ୍ତି ।

ସେ କହିଥିଲେ ଯେ ଏ ପର୍ଯ୍ୟନ୍ତ ଚାଷୀମାନଙ୍କୁ ଟୋକନ ମିଳିପାରି ନାହିଁ । ଟୋକନ ମିଳିଲେ ମଧ୍ୟ ସେଥିରେ ଗତ ବର୍ଷ ୪୦ କ୍ୱିଣ୍ଟାଲ ବିକିଲା ବେଳେ ଏ ବର୍ଷ ୧୦ କ୍ୱିଣ୍ଟାଲ ଓ ୨୦ କ୍ୱିଣ୍ଟାଲ ଆସୁଛି । ପ୍ରତି ମଣ୍ଡିରେ ୩ରୁ ୫ କେଜି ପର୍ଯ୍ୟନ୍ତ କଟନୀ ଛଟନୀ କରାଯାଉଛି । ଚାଷୀଙ୍କ ଦୁଃଖ ଏଇଟି ସରୁନାହିଁ । ରାଜ୍ୟ ଯୋଗାଣ ମନ୍ତ୍ରୀ କହିଛନ୍ତି ଯେ ଚାଷୀଙ୍କ ଠାରୁ ମାତ୍ର ୧୫୦ କ୍ୱିଣ୍ଟାଲ ଧାନ ୩୧୦୦ ଟଙ୍କାରେ କିଣାଯିବ, ବାକି ଧାନକୁ ଚାଷୀ ବାହାର ବଜାରରେ ବିକ୍ରି କରିବ । ଠିକ୍ ସେହିପରି ଟାଟା ପାୱାର ସ୍ମାର୍ଟ ମିଟର ଲଗାଇବା ନାମରେ ସାଧାରଣ ଲୋକଙ୍କୁ ଲୁଟ୍ କରିବା ପାଇଁ ଯେଉଁ ରାସ୍ତା ତିଆରି କରୁଛି । ତାହା ବନ୍ଦ କରିବା ସହିତ ଏଠାରେ ଉତ୍ପାଦିତ ହେଉଥିବା ବିଜୁଳିକୁ ଚାଷୀକୁ ଚାଷ ପାଇଁ ମାଗଣାରେ ଯୋଗାଇବା ଏବଂ ସାଧାରଣ ଗ୍ରାହକକୁ ବିଜେପିର ଡବଲ ଇଞ୍ଜିନି ସରକାର ନିର୍ବାଚନରେ ଘୋଷଣା କରିଥିବା ୩୦୦ ୟୁନିଟ୍ ମାଗଣାରେ ଯୋଗାଇ ଦିଆଯାଉ ବୋଲି ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ତାଙ୍କ ବକ୍ତବ୍ୟରେ କହିଥିଲେ । ଏତତ୍ ବ୍ୟତୀତ ଓଡ଼ିଶା ସରକାର ପ୍ରଦୂଷଣ ନାମରେ ସାଧାରଣ ବ୍ୟକ୍ତିଙ୍କଠାରୁ ଆଦାୟ କରୁଥିବା ହଜାର ହଜାର ଜୋରିମାନା ଟଙ୍କା ସରକାର ତତ୍ କାଳ ବନ୍ଦ କରନ୍ତୁ, ନଚେତ୍ ଓଡ଼ିଶାର ରାଜରାସ୍ତାରେ ମନ୍ତ୍ରୀ ଓ ସଚିବଙ୍କୁ ଚାଲିବାକୁ ଦିଆଯିବନାହିଁ ବୋଲି ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏମ.ଡ଼ି ମନୱର ଅଲ୍ଲୀ କହିଛନ୍ତି । ସରକାର ଗୋଟିଏ ପଟେ ଜମି, ଖଣି, ଜଳ, ଜଙ୍ଗଲ ଇତ୍ୟାଦିକୁ ନଷ୍ଟ କରୁଥିବା ଖଣି କମ୍ପାନୀମାନଙ୍କଠାରୁ ସୁପ୍ରିମକୋର୍ଟ ଦେଇଥିବା ଆଦେଶକୁ କାର୍ଯ୍ୟକାରୀ କରି ତାଙ୍କ ଉପରେ ବାକିଥିବା ୩,୯୬୬ କୋଟି ଟଙ୍କା ଆଦାୟ କରିପାରୁନାହାନ୍ତି । ୪୨ ଶିଳ୍ପ କରିଥିବା କଂପାନୀମାନଙ୍କ ଠାରୁ ୩,୯୭୭ କୋଟି ଟଙ୍କା ଜଳକର ଆଦାୟ କରିପାରୁନାହାନ୍ତି । ସେହିପରି ଖଣି କମ୍ପାନୀ ଉପରେ ଖଣିଜ ଦ୍ରବ୍ୟ ଉତ୍ତୋଳନ ପାଇଁ ଚୁକ୍ତି ଖିଲାପ ଅଭିଯୋଗରେ ୫ ବର୍ଷରେ ପଡ଼ିଥିବା ୪୧ ହଜାର ୫୬୮ କୋଟି ୧୨ ଲକ୍ଷ ୬୨ ହଜାର ୪୭୪ ଟଙ୍କା ଆଦାୟ କରିବାର ସତସାହାସ ସରକାରଙ୍କର ନଥିବା ବେଳେ ଭୋଟଦେଇ ସରକାର ଗଢ଼ିଥିବା ସାଧାରଣ ବ୍ୟକ୍ତି ଉପରେ ନାଲିଆଖି କାହିଁକି ବୋଲି ଶ୍ରୀ ଅଲ୍ଲୀ ପ୍ରଶ୍ନ କରିଥିଲେ ।

### ସଦର ମହକୁମାକୁ ମୁଖ୍ୟମନ୍ତ୍ରୀ ବସ୍ ସେବାକୁ ବିରୋଧ

# ୨୪ରୁ କଟକକୁ ଗଡ଼ିବ ନାହିଁ ଘରୋଇ ବସ୍

କଟକ,୧୭ ।୧(ସମିସ): ଗ୍ରାମାଞ୍ଚଳ ତଥା ବ୍ଲକ୍‌ରୁ ସଦର ମହକୁମାକୁ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳକୁ ତୀବ୍ର ବିରୋଧ କରିଛି ଓଡ଼ିଶା ଘରୋଇ ବସ୍ ମାଲିକ ସଂଘ । କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ପରେ କଟକରେ ଏହି ବସ୍ ସେବା ସଦର ମହକୁମାକୁ ସମ୍ପ୍ରସାରିତ ହେବା ଦୁର୍ଭାଗ୍ୟଜନକ ବୋଲି ସଂଘ କହିଛି । ଆସନ୍ତା ୨୩ ତାରିଖ ସୁଦ୍ଧା ସଦର ମହକୁମାକୁ ମୁଖ୍ୟମନ୍ତ୍ରୀ ବସ୍ ସେବା ବନ୍ଦ କରାନଗଲେ, ୨୪ତାରିଖରୁ କଟକକୁ କୌଣସି ଘରୋଇ ବସ୍ ଗଡ଼ିବ ନାହିଁ ବୋଲି ସଂଘ ଚେତାବନୀ ଦେଇଛି । ରାଜ୍ୟ ସରକାରଙ୍କ 'ମୁଖ୍ୟମନ୍ତ୍ରୀ ବସ୍ ସେବା'ର ରୁଟ୍ ବିସ୍ତାରକୁ ବିରୋଧ କରି ଏହି ଆନ୍ଦୋଳନ ପାଇଁ ଡାକରା ଦିଆଯାଇଛି ।

ଶନିବାର ଓଡ଼ିଶା ଘରୋଇ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ୮ଟି ଜିଲ୍ଲାର ୧୮ଟି ବସ୍ ସଂଘର ସଦସ୍ୟମାନେ ଯୋଗ ଦେଇଥିଲେ । ସଂଘ ପକ୍ଷରୁ ସରକାରଙ୍କୁ ଏକ ଚରମ ସମୟସୀମା ଦିଆଯାଇଛି । ଜାନୁଆରୀ ୨୩ ସୁଦ୍ଧା ସରକାର ଯଦି ପଞ୍ଚାୟତରୁ ଜିଲ୍ଲା ମୁଖ୍ୟାଳୟ ପର୍ଯ୍ୟନ୍ତ ଚାଲୁଥିବା ମୁଖ୍ୟମନ୍ତ୍ରୀ ବସ୍ ସେବାକୁ ବନ୍ଦ ନ କରନ୍ତି, ତେବେ ଆନ୍ଦୋଳନ ଜୋରଦାର ହେବ । ପ୍ରତିବାଦ ସ୍ୱରୂପ, ଜାନୁଆରୀ ୨୪ରୁ ସମଗ୍ର କଟକ ଜିଲ୍ଲାରେ ଘରୋଇ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ନିଷ୍ପତ୍ତି ହୋଇଛି । ଏହା ବାଦ୍ ଯଦି ସରକାର ପଦକ୍ଷେପ ନନିଅନ୍ତି, ତାହେଲେ ସମଗ୍ର ରାଜ୍ୟରେ ଘରୋଇ ବସ ସେବା ବନ୍ଦ କରି ଦିଆଯିବ ବୋଲି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି ।

ପ୍ରକାଶଥାଉକି, ପୂର୍ବର ଲକ୍ଷ୍ମୀ ବସ୍ (ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ବସ ସେବା)କୁ ଜିଲ୍ଲା ସଦର ମହକୁମାକୁ ଚଳାଚଳକୁ ବିରୋଧ କରାଯିବା ଫଳରେ ତତ୍କାଳୀନ ସରକାର ଏହାକୁ ସ୍ଥଗିତ ରଖିଥିଲେ । ପୂର୍ବରୁ କେବଳ ପଞ୍ଚାୟତରୁ ବ୍ଲକ୍ ମୁଖ୍ୟାଳୟ ପର୍ଯ୍ୟନ୍ତ ସୀମିତ ଥିଲା । କିନ୍ତୁ, ବର୍ତ୍ତମାନ ଏହି ବସ୍‌ଗୁଡ଼ିକ ଜିଲ୍ଲା ମୁଖ୍ୟାଳୟ ସମେତ ଅନ୍ୟାନ୍ୟ ପ୍ରମୁଖ ରୁଟ୍‌ରେ ଚାଲୁଛି, ଯାହା ଘରୋଇ ବସ୍ ମାଲିକଙ୍କ ବ୍ୟବସାୟକୁ ଗଭୀର ଭାବେ ପ୍ରଭାବିତ କରୁଛି । ବିଶେଷକରି, ସରକାରୀ ବସ୍‌ରେ ମାତ୍ର ୫ଟଙ୍କା ଭଡ଼ା ରହିଥିବାରୁ ଘରୋଇ ବସ୍‌ଗୁଡ଼ିକ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି ବୋଲି ସଂଘ ଅଭିଯୋଗ କରିଛି ।




### ଅଖିଳେଶଙ୍କ ସ୍ୱାସ୍ଥ୍ୟ ମନ୍ତ୍ର

# ସାମଗ୍ରିକ ସ୍ୱାସ୍ଥ୍ୟ ସେବା ସ୍ଲୋଗାନ ନୁହେଁ; କାର୍ଯ୍ୟକ୍ରମ ହେଉ

ଭୁବନେଶ୍ୱର,୧୭।୧(ସମିସ): ସୁସ୍ଥ ଜନସଂଖ୍ୟା ହେଉଛି ଜାତୀୟ ଉନ୍ନତିର ମୂଳ ଇଂଜିନ । ଓଡ଼ିଶା ସମେତ ସାରା ଭାରତ ବର୍ଷରେ ଲୋକମାନଙ୍କ ପାଇଁ ସାମଗ୍ରିକ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ଭାବେ ଉପଲବ୍ଧ ହେବା ଆବଶ୍ୟକ । ଏହା ଏକ ସ୍ଲୋଗାନ ନ ହୋଇ କାର୍ଯ୍ୟକ୍ରମରେ ପରିଣତ ହେବା ଉଚିତ ବୋଲି ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି ।

ଭୁବନେଶ୍ୱରରେ ଶନିବାର ଆୟୋଜିତ ଭିଜନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଯୋଗଦେଇ ଅଖିଳେଶ କହିଥିଲେ ଯେ 'ପ୍ଲାନ୍ ଡେଭ୍‌ଲପମେଣ୍ଟ ଏବଂ ଆସେଣ୍ଟ' ମନ୍ତ୍ରକୁ ଆଧାର କରି ସମସ୍ତେ କାର୍ଯ୍ୟ କରିବା ଉଚିତ । ଭାରତରେ ବୃଦ୍ଧି ପାଉଥିବା ଜନସଂଖ୍ୟା ଓ ତାହା ସହ ସଂପୃକ୍ତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି, ସ୍ୱାସ୍ଥ୍ୟ ଓ ସୁସ୍ଥତାର ସମ୍ପୂର୍ଣ୍ଣ ଆକାର ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି । କେବଳ "ସ୍ୱାସ୍ଥ୍ୟ' ନୁହେଁ; ସାମଗ୍ରିକ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆଲୋଚନା କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଯାଦବ କହିଛନ୍ତି ।

କାର୍ଯ୍ୟକ୍ରମରେ ଯୋଗଦେଇ ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ଆଲୋକ ରଞ୍ଜନ କହିଥିଲେ, ସମାଜର ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ଶ୍ରୀ ଯାଦବ ଇଚ୍ଛାଧୀନ ବଜେଟ୍ ବ୍ୟବହାର କରିଥିଲେ ।



ସମାଜବାଦୀ ପାର୍ଟି ସରକାର ଅଧୀନରେ ଆମ୍ବୁଲାନ୍ସ ସେବା ଗୋଟିଏ କ୍ରାନ୍ତିକାରୀ ପଦକ୍ଷେପ ଥିଲା । କାର୍ଯ୍ୟକ୍ରମର ପ୍ରଥମ ଭାଗରେ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦକ୍ଷତାସମ୍ପନ୍ନ ବ୍ୟକ୍ତିତ୍ୱ ନିଜ ମତ ରଖିଥିଲେ । ପ୍ରସିଦ୍ଧ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା ଆଲ୍କା ଦାହିୟା, ଡା. ପଙ୍କଜ ଭାରତୀ, ଶିଶୁ ରୋଗ ବିଶେଷଜ୍ଞ ଡା. ଆଶୁତୋଷ ବର୍ମା, ସ୍ୱାସ୍ଥ୍ୟ ଓ ଚିକିତ୍ସା କ୍ଷେତ୍ରର ଶିକ୍ଷକ ରାଜୀବ ରାୟ ପ୍ରମୁଖ ନିଜର ମତ ରଖିଥିଲେ । ସାଂସଦ ଡା. ରାଜୀବ ରାୟଙ୍କ ଆହ୍ୱାନରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ବେଳେ ଉତ୍ତର ପ୍ରଦେଶର ପୂର୍ବତନ ମନ୍ତ୍ରୀ ଅଭିଷେକ ମିଶ୍ରଙ୍କ ଦ୍ୱାରା ସଂଚାଳିତ ହୋଇଥିଲା । ଏହି ସମ୍ମେଳନରେ ବିଭିନ୍ନ ଶିଳ୍ପ କ୍ଷେତ୍ରର ବିଶେଷଜ୍ଞ ଓ ସମର୍ଥକମାନେ ଯୋଗଦେଇଥିଲେ ।

ଭିଜନ୍ ଇଣ୍ଡିଆ ସମ୍ମେଳନର ଉଦ୍ଦେଶ୍ୟ ହେଉଛି ଭାରତର ଉନ୍ନତି ପାଇଁ ପ୍ରଗତିଶୀଳ, ବ୍ୟବହାରିକ ଓ ସମାବେଶୀ ପଦକ୍ଷେପକୁ ପ୍ରୋତ୍ସାହନ ଦେବା । ସ୍ଥାନୀୟ ହୋଟେଲ ତାଜ୍ ବିଭାନ୍ତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଜେଡି ମହିଳା ନେତ୍ରୀ ସୁମିତ୍ରା ଜେନା, ସିପିଏମ ନେତ୍ରୀ କମ୍ରେଡ୍ ପୁଷ୍ପା, ସିପିଏମ୍ଏଲ୍ ନେତା ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ୍ ବ୍ଲକ ନେତା ଜ୍ୟୋତି ମହାପାତ୍ର ଓ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

### ମହିଳା ନିର୍ଯାତନା ଓ ହିଂସାର ସମାଧାନ କରିବେ ମହିଳା

# ୧୦ଟି ଆକାଂକ୍ଷୀ ଜିଲ୍ଲାରେ 'ନାରୀ ଅଦାଲତ' ଶୁଭାରମ୍ଭ

ଭୁବନେଶ୍ୱର,୧୭ ।୧(ସମିସ): ମହିଳା ଅଧିକାର ସମ୍ପର୍କରେ ସଚେତନତାକୁ ସହଜ କରାଯିବା ସହ ତୃଣମୂଳ ସ୍ତରରେ ମଧ୍ୟସ୍ଥତା ମାଧ୍ୟମରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ବିବାଦର ତ୍ୱରିତ ସମାଧାନ କରାଯିବ । ଏହାଦ୍ୱାରା ଘରୋଇ ହିଂସା, ଯୌତୁକ, ଶିଶୁ ସୁରକ୍ଷା ଏବଂ ସମ୍ପତ୍ତି ଅଧିକାର ସମ୍ବନ୍ଧୀୟ ସମସ୍ୟାଗୁଡ଼ିକ ଦୂର ହେବ । ଶନିବାର ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ବିଭିନ୍ନ ଯୋଜନା, ଅଭିଯାନ ଓ ପ୍ରକଳ୍ପ ସହ ୧୦ଟି ଜିଲ୍ଲାରେ ପାଇଲଟ୍ ପ୍ରକଳ୍ପ ଭାବେ 'ନାରୀ ଅଦାଲତ'ର ଶୁଭାରମ୍ଭ କରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ମତବ୍ୟକ୍ତ କରିଛନ୍ତି ।

ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ନାରୀ ଅଦାଲତ ମାଧ୍ୟମରେ 'ନ୍ୟାୟ ସଖୀ' ନିଯୁକ୍ତି କରିବାର ପ୍ରକ୍ରିୟା ବାସ୍ତବ ରୂପ ନେଇଛି । 'ନାରୀ ଅଦାଲତ', ମଧ୍ୟସ୍ଥତା ଆଇନ ମାଧ୍ୟମରେ ପାରିବାରିକ ଓ ଦେୱାନୀ ମାମଲାର ସହଜ ସମାଧାନ



### ବିବାଦ ସମାଧାନ ପାଇଁ ନିଯୁକ୍ତ ହେବେ 'ନ୍ୟାୟ ସଖୀ'

ସହ ଏକ ଭେଦଭାବମୁକ୍ତ ମହିଳା-କୈନ୍ଦ୍ରିକ ସମାଜ ଗଠନ ହୋଇପାରିବ । ଏହି ଅଦାଲତରେ ଜୁଡିସିଆଲ ଅଫିସର, ପ୍ରୋସିକ୍ୟୁଟିଂ ଅଫିସର, କିରାଣି ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ କେବଳ ମହିଳା ରହିବେ । ଗାଁଗହଳିରେ ମହିଳାମାନଙ୍କ ଅଧ୍ୟକ୍ଷତାରେ ଅଦାଲତ ବସିବ । ସାଧାରଣତଃ ଘରୋଇ ହିଂସା, ଯୌତୁକ ନିର୍ଯାତନା, ପରକୀୟା ପ୍ରୀତି ଆଦି ସମସ୍ୟାକୁ ନେଇ ଥାନା କିମ୍ବା କୋର୍ଟକୁ ଭାରାକ୍ରାନ୍ତ ନ କରି ଗାଁ ମଧ୍ୟରେ ଏହାର ସମାଧାନ କରାଯିବ । ଆଗାମୀ ଦିନରେ ସାରା ରାଜ୍ୟରେ ଏହି ଅଭିଯାନ ବ୍ୟାପକ କରାଯିବାକୁ ପ୍ରୟାସ କରାଯିବ । ତାଲୁକା ଆଇନ ସେବା ପ୍ରାଧିକରଣର ସହଯୋଗରେ ମହିଳାମାନଙ୍କୁ ନ୍ୟାୟିକ କ୍ଷମତା ପ୍ରଦାନ କରିବା ଏବଂ ଏହି ଉଦ୍ୟମକୁ ସ୍ୱଚ୍ଛ ଓ ଫଳପ୍ରଦ କରିବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆହ୍ୱାନ ଦେଇଥିଲେ ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା 'ବେଟି ବଚାଓ ବେଟି ପଢ଼ାଓ' ଅଭିଯାନ ଅନ୍ତର୍ଗତ ସପ୍ତାହବ୍ୟାପୀ ଜାତୀୟ କନ୍ୟା ସନ୍ତାନ ଦିବସ-୨୦୨୬ର ମଧ୍ୟ ଶୁଭାରମ୍ଭ କରିଥିଲେ । ଏହାସହ କେନ୍ଦ୍ରୀୟ ପ୍ରାୟୋଜିତ 'ପାଳନା' (ଅଙ୍ଗନୱାଡ଼ି-କମ୍-କ୍ରେଚ୍) ଯୋଜନାର କାର୍ଯ୍ୟକ୍ଷମ ନିର୍ଦ୍ଦେଶାବଳୀ ଉନ୍ମୋଚିତ ହୋଇଥିଲା । ସେହିପରି ୨.୪୯ କୋଟି ଟଙ୍କା ବ୍ୟୟରେ ଯାଜପୁରରେ ନିର୍ମିତ ଉତ୍କଳ ବାଳାଶ୍ରମର ୧୦୦ ଶଯ୍ୟା ବିଶିଷ୍ଟ ନୂତନ କୋଠାକୁ ଆଭାସୀ ମାଧ୍ୟମରେ ଉଦଘାଟ୍‌ନ କରାଯାଇଛି । ଏଥିସହ ଖୋର୍ଦ୍ଧା ଏବଂ ଗଜପତି ଜିଲ୍ଲାରେ ଦୁଇଟି ସମନ୍ୱିତ ବାତ୍ସଲ୍ୟ ସଦନ ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

## ଓଡ଼ିଶା କୃଷକ ବିକାଶ ପରିଷଦର ରାଜନଗର ମଣ୍ଡଳ କର୍ମକର୍ତ୍ତା ନିର୍ବାଚନ

ରାଜନଗର,୧୭।୧(ସମିସ): ରାଜନଗର ବ୍ଲକ୍ ମା' ମାଟିଆ ମଙ୍ଗଳା ପୀଠରେ ଓଡ଼ିଶା କୃଷକ ବିକାଶ ପରିଷଦ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟଅତିଥି ଭାବେ ଅକ୍ଷୟ ସାମଲ, ଓଡ଼ିଶା କୃଷକ ବିକାଶ ପରିଷଦର ପ୍ରଶାନ୍ତ ପାତ୍ର ଓ ପଟ୍ଟାମୁଣ୍ଡାଇ ରାଜନଗର ସଂଯୋଜିକା ତୃପ୍ତିମୟୀ ତ୍ରିପାଠୀ ଯୋଗ ଦେଇଥିଲେ। ଏହି ବୈଠକରେ ରାଜନଗର ମଣ୍ଡଳରୁ ୧୫ରୁ ଉର୍ଦ୍ଧ୍ୱ ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ରାଜନଗର ମଣ୍ଡଳରୁ ସଭାପତି ଭାବେ କୈଳାସ ରାଉତ, ଉପସଭାନେତ୍ରୀ ଅନୁସୁୟା ମହାନ୍ତି, ସମ୍ପାଦିକା ଆଶାଲତା ଦାସ, ସହସମ୍ପାଦକ ଅମୂଲ୍ୟ ବିଶ୍ୱାଳ,



ସହସମ୍ପାଦିକା ପୁଷ୍ପଲତା ଖମାରୀ, କୋଷାଧ୍ୟକ୍ଷ ନିର୍ମଳା ଲେଙ୍କା ନିର୍ବାଚିତ ହୋଇଥିଲେ। କୃଷକଙ୍କ ସବୁ ସମସ୍ୟା ଦୂରୀକରଣ, କୃଷକ ଜନସେବା କେନ୍ଦ୍ର ଖୋଲିବା, କୃଷକଙ୍କୁ କୃଷି ଯନ୍ତ୍ରପାତି ଯୋଗାଇ ଦେବା ସରକାରଙ୍କ ଦାବି କରିବା ସହିତ କୃଷକଙ୍କ ସହିତ ରହି କାମ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସଂଘ ପକ୍ଷରୁ କର୍ମ କର୍ତ୍ତା ଓ ଅତିଥି ସଭ୍ୟା ସଭ୍ୟଙ୍କୁ ଆପ୍ୟାୟିତ କରାଯାଇଥିଲା। ସଭାପତି ଶ୍ରୀ ରାଉତ ଧନ୍ୟବାଦ ଦେଇଥିଲେ।

## ନିଶାମୁକ୍ତି ଓ ସମାଜ ପୁନର୍ଗଠନରେ ଜିଲ୍ଲା ପ୍ରଶାସନର ପଦକ୍ଷେପ

# ଶକ୍ତିସଦନ ଓ ନିଶାମୁକ୍ତି କେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା,୧୭।୧(ସମିସ)




ସମାଜରୁ ନିଶା ନିରାକରଣ ଓ ପୁନର୍ବାସ ପ୍ରୟାସକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟର ବାରିମୂଳସ୍ଥ ଶକ୍ତିସଦନ ଓ ନିଶାମୁକ୍ତି କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ସେ ଅନ୍ତେବାସୀଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା, ଆବଶ୍ୟକତା ଓ ପୁନର୍ବାସ ସମ୍ଭାବନା ବିଷୟରେ ଅବଗତ ହୋଇଥିଲେ। ଜିଲ୍ଲାପାଳ ନିଶାମୁକ୍ତି ପ୍ରକ୍ରିୟାକୁ ନୂଆ ଜୀବନର ଆରମ୍ଭ ବୋଲି ଉଲ୍ଲେଖ କରି ଅନ୍ତେବାସୀଙ୍କୁ ସକାରାତ୍ମକ ମନୋଭାବ ଓ ଆତ୍ମବିଶ୍ୱାସ ସହ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଥିଲେ। ସେ କହିଥିଲେ, ନିଶା ମୁକ୍ତ ଜୀବନ କେବଳ ବ୍ୟକ୍ତିଗତ ଉନ୍ନତି ନୁହେଁ, ସମଗ୍ର ପରିବାର ଓ ସମାଜ ପାଇଁ ଏକ ନୂଆ ଆଶାର ସୂଚନା। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ କେନ୍ଦ୍ରର ଆବାସିକ ବ୍ୟବସ୍ଥା, ଚିକିତ୍ସା ସୁବିଧା, ପରାମର୍ଶ ସେବା ଓ ପୁନର୍ବାସ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ଅନୁସନ୍ଧାନ କରିଥିଲେ। ସେ କର୍ମଚାରୀଙ୍କୁ ଅନ୍ତେବାସୀଙ୍କ ମନୋବଳ ବଢ଼ାଇବା ଓ ସେମାନଙ୍କୁ ସମାଜର ମୁଖ୍ୟଧାରାକୁ ଫେରାଇବାରେ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା ଉପସ୍ଥିତ ରହି କେନ୍ଦ୍ରର କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ତଥ୍ୟ ଦେଇଥିଲେ। ନିଶାମୁକ୍ତି କେନ୍ଦ୍ର ସମାଜ ପାଇଁ ଆଶାର ଆଲୋକ ବୋଲି ଉଲ୍ଲେଖ କରି ଜିଲ୍ଲାପାଳ କହିଥିଲେ ଯେ ଜିଲ୍ଲା ପ୍ରଶାସନ ସଦାସର୍ବଦା ଏ ପ୍ରକାର ସଂସ୍ଥାକୁ ସମର୍ଥନ ଯୋଗାଇ ନିଶାମୁକ୍ତ ସମାଜ ଗଠନରେ ନିରନ୍ତର ପ୍ରୟାସ ଜାରି ରଖିବ।

## ଭାରୀଯାନରେ ହେଲ୍‌ପର ନିଯୁକ୍ତି ଦାବି



କେନ୍ଦ୍ରାପଡ଼ା,୧୭।୧(ସମିସ): ରାଜ୍ୟରେ ଦିନକୁ ଦିନ ବଢୁଥିବା ସଡ଼କ ଦୁର୍ଘଟଣା, ବିଶେଷକରି ଭାରୀଯାନ ଯୋଗୁଁ ହେଉଥିବା ଦୁର୍ଘଟଣା ଉପରେ ଗଭୀର ଚିନ୍ତା ପ୍ରକାଶ ପାଇଛି। ଏହି ପ୍ରସଙ୍ଗକୁ ଗୁରୁତ୍ୱ ସହ ଉଠାଇ କେନ୍ଦ୍ରାପଡ଼ାର ଆଇନଜୀବୀ ଓ ରୋଡ୍ ସେଫ୍ଟି ସୋସାଇଟିର ସଦସ୍ୟ ବିଧୁଭୂଷଣ ମହାପାତ୍ର ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ସଡ଼କ ସୁରକ୍ଷା ଦିବସ, ସପ୍ତାହ, ପକ୍ଷ ଓ ମାସ ପାଳନ ସତ୍ତ୍ୱେ ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟା ହ୍ରାସ ପାଉନାହିଁ। ବିଶେଷତଃ ଭାରୀଯାନ ଚଳାଚଳ ସମୟରେ ଡ୍ରାଇଭରଙ୍କ ସହ ହେଲପର ନ ଥିବା ଦୁର୍ଘଟଣାର ମୁଖ୍ୟ କାରଣ ଭାବେ ଚିହ୍ନଟ ହେଉଛି। ଆଇନଜୀବୀ ମହାପାତ୍ର ତାଙ୍କ ଆବେଦନରେ କହିଛନ୍ତି ଯେ, ଭାରୀଯାନ ଚାଳକମାନେ ଡ୍ରାଇଭିଂ ସମୟରେ ବାମ ପାଶ୍ୱର୍ ଉପରେ ସଠିକ୍ ନଜର ରଖିପାରୁ ନ ଥିବାରୁ ଅନେକ ସମୟରେ ସାଧାରଣ ଲୋକ, ପଶୁ ଓ ସମ୍ପତ୍ତି କ୍ଷତିଗ୍ରସ୍ତ ହେଉଛନ୍ତି। ଯଦି ଯାନରେ ଜଣେ ହେଲ୍‌ପର କିମ୍ବା ଆସିଷ୍ଟାଣ୍ଟ ଡ୍ରାଇଭର ଥାଆନ୍ତେ, ତେବେ ଅନେକ ଦୁର୍ଘଟଣା ରୋକାଯାଇପାରିଥା'ନ୍ତା। ତାଙ୍କ ମତାନୁସାରେ, ଅନେକ ଭାରୀଯାନ ନିର୍ମାଣ ସମୟରେ ଆସିଷ୍ଟାଣ୍ଟ ଡ୍ରାଇଭର/ହେଲ୍‌ପର ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ଯାନ ମାଲିକ ଓ ଅପରେଟର ଖର୍ଚ୍ଚ ବଞ୍ଚାଇବା ଉଦ୍ଦେଶ୍ୟରେ ଏହି ବ୍ୟବସ୍ଥାକୁ ଅନୁସରଣ କରୁନାହାନ୍ତି, ଯାହା ଦୁର୍ଘଟଣା ବୃଦ୍ଧିର ଏକ ବଡ଼ କାରଣ। ଏହି ପରିପ୍ରେକ୍ଷୀରେ ସେ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି ଯେ, ପ୍ରତ୍ୟେକ ଭାରୀଯାନ ଓ ଟ୍ରକ୍‌ରେ ହେଲ୍‌ପର ନିଯୁକ୍ତିକୁ ବାଧ୍ୟତାମୂଳକ କରାଯାଉ। ହେଲ୍‌ପର ବିନା ଯାନ ଚଳାଚଳ କରୁଥିବା ମାଲିକ, ଅପରେଟର ଓ ସଂଘ ଉପରେ କଠୋର ନିୟମ ଲାଗୁ କରିବା ପାଇଁ ମଧ୍ୟ ସେ ଦାବି ଉଠାଇଛନ୍ତି। ସଡ଼କ ସୁରକ୍ଷା ଦୃଷ୍ଟିରୁ ଏହି ପ୍ରସ୍ତାବକୁ ବୁଦ୍ଧିଜୀବୀ ମହଲ ଓ ସାଧାରଣ ଲୋକଙ୍କ ମଧ୍ୟରେ ସମର୍ଥନ ମିଳୁଛି। ଯଦି ଏହି ଦାବିକୁ କାର୍ଯ୍ୟକାରୀ କରାଯାଏ, ତେବେ ଅନେକ ମୂଲ୍ୟବାନ ଜୀବନ ରକ୍ଷା ପାଇପାରିବ ବୋଲି ମତ ପ୍ରକାଶ ପାଉଛି।

## ମଧୁସାଗର ମହୋତ୍ସବ ପ୍ରସ୍ତୁତି ବୈଠକ

ଡେରାବିଶ,୧୭।୧(ସମିସ): କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅଧୀନ ବୀଣାପାଣି ସଙ୍ଗୀତ ସଦନ ବାଲିଆଠାରେ ମଧୁସାଗର ମହୋତ୍ସବ କମିଟି ସଂଯୋଜକ ମଦନମୋହନ ବେହେରାଙ୍କ ଆବାହକତ୍ୱରେ ୨୦୨୬



ମଧୁସାଗର ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡାକ୍ତର ବିଶ୍ୱପ୍ରକାଶ କାନୁନ୍‌ଗୋ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଆସନ୍ତା ମାର୍ଚ୍ଚ ୯, ୧୦ ଓ ୧୧ ତିନିଦିନ ବ୍ୟାପୀ ଏହି ମହୋତ୍ସବ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ଉତ୍ସବକୁ ପୂର୍ବବର୍ଷ ଭଳି ସରସ ସୁନ୍ଦର କରାଯିବା ପାଇଁ ପରବର୍ତ୍ତୀ ବୈଠକରେ ସ୍ଥାନୀୟ ଜନପ୍ରତିନିଧି ଓ କମିଟିର ସମସ୍ତ ସଦସ୍ୟଙ୍କଠାରୁ ମତାମତ ଗ୍ରହଣ କରାଯିବ ବୋଲି ସଭାପତି ଶ୍ରୀ କାନୁନ୍‌ଗୋ କହିଥିଲେ। କମିଟିର ପଦାଧିକାରୀ ରାଜକିଶୋର ଜେନା ଓ ଦାମୋଦର ତ୍ରିପାଠୀଙ୍କ ବିୟୋଗ ପରେ ତାଙ୍କ ସ୍ଥାନରେ ଶରତ ସ୍ୱାଇଁ ଓ ଡକ୍ଟର ମୁରଲୀଧର ରଥଙ୍କ ନାମ ଏହି ବୈଠକରେ ପ୍ରସ୍ତାବ କରାଯାଇଥିଲା। କୋଷାଧ୍ୟକ୍ଷ ନାରାୟଣ ସ୍ୱାଇଁ ଗତବର୍ଷ ମହୋତ୍ସବ ଆୟବ୍ୟୟର ହିସାବ ଦେଇଥିଲେ। ଚଳିତ ବର୍ଷ ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଉପରେ ପ୍ରମୋଦ ସାହୁ, ନାଟ୍ୟଗୁରୁ ଶରତ ପଣ୍ଡା, ପ୍ରାଣକୃଷ୍ଣ ସାମଲ, ବିଜୟ ମିଶ୍ର, କିଶୋର ମଲିକ, ଶରତ ସ୍ୱାଇଁ, ଜିତେନ୍ଦ୍ର ମହାନ୍ତି, ନଗେନ୍ଦ୍ର ରାଉତ, ଜିତେନ୍ଦ୍ର ପ୍ରସାଦ ପାଗଳ, ଅକ୍ଷୟ ରାଉଳ, ବସନ୍ତ ଜେନା, ରତାଦିଆ ଖଣ୍ଡସାହି ସରପଞ୍ଚ ଶିଶିର ସାମଲ ପ୍ରମୁଖ ଆଲୋଚନାରେ କରିଥିଲେ। ପ୍ରଶାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁଡ଼ି ସୂତାରୁ ବର୍ଞ୍ଚିଲେ ଦେବେନ୍ଦ୍ର

କେନ୍ଦ୍ରାପଡ଼ା,୧୭।୧(ସମିସ): ବର୍ତ୍ତମାନ ଗୁଡ଼ି ଉଡା ପର୍ବ ଚାଲିଥିବାବେଳେ କେନ୍ଦ୍ରାପଡ଼ା ସହରରେ ଗୁଡ଼ି ସୂତା ସାଧାରଣ ଲୋକଙ୍କ ପାଇଁ ମୃତ୍ୟୁର ଫାନ୍ଦ ପ୍ରମାଣିତ ହେବାକୁ ଲାଗିଛି। ପ୍ଲାଷ୍ଟିକ ଓ ମାଞ୍ଜା ସୂତା ଯୋଗୁଁ ଅନେକ ଅଘଟଣ ଘଟୁଥିବାବେଳେ ଶୁକ୍ରବାର ଅପରାହ୍ନରେ ଘଟିଥିବା ଏକ ଘଟଣା ସହରବାସୀଙ୍କୁ ଭୟଭୀତ କରିଛି। ଅପରାହ୍ନ ସମୟରେ କେନ୍ଦ୍ରାପଡା ନୂଆ



ବସ୍‌ଷ୍ଟାଣ୍ଡ ବାଇପାସ ରାସ୍ତାରେ ଗୁଲନଗର ଛକ ନିକଟ ଥିବା ଏକ ଅଟୋ ଶୋ'ରୁମରେ କାର୍ଯ୍ୟରତ ଅସୁରେଶ୍ୱର ଗ୍ରାମର ଦେବେନ୍ଦ୍ର ସାହୁ (୫୧) ବାଇକ ଯୋଗେ ପୁରୁଣା ବସଷ୍ଟାଣ୍ଡ ଆଡକୁ ଯାଉଥିବାବେଳେ ହଠାତ୍ ଏକ ପ୍ଲାଷ୍ଟିକ ଗୁଡି ସୂତା ତାଙ୍କ ବେକରେ ଗୁଡେଇ ହୋଇଯାଇଥିଲା। ଅପେକ୍ଷାତୀତ ଭାବେ ଘଟିଥିବା ଏହି ଘଟଣାରେ ସେ ହଠାତ୍ ବ୍ରେକ ମାରି ରାସ୍ତା ଉପରେ ଘୁଷୁରୀ ପଡ଼ିଥିଲେ। ଫଳରେ ଦେବେନ୍ଦ୍ରଙ୍କ ହାତ ଓ ପାଏଦ ଖଣ୍ଡିଆ ହେବା ସହ ବାଇକ ମଧ୍ୟ ଭାଙ୍ଗିଯାଇଥିଲା। ଘଟଣାସ୍ଥଳରେ ଥିବା ସ୍ଥାନୀୟ ଲୋକେ ସଙ୍ଗେସଙ୍ଗେ ତାଙ୍କୁ ରାସ୍ତା ଉପରୁ ଉଠାଇ ଆପଦକାଳୀନ ସହାୟତା କରିଥିଲେ। ଦେବେନ୍ଦ୍ର ସାହୁ କହିଛନ୍ତି, ଭଗବାନଙ୍କ କୃପାରୁ ମୁଁ ଆଜି ନିଶ୍ଚିତ ମୃତ୍ୟୁରୁ ବଞ୍ଚିଗଲି। ଏହି ଘଟଣା ସହ ଏକଆଡ ଚିନ୍ତାଜନକ ଘଟଣା ସାମ୍ନାକୁ ଆସିଛି। ସ୍ଥାନୀୟ ଜଣେ ବ୍ୟବସାୟୀ ଯୁବକଙ୍କ ବେକରେ ମଧ୍ୟ ଗୁଡି ସୂତା ଲାଗିଯାଇ ବେକ ଅଳ୍ପ କଟିଯାଇଥିବାର ସୂଚନା ମିଳିଛି। ଭୟ ଓ ଆତଙ୍କର କାରଣରୁ ସେ ତାଙ୍କ ନାମ ପ୍ରକାଶ କରି ନ ଥିବା ଜଣାପଡ଼ିଛି। କେନ୍ଦ୍ରାପଡା ସହରରେ ଗୁଡ଼ି ଉଡାଣ ନିୟନ୍ତ୍ରଣ ବାହାରକୁ ଯାଇଥିବାବେଳେ ପ୍ଲାଷ୍ଟିକ ଓ ମାଞ୍ଜା ସୂତା ସାଧାରଣ ବାଟୋଇ, ଦୁଇଚକିଆ ଓ ପଥଚାରୀଙ୍କ ପାଇଁ ମାରାତ୍ମକ ହେଉଛି। ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଦାବି କରିଛନ୍ତି ଯେ, ଏପରି ବିପଜ୍ଜନକ ଗୁଡି ସୂତା ବ୍ୟବହାର ଉପରେ ତୁରନ୍ତ ପ୍ରତିବନ୍ଧକ ଲାଗୁ କରାଯାଉ ଓ ଗୁଡି ଉଡାଣ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ନିର୍ଦ୍ଧାରଣ କରାଯାଉ। ଅନ୍ୟଥା, ଗୁଡ଼ି ଉଡାଣରେ ଆନନ୍ଦ ଅନେକଙ୍କ ପାଇଁ ଶୋକର କାରଣ ହୋଇପାରେ ବୋଲି ସାଧାରଣ ମହଲରେ ଗଭୀର ଆଶଙ୍କା ପ୍ରକାଶ ପାଉଛି।

## ନହଙ୍ଗ ପ୍ରାଥମିକ କୃଷି ସମବାୟ ସମିତିର ସାଧାରଣ ସଭା

ଡେରାବିଶ, ୧୭।୧(ସମିସ): ନହଙ୍ଗ ପ୍ରାଥମିକ କୃଷି ସମବାୟ ସମିତିର ସାଧାରଣ ସଭା ଓ ଧାନମଣ୍ଡି ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ପରିଷଦ ସଭାପତି ଭାଗୀରଥି ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ ମୁଖ୍ୟଅତିଥି, ଡେରାବିଶ ବିଡିଓ ନମିତା ବାରିକ, ତହସିଲଦାର ସରୋଜ ନାୟକ, ଜିଲ୍ଲା ସମବାୟ ସମୂହ ସହକାରୀ ଉପନିବନ୍ଧକ ଯୋଗେନ୍ଦ୍ର ବିଶ୍ୱାଳ, ନହଙ୍ଗ ସରପଞ୍ଚ ବିଳାସିନୀ ସେଠୀ, ଛୋଟି ସରପଞ୍ଚ ରଜନୀ ମଲିକ, ବ୍ଲକ ଯୋଗାଣ ନିରୀକ୍ଷକ ସ୍ୱରୂପ ଦାସ ଓ ସମିତିର ପୂର୍ବତନ ସମ୍ପାଦକ ତଥା ବ୍ଲକ ସମବାୟ ସମିତି କର୍ମଚାରୀ ସଂଘ ସଭାପତି ଗୌରାଙ୍ଗ ଚରଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାଷୀଙ୍କ ଉନ୍ନତି ପାଇଁ ସରକାର ଯୋଗାଣ ବିଭାଗ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ କରୁଥିବା ବିଭିନ୍ନ ଯୋଜନାଗୁଡିକ ସମ୍ପର୍କରେ ଆଲୋକପାତ କରିଥିଲେ। ସମବାୟ ସମିତି ସମ୍ପାଦକ ଦେବପ୍ରସାଦ ସାହୁ ସମିତିର ବଜେଟ, ଆୟବ୍ୟୟ ଉପସ୍ଥାପନ କରିଥିଲେ। ପରେ ବଜେଟ ଓ ବାର୍ଷିକ ଯୋଜନାକୁ ଅନୁମୋଦନ କରାଯାଇଥିଲା। ଏ ଅବସରରେ ଅତିଥିମାନେ ଚଳିତ ବର୍ଷ ପାଇଁ ଧାନମଣ୍ଡି ଉଦଘାଟନ କରିଥିଲେ। ଚଳିତ ବର୍ଷ ଏହି ସମବାୟ ସମିତି ଅଧୀନ ନହଙ୍ଗ, ଛୋଟି, ବାରିମୂଳ ଓ କୁରୁଜଙ୍ଗା ପଞ୍ଚାୟତର ମୋଟ ୮୦୫ ଜଣ ଚାଷୀ ନିଜର ଉତ୍ପାଦ ଧାନ ମଣ୍ଡିରେ ବିକ୍ରି ପାଇଁ ନାମ ପଞ୍ଜିକୃତ କରିଥିବାବେଳେ ଏହାର ବିକ୍ରୟ ଓ ଚାଷୀଙ୍କୁ ସମସ୍ତ ସୁବିଧା ପାଇଁ ସମିତି ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ନେଇ ସମ୍ପାଦକ ଶ୍ରୀ ସାହୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନହଙ୍ଗର ପୂର୍ବତନ ସରପଞ୍ଚ ରଶ୍ମିରଞ୍ଜନ ପଣ୍ଡା, ପୂର୍ବତନ ସମିତିସଭ୍ୟ କ୍ଷେତ୍ରବାସୀ ନାୟକ, ଅଗ୍ରଣୀ ଚାଷୀ ତ୍ରିଲୋଚନ ସାହୁ, ଶରତ ସାହୁ, ନାରାୟଣ ଚନ୍ଦ୍ର ଲେଙ୍କା, ଆର୍ତ୍ତତ୍ରାଣ ପାତ୍ର ଓ ଅକ୍ଷୟ ତ୍ରିପାଠୀ, ପରିଚାଳନା ପରିଷଦ ନିର୍ଦ୍ଦେଶିକା ଶ୍ରେୟାରଣୀ ରାୟ, ନିର୍ଦ୍ଦେଶକ ପ୍ରଫୁଲ୍ଲ ମଲ୍ଲ, ଆଶୁତୋଷ ସିହ୍ନା ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ସମିତିର କର୍ମଚାରୀ ପର୍ଶୁରାମ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଚାରୀ ସୁରେଶ ବେହେରା, ତ୍ରିଲୋଚନ ଜେନା ଓ ଶ୍ରୁତିକାନ୍ତ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଅଧିକ କ୍ଷମତାସମ୍ପନ୍ନ ଟ୍ରାନ୍ସଫର୍ମର ବସାଇବାକୁ ଦାବି

ଡେରାବିଶ,୧୭।୧(ସମିସ): ଡେରାବିଶ ବ୍ଲକ୍ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଅଢ଼ଙ୍ଗା ଗ୍ରାମର ୧୫, ୧୬ ଓ ୧୭ ୱାର୍ଡରେ ପାଖାପାଖି ୧୫୦ରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ ଉପଭୋକ୍ତା ଅଛନ୍ତି। ତେବେ ଏହି ତିନୋଟି ୱାଡର୍ ପାଇଁ ବିଦ୍ୟୁତ୍ ବିଭାଗ ୬୩ କେଭି ଟ୍ରାନ୍ସଫର୍ମର ବସାଇଛି। ଫଳରେ ଖରାଦିନ କଥା ଛାଡ଼ ଶୀତଦିନରେ ବି ଉପଭୋକ୍ତାଙ୍କ ଘରେ ବହୁ କମ୍ ଭୋଲଟେଜ୍ ରହୁଛି। ଯେଉଁଥି ପାଇଁ ଉପଭୋକ୍ତା ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ଗ୍ରାମରେ ଏକ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସାଇବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ସମାଜସେବୀ ପ୍ରଶାନ୍ତ ସାମନ୍ତରାୟ ଦାବି କରିଛନ୍ତି।

## ଭୁଶୁଡ଼ିଲା ବିଦ୍ୟାଳୟ ପାଠାଗାର ସିଲିଂ, ବର୍ତ୍ତିଲେ ଛାତ୍ରଛାତ୍ରୀ

ପଞ୍ଚୁପାଣ୍ଡବ,୧୭।୧(ସମିସ): ପୂର୍ବ ସରକାର ବିଦ୍ୟାଳୟରେ ଶିକ୍ଷାର ମାନ ବୃଦ୍ଧି ଓ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ପାଇଁ ପ୍ରୟାସ କରିଥିଲେ। କିନ୍ତୁ ଏବେ କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ୍‌ରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ପୂର୍ବ ସରକାର ବେଳେ ଲକ୍ଷାଧିକ ଟଙ୍କା ବ୍ୟୟରେ ବିଦ୍ୟାଳୟର ଉନ୍ନତି ପାଇଁ ବିଭିନ୍ନ ଯୋଜନା କରାଯାଇଥିଲା। ଏବେ ସରକାର ହେଉ କି ପ୍ରଶାସନିକ ଅଧିକାରୀଙ୍କ ରକ୍ଷଣାବେକ୍ଷଣ ଅଭାବରୁ ଲକ୍ଷାଧିକ ଟଙ୍କାର କାମ ବରବାଦ୍ ହେବାକୁ ଯାଉଛି। ଏମିତି ଦେଖିବାକୁ ମିଳୁଛି ବ୍ଲକ୍ ଅଧୀନସ୍ଥ ନହଙ୍ଗ ପଞ୍ଚାୟତ ସନ୍ତୁପୁରାସ୍ଥ କୃଷ୍ଣଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟରେ ସିଲିଂ ଭୁଶୁଡ଼ି ପଡ଼ିବା ଘଟଣାକୁ ନେଇ ଅଞ୍ଚଳର ବୁଦ୍ଧିଜୀବୀଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ୨ ଦିନ ତଳେ ବିଦ୍ୟାଳୟର



ଡିଜିଟାଲ ପାଠାଗାରରେ ହୋଇଥିବା ସିଲିଂ ଭୁଶୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ରାତିରେ ସିଲିଂ ଭୁଶୁଡ଼ି ଥିବା ଯୋଗୁଁ ସୌଭାଗ୍ୟବଶତଃ କାହାର କିଛି କ୍ଷତି ଘଟିନାହିଁ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ସାହୁଙ୍କୁ ପଚାରିବାରୁ ରାତିରେ ଏହା ଘଟିଥିବାବେଳେ କିଛି ଅଘଟଣରୁ ବର୍ତ୍ତିଯାଇଥିବା କହିଥିଲେ। ବିଡିଓ ନମିତା ବାରିକଙ୍କ ମତାମତ ନେବାରୁ ଏ ସମ୍ପର୍କରେ ସେ ଅବଗତ ଅଛନ୍ତି। ଖୁବଶୀଘ୍ର ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ତେବେ ଏହି ଘଟଣାକୁ ନେଇ ଅଭିଭାବକଙ୍କ ମହଲରେ ଉଦବେଗ ପ୍ରକାଶ ପାଇଛି। ଯଦି ବିଦ୍ୟାଳୟ ଚାଲୁଥିବା ସମୟରେ ଏଭଳି ଘଟଣା ଘଟିଥା'ନ୍ତା, ତେବେ କୁନି କୁନି ଛାତ୍ରଛାତ୍ରୀଙ୍କ ଅବସ୍ଥା କ'ଣ ହୋଇଥାନ୍ତା ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏବେ ସରକାରଙ୍କ କାମ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଠିକାଦାର ନିମ୍ନମାନର କାମ କରି ସରକାରଙ୍କ ଟଙ୍କାକୁ ହରିଲୁଟ କରୁଛନ୍ତି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବାର୍‌ହା ଆକ୍ରମଣରେ ବୃଦ୍ଧା ଗୁରୁତର, କାବୁ କଲା ବନ ବିଭାଗ

ରାଜନଗର, ୧୭।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ରଗଡାପାଟିଆ ଗାଁରେ ବାର୍‌ହା ଆତଙ୍କ ଖେଳାଇଛି। ବାର୍‌ହା ଆକ୍ରମଣରେ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ବୃଦ୍ଧାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଅବସ୍ଥା ଗୁରୁତର ଥିବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଗାଁରେ ଆତଙ୍କ ଖେଳାଇଥିବା ବାରହାକୁ ଜାଲ ବିଛାଇ ବନ କର୍ମଚାରୀ କାବୁ କରିଛନ୍ତି। ଆଜି ସକାଳ ପ୍ରାୟସାଢେ ୬ଟା ବେଳେ ରଗଡାପାଟିଆ ଗାଁର ସିଦ୍ଧେଶ୍ୱର ଗିରିଙ୍କ ପତ୍ନୀ ସନ୍ଧ୍ୟାରାଣୀ ଗିରି (୬୮) ବାଡ଼ିରେ କାମ କରୁଥିବାବେଳେ ହଠାତ ବାର୍‌ହା ଆକ୍ରମଣ କରିଥିଲା। ବୃଦ୍ଧା ଜଣକ କିଛି ବୁଝିବା ପୂର୍ବରୁ ବାର୍‌ହା ଆକ୍ରମଣ କରିଥିଲା। ବାର୍‌ହା ଆକ୍ରମଣରେ ମହିଳାଙ୍କ ମୁଣ୍ଡ, ହାତ ଓ ଗୋଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ମହିଳାଙ୍କ ଚିତ୍କାର ଶୁଣି ପରିବାର ଲୋକେ ଆସିବାରୁ ବାର୍‌ହା ମହିଳାଙ୍କୁ ଛାଡିଦେଇ ପରିବାର ଲୋକଙ୍କୁ ଗୋଡାଇଥିଲା। ବୃଦ୍ଧାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟ, କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ବାର୍‌ହା ରଗଡାପଟିଆ ଗାଁରେ କେତେ ଘଣ୍ଟା ପାଇଁ ଆତଙ୍କ ଖେଳାଇଥିଲା। ବନ କର୍ମଚାରୀ ଦୀର୍ଘ ସମୟ ପରିଶ୍ରମ କରିବା ପରେ ଜାଲ ମାଧ୍ୟମରେ କାବୁ କରିବାରେ ସକ୍ଷମ ହୋଇଥିଲେ। ବାର୍‌ହା ମୁହଁରେ କ୍ଷତଚିହ୍ନ ରହିଛି। କନିକା ରେଞ୍ଜ ଅଫିସ ପରିସରରେ ବାର୍‌ହାର ଚିକିତ୍ସା କରାଯାଉଛି।

## ଆଜି ଭିତରକନିକାରେ ପକ୍ଷୀଙ୍କ ଗଣନା



ରାଜନଗର,୧୭।୧(ସମିସ): ରାଜ୍ୟର ଅନ୍ୟତମ ପକ୍ଷୀବିହାର ରୂପେ ପରିଚିତ ଭିତରକନିକା ଜାତୀୟ ଉଦ୍ୟାନ ଓ ଏଥିରେ ଥିବା ଆର୍ଦ୍ରଭୂମିରେ ଏବେ ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଛି। ବିଦେଶାଗତ ପକ୍ଷୀଙ୍କ କାକାଳିରେ ମୁଖରିତ ହେବାରେ ଲାଗିଛି ଜାତୀୟ ଉଦ୍ୟାନ। ଆସନ୍ତାକାଲି ଆଗନ୍ତୁକ ବିଦେଶାଗତ ପକ୍ଷୀଙ୍କ ଗଣନା କରାଯିବ। ଏଥିପାଇଁ କନିକା ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜନଗର ଡିଏଫଓ ଭରଦରାଜ ଗାଓଁଙ୍କର, ପକ୍ଷୀ ବିଶାରଦ ଡକ୍ଟର ଶିବପ୍ରସାଦ ପରିଡା, ଏସିଏଫ ମାନସ ଦାସ ପ୍ରଶିକ୍ଷଣ ଦେବା ସହିତ ଆଗନ୍ତୁକ ପକ୍ଷୀଙ୍କ ଗଣନା କରିବା ସମୟରେ ସେମାନଙ୍କର ଜୀବନ ଶୈଳୀ ଓ କେଉଁ କେଉଁ ସ୍ଥାନରୁ ଆସିଛନ୍ତି, ସେମାନଙ୍କର ଖାଦ୍ୟ ସଂପର୍କରେ ଟିକିନିକି ତଥ୍ୟ ସଂଗ୍ରହ କରିବା ପାଇଁ ସୂଚନା ଦେଇଥିଲେ। ବିଦେଶାଗତ ପକ୍ଷୀଙ୍କ ଗଣନା ପାଇଁ ୧୮ ଟି ଟିମ୍ ଗଠନ କରାଯାଇଛି। ପ୍ରତ୍ୟେକ ଟିମରେ ୪ରୁ ୫ ଜଣ ନିୟୋଜିତ ହୋଇ ଗଣନା କରିବେ। ଆସନ୍ତାକାଲି ସକାଳ ୬ରୁ ଦିନ ୧ଟା ଯାଏଁ ବିଦେଶାଗତ ପକ୍ଷୀଙ୍କ ଗଣନା କରାଯିବ ବୋଲି ବନ ବିଭାଗ ସୂଚନା ଦେଇଛି। ଏଥିରେ ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା, କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ବିଜୟ ପାତ୍ର, ମହନ୍ତ ମଲ୍ଲିକ, ପ୍ରଶାନ୍ତ ସିଂ ପ୍ରମୁଖ ବନ କର୍ମଚାରୀ ଉପସ୍ଥିତ ଥିଲେ।

## ଅଣ୍ଡରା ବ୍ରାହ୍ମଣସାହିରେ ଭାଗବତ ପାରାୟଣ

ପଟ୍ଟାମୁଣ୍ଡାଇ,୧୭।୧(ସମିସ): ଅଣ୍ଡରା ବ୍ରାହ୍ମଣସାହିରେ ୧୫୩ତମ ଶ୍ରୀମଦ ଭାଗବତ ପାରାୟଣ ସପ୍ତାହ ଶନିବାର ଆରମ୍ଭ ହୋଇଛି। ପଣ୍ଡିତ ପ୍ରଦୀପ ପାଢ଼ୀ ଓ ସଞ୍ଜୟ ପାଢ଼ୀଙ୍କ ତତ୍ତ୍ୱାବଧାନରେ କଳସ ଯାତ୍ରା, ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ଗୋପୂଜା, ଧରିତ୍ରୀ ପୂଜା ସମ୍ପନ୍ନ କରାଯାଇଛି। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଗତକାଲି ନବନିର୍ମିତ ଅଷ୍ଟପ୍ରହର ମଣ୍ଡପକୁ ଉଦଘାଟନ କରିଥିଲେ। ଏହି ମହାର୍ଘ୍ୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ପରମ ଶାସ୍ତ୍ର ଭାଗବତ ଶ୍ରବଣ କରୁଛନ୍ତି। ଏହି କାର୍ଯ୍ୟକ୍ରମକୁ ଗୁରୁଚରଣ ପଣ୍ଡା, ବାବୁରାମ ଦାଶ, ପରମେଶ୍ୱର ପାଢ଼ୀ, ବିଶ୍ୱନାଥ ପଣ୍ଡା, ଚିନ୍ତାମଣି ପଣ୍ଡା, ପ୍ରମୋଦ ପାଢ଼ୀ, ବିଶ୍ୱନାଥ ପାଢ଼ୀ ପ୍ରମୁଖ ପରିଚାଳନା କରିଥିଲେ।

## ପଟ୍ଟାମୁଣ୍ଡାଇ ଏମ୍‌ଏନ ହାଇସ୍କୁଲରେ ପିଏମଶ୍ରୀ ଉତ୍ସବ

# 'ଛାତ୍ରଛାତ୍ରୀ ଦୁର୍ବଳତାକୁ ଶକ୍ତିରେ ପରିଣତ କଲେ ସଫଳତା ମିଳିବ'

ପଟ୍ଟାମୁଣ୍ଡାଇ,୧୭।୧(ସମିସ)

ଛାତ୍ରଛାତ୍ରୀ ନିଜର ଦୁର୍ବଳତାକୁ ଶକ୍ତିରେ ପରିଣତ କରିପାରିଲେ ସବୁ କ୍ଷେତ୍ରରେ ସଫଳତା ହାସଲ କରିପାରିବେ ବୋଲି ଏମ୍‌ଏନ ହାଇସ୍କୁଲରେ ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବର ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରକାଶ କରିଛନ୍ତି।

ପ୍ରଧାନଶିକ୍ଷକ ଅଶୋକ ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ମନୋଜ୍ଞ ଉତ୍ସବରେ କେନ୍ଦ୍ରାପଡ଼ା ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ଡ. ମମତାମୟୀ ଚୌଧୁରୀ ମୁଖ୍ୟବକ୍ତା, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ଏମ୍‌ଏନ ହାଇସ୍କୁଲ ପରିଚାଳନା କମିଟି ସଭାପତି ତପନ



ଦାଶ, ପୁରାତନ ଛାତ୍ର ସଂସଦ ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ମହାନ ଶିକ୍ଷାନୁଷ୍ଠାନରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଉତ୍ତମ ଛାତ୍ରଛାତ୍ରୀ ତିଆରି କରିବାକୁ ପରାମର୍ଶ ଦେଇଥିଲେ। ଉତ୍ସବରେ ଆକାଂକ୍ଷା, ସାହିତ୍ୟ ସୃଜନୀ, କ୍ରୀଡ଼ାଙ୍ଗନ, କୌଶଳୀ, ଜିଜ୍ଞାସା ସହିତ ବୃତ୍ତିଗତ ବ୍ୟବସାୟ ଆଦି ୪ଟି ପ୍ରଦର୍ଶନୀକୁ ମୁଖ୍ୟଅତିଥି ଓ ଅନ୍ୟ ଅତିଥି ପରିଦର୍ଶନ କରିଥିଲେ। ବରିଷ୍ଠ ଶିକ୍ଷକ ଅଶୋକ ଦାଶ ସ୍ୱାଗତ ଭାଷଣ ଓ ସରୋଜ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ଶଶାଙ୍କ ସାହୁ ବିବରଣୀ ପାଠ କରି କ୍ରୀଡାର ବିକାଶ ଓ ହାଇସ୍କୁଲର ୪୫ଜଣ ଛାତ୍ରଛାତ୍ରୀ ରାଜ୍ୟ ସ୍ତରରେ ସୁଯୋଗ ପାଇଥିବାବେଳେ ଛାତ୍ରୀ ଲକ୍ଷ୍ମୀ ବିହାନୀ ଜାତୀୟ ସ୍ତରରେ ସୁଯୋଗ ପାଇଥିଲେ ବୋଲି ସୂଚନା ଦେଇଥିଲେ। ଏ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ଅନୀତା ଧଳ ଧନ୍ୟବାଦ ଦେଇଥିଲେ। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଏଥି ପୂର୍ବରୁ ପୂର୍ବାହ୍ନରେ ଏମଏନ ହାଇସ୍କୁଲରେ ପିଏମଶ୍ରୀ ଉତ୍ସବର ଉଦଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଅଶୋକ ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଘାଟନୀ ସମାରୋହରେ ପଟ୍ଟାମୁଣ୍ଡାଇ ବ୍ଲକ ସହକାରୀ ଶିକ୍ଷାଧିକାରୀ ପ୍ରେମବାଳା ମହାପାତ୍ର ମୁଖ୍ୟଅତିଥି, ପୁରାତନ ଛାତ୍ର ସଂସଦ ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ ମୁଖ୍ୟବକ୍ତା, ସ୍କୁଲ ପରିଚାଳନା କମିଟି ସଭାପତି ତପନ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ଅଶୋକ ଦାଶ ସ୍ୱାଗତଭାଷଣ ଓ ସହକାରୀ ଶିକ୍ଷକ ସରୋଜ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଅନୀତା ଧଳ ଧନ୍ୟବାଦ ଦେଇଥିଲେ। ଉତ୍ସବକୁ ସହକାରୀ ଶିକ୍ଷକ ସୁଜୟ ରାଉତରାୟ, ତାପସ ବେହେରା, ଅନୀଲ ଦାସ, ଅଭିଷେକ ନାୟକ, ଗୋମତୀ ସ୍ୱାଇଁ, ଜ୍ୟୋତିଲକ୍ଷ୍ମୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ।



## ଜଳିଗଲା ଘର, ଅଳ୍ପକେ ବର୍ତ୍ତିଲେ ପରିବାର

ଅନୁଗୋଳ,୧୭ ।୧(ସମିସ): ଅନୁଗୋଳ ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମରେ ଶନିବାର ଅଗ୍ନିକାଣ୍ଡ ଘଟି ପଦ୍ମା ବଘାରଙ୍କ ଦୁଇବଖରା ଚାଳଛପର ଘର ଜଳିଯାଇଛି । ତେବେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି ଘର । ପଦ୍ମା ସବୁଦିନ ପରି ଶନିବାର ଘରେ ଥିବା କାଠ ଚୁଲିରେ ରୋଷେଇ କରି ଖାଇବା ପରେ ଶୋଇବାକୁ ଯାଇଥିଲେ । କିଛି ସମୟ ପରେ ଘରେ ନିଆଁ ଲାଗିବା ଜାଣି ତୁରନ୍ତ ବାହାରକୁ ବାହାରି ଆସିଥିଲେ । ସ୍ଥାନୀୟ ଲୋକେ ନିଆଁ ଲିଭାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା । ପରେ ବନ୍ତଳା ଦମକଳ ବାହିନୀ ଆସି ନିଆଁକୁ ଆୟତ କରିଥିଲେ । ହେଲେ ସେତେବେଳକୁ ଘର ସହ ସମସ୍ତ ଆସବାବପତ୍ର ସମ୍ପୂର୍ଣ୍ଣ ଜଳିଯାଇଥିଲା । ଏଥିସହ ପଦ୍ମାଙ୍କ ଶରୀରର କିଛି ଅଂଶ ନିଆଁରେ ଜଳିଯାଇଥିବା ଜଣାପଡ଼ିଛି । ତୁରନ୍ତ ପଦ୍ମାଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ସହ ଆବାସ ଯୋଜନାରେ ଘର ପ୍ରଦାନ କରିବାକୁ ଦାବି ହେଉଛି ।

## ପଟ୍ଟାମୁଣ୍ଡାଇରେ ଦି' ହବ୍ ଶୋ'ରୁମ୍ ଉଦ୍‌ଘାଟିତ



ପଟ୍ଟାମୁଣ୍ଡାଇ,୧୭।୧ (ସମିସ): ପଟ୍ଟାମୁଣ୍ଡାଇ ସହରର ନୀଳମାଧବ ବଜାରରେ ନୂତନ ଭାବେ ଦି' ହବ୍ ଶୋରୁମ୍ ଉଦଘାଟିତ ହୋଇଯାଇଛି । ଉଦଘାଟନ ଉତ୍ସବରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଆଇଆଇସି ବନ୍ଦନା ପାତ୍ର ଉଦଘାଟକ ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ଉମାକାନ୍ତ ପାତ୍ର ମୁଖ୍ୟଅତିଥି ଓ ପୂର୍ବତନ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ବ୍ୟବସାୟ ସଂଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ । ଦିହବର ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ରାଜସ୍ଥାନ, ଛତିଶଗଡ, କୋଲକାତା, ମଧ୍ୟପ୍ରଦେଶ ପ୍ରଭୃତି ରାଜ୍ୟ ଗୁଡିକରେ ଥିବାବେଳେ ଓଡ଼ିଶାରେ ପ୍ରଥମକରି କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଠାରେ ଏହାର ଏକ ଶୋ ରୁମ୍ ଉଦଘାଟିତ ହୋଇଛି । ଏହି ଶୋ ରୁମ୍ ରେ ମହିଳା, ଶିଶୁ ଓ ପୁରୁଷ ମାନଙ୍କ ପାଇଁ ଅତ୍ୟାଧୁନିକ ପୋଷାକ ପତ୍ର ସହିତ ଘରକରଣା ଜିନିଷ ମାନ ଉପଲବ୍ଧ ହେବ ବୋଲି ଶୋ'ରୁମ୍ ପକ୍ଷରୁ ସୂଚନା ଦିଆଯାଇଥିବାବେଳେ ସବୁ ବର୍ଗର ଲୋକଙ୍କୁ ସୁହାଇବା ଭଳି ମୂଲ୍ୟ ନିର୍ଦ୍ଧାରଣ ହୋଇଥିବା ମଧ୍ୟ କୁହାଯାଇଛି ।

### ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି

## ମହିଳା ପ୍ରଦର୍ଶନୀ ମ୍ୟାଚ୍‌ରେ ଖୋର୍ଦ୍ଧା ବିଜୟୀ



ରାଜନଗର,୧୭।୧(ସମିସ): ରାଜନଗର ବ୍ଲକ ବଡ଼ପଲ୍ଲୀ ମିନି ଷ୍ଟାଡିୟମରେ ଚାଲିଥିବା ୪୪ତମ ରାଜ୍ୟସ୍ତରୀୟ ଚଞ୍ଚଳା କ୍ରିକେଟ ଟ୍ରଫିର ଆଜି ମହିଳା ପ୍ରଦର୍ଶନ ମ୍ୟାଚ୍ ଖୋର୍ଦ୍ଧା ମହିଳା କ୍ରିକେଟ ଟିମ ଓ କିଟ ମହିଳା ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖୋର୍ଦ୍ଧା ମହିଳା ଟିମ ଟସ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୫୯ ସଂଗ୍ରହ କରିଥିଲା । ଦଳର ତନଭି ୫୫ ବଲରୁ ୮୩ ରନ କରିଥିଲେ । ୧୬୦ ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା କିଟ ମହିଳା ଟିମ ୨୦ ଓଭରରେ ୪ ୱିକେଟ ହରାଇ ୧୪୬ ରନ କରି ପରାସ୍ତ ହୋଇଥିଲା । ଦଳର ଅଙ୍କିତା ଗିରି ୩୯ ରନ କରିଥିଲେ । ଏହି ମ୍ୟାଚରେ ମୁଖ୍ୟଅତିଥି ଭାବେ ଯୁବ ନେତା ଦିଲ୍ଲୀପ ପାଲ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ତନଭି ରାଜନ୍ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଖେଳରେ ଭାଷ୍ୟକାର ଭାବେ ବିଶ୍ୱଜିତ ମହାପାତ୍ର, ବିଜୟ ବଳ, ଅମ୍ପାୟାର ଭାବେ ନିରଞ୍ଜନ ଦାଶ, ନିରୋଦ ବଳ ଓ ସ୍କୋରର ଭାବେ ପ୍ରକାଶ ସେଠୀ ଦାୟିତ୍ୱ ତୁଲାଇଥିଲେ । ତପନ ପରିଡ଼ା, ଅଭିମନ୍ୟୁ ପ୍ରତିହାରୀ ଓ କମିଟିର ସଦସ୍ୟ ପରିଚାଳନା କରିଥିଲେ ।

# ପୋତି ହୋଇଗଲାଣି ଚେକ୍‌ଡ୍ୟାମ୍

ଖଜୁରିଆକଟା,୧୭ ।୧(ସମିସ)

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଜଳସେଚନ ପାଇଁ ନିର୍ମାଣ ହୋଇଥିବା ଶତାଧିକ ଚେକଡ୍ୟାମ ଏବେ ନିଶ୍ଚିହ୍ନ ହେବାକୁ ବସିଛି । ହିନ୍ଦୋଳ ଏନଏସି ଅଞ୍ଚଳରେ ୫/୧୦ ବର୍ଷ ମଧ୍ୟରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ କୃଷି ସମେତ ଜନସାଧାରଣ, ପଶୁପକ୍ଷୀ ବ୍ୟବହାର ପାଇଁ ବିଭିନ୍ନ ନାଳ ଉପରେ ହୋଇଥିବା ଶତାଧିକ ଚେକଡ୍ୟାମ ରକ୍ଷଣାବେକ୍ଷଣ ଅଭାବରୁ ପୋତି ହୋଇପଡ଼ିଥିବା ବେଳେ ସେଥିରେ ବ୍ୟବହୃତ ବିଭିନ୍ନ ସରଞ୍ଜାମ ଚୋରି ହୋଇଗଲାଣି । ସେଥିରେ ଥିବା ଗେଟ୍ ଚୋରି ହୋଇଯିବା ସହ ଉଭୟ ପାର୍ଶ୍ୱ ମାଟିରେ ପୋତିହୋଇ ଲାଟାବୁଦା ଉଠିଗଲାଣି । ଫଳରେ ଏହା ଆଉ କୌଣସି କାମରେ ଆସୁନାହିଁ । ହେଲେ ବିଭାଗର ଏଥିପ୍ରତି ନିଘା ନ ଥିବା ପରି ମନେ ହେଉଛି । ବିଭାଗୀୟ ଯନ୍ତ୍ରୀ, ଅଧିକାରୀ, କର୍ମଚାରୀ ଏହାକୁ ଆଡ଼ ଆଖିରେ ବି ଚାହୁଁନାହାନ୍ତି । ହିନ୍ଦୋଳ ଏନଏସିର ମଲିଆଗଣ୍ଡି, ଧୋବାତୁଠ, ଆଲୁସିଂ, ବେଲଗଣ୍ଡି, ବାଘମାରି,

**ପାଣିରେ ପଡ଼ିଲା କୋଟି କୋଟି ଟଙ୍କା**

ଧୋବାପଶି, ମଧୁବନ, ନେବାତିନାଳ, ଗୁଡ଼ିଆତଇଲା, ଭୀମକୁଣ୍ଡ, ମଙ୍ଗଳପୁର ଇତ୍ୟାଦି ସ୍ଥାନରେ ନାଳ ଉପରେ ନିର୍ମିତ ଚେକଡ୍ୟାମଗୁଡ଼ିକ ପୋତି ହୋଇଯାଇ ନିଶ୍ଚିହ୍ନ ହୋଇଗଲାଣି । ତୁରନ୍ତ ଏଗୁଡ଼ିକର ପୁନରୁଦ୍ଧାର, ରକ୍ଷଣାବେକ୍ଷଣ କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି ।



## ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ମହିଳା ମୃତ

ପରଜଙ୍ଗ,୧୭ ।୧(ସମିସ): ୫୩ ନମ୍ବର ଜାତୀୟ ରାଜପଥର ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ କୁନାଲ କମ୍ପାନୀ ଅସ୍ଥାୟୀ ଶିବିର ସମ୍ମୁଖରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ମହିଳାଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଡମୋଳ ଗ୍ରାମର ତ୍ରିନାଥ ପରିଡ଼ାଙ୍କ ସ୍ତ୍ରୀ ସୁଷମା ପରିଡ଼ା । ଏହି ଦୁର୍ଘଟଣା ପରେ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ସ୍ଥାନୀୟ ଗ୍ରାମବାସୀ ରାସ୍ତାରୋକ କରିଛନ୍ତି । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଛି । ମିଳିଥିବା ସୂଚନା ଅନୁଯାୟୀ, ତ୍ରିନାଥ ଓ ସୁଷମା ପୁଅର ବାହାଘର ନିମନ୍ତ୍ରଣ ଦେବାକୁ ଶନିବାର ସକାଳେ ସ୍କୁଟି ଯୋଗେ ଘରୁ ବାହାରିଥିଲେ । ସନ୍ଧ୍ୟାରେ ଉଭୟ ଘରକୁ ଫେରୁଥିବା ବେଳେ କୁନାଲ କମ୍ପାନୀ ଅସ୍ଥାୟୀ ଶିବିର ସମ୍ମୁଖରେ ଏକ ଟ୍ରେଲର ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲା । ଫଳରେ ସୁଷମା ଗାଡ଼ିରୁ ଛିଟିକି ରାସ୍ତାରେ ପଡ଼ିଯାଇଥିଲେ । ଟ୍ରେଲର ତାଙ୍କ ଉପରେ ଚଢ଼ିଯାଇଥିଲା । ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଛି । ଅନ୍ୟପଟେ ଦୁର୍ଘଟଣା ଘଟାଇ ଟ୍ରେଲର ପିତିରି ଆଡ଼କୁ ଫେରାର ହୋଇଯାଇଛି । ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଛି । ଏହାର ସ୍ଥାୟୀ ପ୍ରତିକାର ତଥା ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି ।

# ଯୌତୁକ ନିରୋଧ ଅଧିନିୟମର ପ୍ରଶିକ୍ଷଣ ଶିବିର



ଜଗତସିଂହପୁର,୧୭।୧(ସମିସ): ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହଠାରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଯୌତୁକ ନିରୋଧ ଅଧିନିୟମର ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସମ୍ମାନିତ ଅତିଥି ଭାବେ ମେଡିକାଲ ଅଫିସର ଡ. ବାସନ୍ତୀ ପାଲ, ସହାୟକ ଜିଲ୍ଲାପାଳ ତୃପ୍ତିମୟୀ ପ୍ରଧାନ, ମୁଖ୍ୟ ଆଇନ ସହାୟକ ପ୍ରତିରକ୍ଷା ପରାମର୍ଶଦାତା ଭାବେ ଧୀରେନ୍ଦ୍ର ନାଥ ଆଚାର୍ଯ୍ୟ ଏବଂ ଏସ୍‌ଭିଏମ୍ କଲେଜର ଅଧ୍ୟାପିକା ଶୁଭଶ୍ରୀ ମହାନ୍ତି ଓ ସଭାପତି ରାଧାକୃଷ୍ଣ କ୍ଲବ ପୂର୍ଣ୍ଣଚନ୍ଦ୍ର ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ବିଷୟ ଯୌତୁକ ପ୍ରଥାର ସମାଜ ଚେତନା ଉପରେ କୁପ୍ରଭାବ ଏବଂ ଏଥି ସହିତ ସଂଯୁକ୍ତ ନ୍ୟାୟିକ ବ୍ୟବସ୍ଥା ଉପରେ ସମସ୍ତେ ନିଜର ମତ ପ୍ରକାଶ କରିଥିଲେ ।

ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ ଯୌତୁକ ଦ୍ୱାରା କିଶୋରୀ ବାଳିକା ଏବଂ ମହିଳା ମାନଙ୍କ ଉପରେ ହେଉଥିବା ନିର୍ଯାତନା ଓ ଏହାର ନିରାକରଣ ବିଷୟରେ ମତ ରଖିଥିଲେ । ଅଧ୍ୟାପିକା ଶ୍ରୀମତୀ ମହାନ୍ତି ଶିକ୍ଷା ମାଧ୍ୟମରେ କିପରି କୁପ୍ରଥାକୁ ସମାଜରୁ ଦୂର କରି ହେବ ସେ ବିଷୟରେ ସୂଚନା ପ୍ରଦାନ କଲେ । ଏହି ସଭାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେବା ସହିତ ସଭାକୁ ପରିଚାଳନା କରିଥିଲେ । ଉପ ବିଭାଗୀୟ ଅଧିକାରୀ କବିତା ମୁର୍ମୁ ଧନ୍ୟବାଦ ପ୍ରଦାନ କରିଥିଲେ । ଉକ୍ତ ସଭାରେ ସମସ୍ତ ସମନ୍ୱିତ ଶିଶୁ ଓ ମହିଳା ବିକାଶ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନେ, ମହାବିଦ୍ୟାଳୟ ଛାତ୍ରୀ, ଶକ୍ତି ସଦନର କାର୍ଯ୍ୟକାରୀ ମହିଳା ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଅଧୀନରେ ଥିବା ସମସ୍ତ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ସଭାକୁ ସଫଳ କରିବାରେ ସହଯୋଗ କରିଥିଲେ ।

## ସ୍ୱାମୀର ଟାଙ୍ଗିଆ ଚୋଟରେ ସ୍ତ୍ରୀ ଗୁରୁତର

ପାରାଦୀପ,୧୭।୧(ସମିସ): ନୃଶଂସ ସ୍ୱାମୀ ଘଟାଇଛି ଅମାନୁଷିକ କାଣ୍ଡ । କୌଣସି କାରଣକୁ ନେଇ ଏହି ମଦ୍ୟପ ସ୍ୱାମୀ ଶେଷରେ ମଦ ପିଇ ଟାଙ୍ଗିଆ ସାହାଯ୍ୟରେ ପତ୍ନୀ ନନ୍ଦିନୀକୁ ଜୀବନରେ ମାରିଦେବାକୁ ଉଦ୍ୟମ କରୁଥିଲା । ତେବେ ଆକ୍ରମଣ ବେଳେ ପତ୍ନୀର ଚିତ୍କାର ଶୁଣି ସାହି ପଡ଼ିଶା ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ନନ୍ଦିନୀକୁ ଉଦ୍ଧାର କରି ସ୍ଥାନୀୟ ଅଠରବାଙ୍କୀ



ମେଡିକାଲ ନେଇଥିଲେ । ଖବର ପାଇ ପାରଦୀପ ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆକ୍ରମଣରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରି ଥାନାକୁ ଆଣିଥିଲେ । ଖବର ମୁତାବକ ଯାଜପୁର ଜିଲ୍ଲାର ଟୁକୁନା ମଲ୍ଲିକ ନିଜ ପିଲାଛୁଆଙ୍କୁ ଧରି କିଛି ବର୍ଷ ହେବ ପାରଦୀପର କମଳା ସିନେମା ହଲ ସାମ୍ନା ୧୫ ନମ୍ବର ୱାର୍ଡ ବସ୍ତିରେ ରହି ମିସ୍ତ୍ରି କାମ କରୁଥିଲେ । ତେବେ ଆଜି ସକାଳ ସମୟରେ ଟୁକୁନା ମଦ ପିଇ ନିଜ ପତ୍ନୀକୁ ଖରାପ ଭାଷାରେ ଗାଳି ଗୁଲଜ କରିବା ସହିତ କାମରୁ ସେ ଆସିଲା ବେଳକୁ ଘର ଛାଡି ଚାଲିଯିବାକୁ ସ୍ତ୍ରୀକୁ କହିଥିଲେ । ସ୍ତ୍ରୀ ସ୍ୱାମୀଙ୍କର ଏଭଳି କଥା ଶୁଣି ପିଲାଛୁଆ ଧରି ସେ ବାପ ଘରକୁ ପଳାଇଯିବା ନେଇ କହିବା ପରେ ସ୍ୱାମୀ ଟୁକୁନା ରାଗିଯାଇ ନିଶାସକ୍ତ ଅବସ୍ଥାରେ ଏକ ଟାଙ୍ଗିଆ ସାହାଯ୍ୟରେ ପତ୍ନୀ ନନ୍ଦିନୀକୁ ଆକ୍ରମଣ କରିଥିଲେ । ଆକ୍ରମଣରେ ସ୍ତ୍ରୀର ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା । ଏହି ସମୟରେ ଟୁକୁନା କେଉଁଆଡ଼େ ଫେରାର ହୋଇଯାଇଥିଲେ । ନନ୍ଦିନୀର ଚିତ୍କାର ଶୁଣି ସାହିପଡିଶା ଲୋକେ ତୁରନ୍ତ ନନ୍ଦିନୀକୁ ଉଦ୍ଧାର କରି ଅଠରବାଙ୍କି ମେଡିକାଲକୁ ନେଇଯାଇଥିଲେ । ପ୍ରାଥମିକ ଚିକିତ୍ସା କରାଇ ଘରକୁ ଫେରିଥିଲେ ।

### ରାଜକନିକା ଗ୍ରାମାଞ୍ଚଳ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ଫାଇନାଲ୍‌ରେ ଆୟୋଜକ ନେତାଜୀ କ୍ଲବ୍

ରାଜକନିକା,୧୭।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ତରାସସ୍ଥ ନେତାଜୀ ମିନି ଷ୍ଟାଡିୟମରେ ନେତାଜୀ କ୍ଲବ୍ ପକ୍ଷରୁ ଆୟୋଜିତ ନେତାଜୀ ଗ୍ରାମାଞ୍ଚଳ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଆଜି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ସମାପ୍ତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ଦାଶ, ସମ୍ମାନିତ ଅତିଥି ରୂପେ ସମାଜସେବୀ ଭାଗୀରଥି ସିଂହ ଓ ସାମ୍ବାଦିକ ପ୍ରବୀଣ ବଳ ଉପସ୍ଥିତି ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଏହି ମ୍ୟାଚ୍‌ରେ ନେତାଜୀ କ୍ଲବ୍ ୨-୦ ଗୋଲରେ ପଦନପୁର ଫୁଟବଲ୍ ଟିମକୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛି । ଏହି ମ୍ୟାଚ୍‌ରେ ଉନ୍ନତ ପ୍ରଦର୍ଶନ କରିଥିବା ବିଜେତା ଦଳର ଖେଳାଳି ଶେଖର ନାୟକଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଛି । ଖେଳ ପରିଚାଳନା ଅରୁଣ ବାରିକ, ସଞ୍ଜୟ କୁମାର ନାୟକ ଓ ଶରତ ଜେନା କରିଥିଲେ । ଆସନ୍ତାକାଲି ଆୟୋଜକ ନେତାଜୀ କ୍ଲବ୍ ତରାସ ବନାମ ଯୁବଜ୍ୟୋତି କ୍ଲବ ଚେରଣ୍ଟପଡ଼ା ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବର କୋଷାଧ୍ୟକ୍ଷ ସଞ୍ଜୀବ ଲୋଚନ ନାୟକ ସୂଚନା ଦେଇଛନ୍ତି । କ୍ଲବର ସଦସ୍ୟ ଭରତ ବାରିକ, ଶିବପ୍ରସାଦ ମଲ୍ଲିକ, ରାଜେଶ ବିଶ୍ୱାଳ, ସୁଜିତ ଜେନା, ସୁଶାନ୍ତ ବାରିକ, ସୁମନ୍ତ ନାୟକ, ପ୍ରଜ୍ଞାଜିତ୍ ନାୟକ, ଶରତ ସେଠୀ, ତପନ ବାରିକ, ବିଶ୍ୱଜିତ ବିଶ୍ୱାଳ, ଦିବ୍ୟପ୍ରକାଶ ନାୟକ, ରତିକାନ୍ତ ଦଳାଇ, ଲଗ୍ନଜିତ ବାରିକ, ନନ୍ଦନ ସାହୁ, ସନ୍ଦୀପ ରାଉତ, ଅଭିଷେକ ନାଥ, ବିଶାଳ ନାୟକ ଉପସ୍ଥିତ ରହି ଖେଳକୁ ସୂଚାରୁ ରୂପେ ପରିଚାଳନା କରିଥିଲେ ।



## 'ଦୀନବନ୍ଧୁ ଥିଲେ ସାମ୍ୟବାଦ ଆନ୍ଦୋଳନର ଅଗ୍ରଦୂତ'



କୁଜଙ୍ଗ,୧୭।୧(ସମିସ): ଷାଠିଏ ଦଶକରେ ଅବିଭକ୍ତ କଟକ ଜିଲ୍ଲାରେ ସାମ୍ୟବାଦ ଆନ୍ଦୋଳନର ଅଗ୍ରଦୂତ ଥିଲେ ଦୀନବନ୍ଧୁ ତରାଇ । ସାମନ୍ତବାଦୀ ବିରୋଧରେ ଆନ୍ଦୋଳନର ନେତୃତ୍ୱ ନେଇ ଏକ ସାମ୍ୟ ସମାଜର ସ୍ୱପ୍ନ ବୁଣି ଯାଇଥିଲେ । ତାହା ଆଜି ମହାଦ୍ରୁମରେ ପରିଣତ ହୋଇଛି ବୋଲି ୨୬ତମ ସ୍ମୃତି ସଭାରେ ମତ ପ୍ରକାଶ ପାଇଛି । କୁଜଙ୍ଗ ସୂଚନା ଭବନରେ କମ୍ରେଡ ଦୀନବନ୍ଧୁ ତରାଇ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ସ୍ମୃତିସଭା ବାବୁରାମ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭାରେ ଚଳିତବର୍ଷ ସମାଜସେବୀ ଗୌରାଙ୍ଗ ଚରଣ ହୋତାଙ୍କୁ ଦୀନବନ୍ଧୁ ସେବା ସମ୍ମାନ ସନନ୍ଦ, ଉପଢୌକନ ସହ ପାଞ୍ଚ ହଜାର ଟଙ୍କା ସ୍ମୃତି ସଂସଦ ପକ୍ଷରୁ ପ୍ରଦାନ କରାଯାଇଥିଲା । ମୁଖ୍ୟଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ପ୍ରତାପ କୁମାର ମିଶ୍ର ଯୋଗଦେଇଥିଲେ । ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟାପକ ଅଜୟ ସାମଲ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ଡା. କୁଳମଣି ସାମଲ, ଚାଷୀ ନେତା ଶଶିଭୂଷଣ ସ୍ୱାଇଁ, ଆଡଭୋକେଟ ବାସୁଦେବ, ଡ. ରଘୁନାଥ ସାହୁ, ମାୟାଧର ଦାସ, ଆଡଭୋକେଟ ଅନନ୍ତ ଚରଣ ପରିଡା, ସୁରେନ୍ଦ୍ର ନାଥ ସ୍ୱାଇଁ, ମଥୁରାନନ୍ଦ ତରାଇ, ଶିଶିର ମହାପାତ୍ର, ମନୋରମା ଖଟୁଆ, ବିଜୟ ଖଟେଇ ପ୍ରମୁଖ ଯୋଗ ଦେଇଥିଲେ । କବି ନବୀନ ପ୍ରଧାନ, ରୁନିବାଳା ମଲ୍ଲିକ, ଗୌରହରି ବାରିକ, ଜୟନ୍ତୀ କୁମାରୀ ଦାସ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଏହି ସଭାକୁ ଓଡିଶା ସାହିତ୍ୟ ଏକାଡ଼େମୀ ପୁରସ୍କୃତ କବି ପୀତାମ୍ବର ତରାଇ ସଂଯୋଜନା କରିଥିବା ବେଳେ ଦୀନବନ୍ଧୁ ତରାଇଙ୍କ ସୁପୁତ୍ର ତଥା ସାଂସଦ ବିଭୂପ୍ରସାଦ ତରାଇ ନିଜ ପିତାଙ୍କ ସଂପର୍କରେ ସ୍ମୃତିଚାରଣ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

### ସିଙ୍ଗିଡ଼ି ମିନି ବ୍ୟାଙ୍କରେ ଅଚଳାବସ୍ଥା

# ଜମା ଅର୍ଥ ଉଠାଣ ନ ହେବାରୁ ଅସନ୍ତୋଷ

ରାଜକନିକା,୧୭।୧(ସମିସ)

ଗତ ଦୁଇମାସ ଧରି କାଟଣା ବଜାରରେ ଅବସ୍ଥିତ ସିଙ୍ଗିଡ଼ି ମିନି ବ୍ୟାଙ୍କରେ ସମ୍ପାଦକଙ୍କ ନିଲମ୍ବନ ପରେ ଚାଷୀଙ୍କ ସହ ଜମାକାରୀ ବହୁତ ହଇରାଣ ହେଉଛନ୍ତି । ଏହି ବଜାର ଅଞ୍ଚଳରେ କୌଣସି ବ୍ୟାଙ୍କ ସୁବିଧା ନ ଥିବାବେଳେ ପଡୋଶୀ ୩ ପଞ୍ଚାୟତ ସହ ଶହ ଶହ ଲୋକେ ଏହି ମିନିବ୍ୟାଙ୍କ ଉପରେ ନିର୍ଭର କରିଆସିଛନ୍ତି । ମାତ୍ର ସିଙ୍ଗିଡ଼ି ପ୍ରାଥମିକ କୃଷି ସମବାୟ ସମିତିରେ କିଛିଦିନ ଧରି ସମ୍ପାଦକ ଓ ପରିଚାଳନା ବୋର୍ଡ ସଦସ୍ୟଙ୍କ ମଧ୍ୟରେ କୃଷି ଋଣକୁ ନେଇ ବିବାଦ ଲାଗି ରହିଥିବାବେଳେ ଏହି ବ୍ୟାଙ୍କ ଉପରେ ନିର୍ଭର କରୁଥିବା ସମସ୍ତ ଗ୍ରାହକ ଏବେ ଅର୍ଥ କାରବାରକୁ ନେଇ ଅସୁବିଧାରେ ପଡିଛନ୍ତି ।

ଗତ ନଭେମ୍ବର ୧୭ ତାରିଖ ଦିନ ଏହି ପାକ୍ସର ସମ୍ପାଦକ ନିଲମ୍ବନ ହୋଇ ଥିବାରୁ ବ୍ୟାଙ୍କ କାରବାର ଏକବାର ଠପ ହୋଇଯାଇଛି । ତେବେ ନିୟମ ଅନୁଯାୟୀ ଏହି ପାକ୍ସର ସହସମ୍ପାଦକ ମିନିବ୍ୟାଙ୍କ ପରିଚାଳନା କରିବାକୁ ଥିବାବେଳେ ଏଠାରେ କୌଣସି ସହ ସମ୍ପାଦକ ନ ଥିବାରୁ ଖୋଦ ସମ୍ପାଦକ ଉଭୟ ପାକ୍ସ ଓ ମିନି ବ୍ୟାଙ୍କ ଚଳାଇଥା'ନ୍ତି । ଯେହେତୁ ସମ୍ପାଦକ ନିଲମ୍ବନ ହୋଇଛନ୍ତି, ତାଙ୍କର ପୁନଃ ଯୋଗଦାନ ନ ହେବା ଯାଏ ପାକ୍ସର ପିଅନଙ୍କ ଦ୍ୱାରା ମିନି ବ୍ୟାଙ୍କର ଅର୍ଥ କାରବାର ଚାଲୁ ରହିଥିବାବେଳେ ଜମାକାରୀଙ୍କ ଦ୍ୱାରା ଜମା ବାବଦ ପାଣ୍ଠି ଗଚ୍ଛିତ ନ ଥିବାରୁ ଲୋକେ ଟଙ୍କା ଉଠାଣ କରି ନ ପାରି ହଇରାଣ ହେଉଥିବା କହିଛନ୍ତି । ଏମିତି ସମସ୍ୟାରେ ଛନ୍ଦି ହେଉଥିବା ଜମାକାରୀ ଖଣ୍ଡେଇତାର ଗୋପୀନାଥ ଦ୍ୱିବେଦୀ, ପାଣ୍ଡରକୋଳିର ଗଗନ ବିହାରୀ ବେହେରା, ସୁବାସିନୀ ବାରିକ, ସୁଭଦ୍ରା ବାରିକ, ବଣିଆର ଭରତ ବେହେରା, ଗାରଡ଼ପୁରର ରାମଚନ୍ଦ୍ର ସ୍ୱାଇଁ, ନଗେନ ପରିଡା, କବିତା ପରିଡା, କାଟଣାର ରଙ୍କନିଧି ପଲାଇ, ରାଜୀବ ଲୋଚନ ମାହୁନ୍ତ, ପ୍ରତାପ ମିଶ୍ର, ହିମାଂଶୁ ଭୂଷଣ ପଣ୍ଡା, ସୁବାସୀନୀ ପଲାଇ, ଅଞ୍ଜନ ପଣ୍ଡା, ଗଙ୍ଗାଧର ସାମଲ, ମଦରଙ୍ଗାପାଟର ଧିରେନ ବାରିକ ପ୍ରମୁଖ ନିଜର ଅତି ଆବଶ୍ୟକୀୟ ଅର୍ଥ ଉଠାଇ ନ ପାରି ହଇରାଣ ହେଉଛନ୍ତି । ସିଙ୍ଗିଡ଼ି ମିନି ବ୍ୟାଙ୍କର ଏହି ଅଚଳାବସ୍ଥା ଦୂର ପାଇଁ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ତ୍ୱରିତ ପଦକ୍ଷେପ ନେବାକୁ ଦାବି ହୋଇଛି ।

## ଶିବ ମନ୍ଦିର ଲିଙ୍ଗ କୁଣ୍ଡରୁ ପୂଜକଙ୍କ ମୃତଦେହ ଉଦ୍ଧାର

ଜଗତସିଂହପୁର,୧୭।୧(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ପୁନଙ୍ଗ ଗ୍ରାମରେ ଥିବା ପୂର୍ଣ୍ଣେଶ୍ୱର ମନ୍ଦିରର ପୂଜକ ଓମପ୍ରକାଶ ପଣ୍ଡା ଓରଫ ଶିବୁଙ୍କ ମୃତଦେହ ଆଜି ମଧ୍ୟାହ୍ନରେ ମନ୍ଦିର ଭିତରେ ଥିବା ଶିବଲିଙ୍ଗ କୁଣ୍ଡରୁ ଉଦ୍ଧାର କରାଯାଇଛି । ଶିବୁ ଆଜି ଠାକୁରଙ୍କ ନୀତି କରିବାରୁ ମନ୍ଦିର ଯାଇଥିଲେ । ତେବେ ମଧ୍ୟାହ୍ନ ସମୟରେ ଠାକୁର ଦର୍ଶନ ପାଇଁ ଯାଇଥିବା ଗ୍ରାମବାସି ଲିଙ୍ଗ କୁଣ୍ଡ ପାଣିରେ ଶିବୁର ମୁଣ୍ଡ ବୁଡି ରହିଥିବା ଏବଂ ଗୋଡ଼ ଉପରେ ଥିବା ଦେଖିଥିଲେ । ସଦର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିଥିଲା । ଲିଙ୍ଗ କୁଣ୍ଡରେ ବୁଡି ଶିବୁର ମୃତ୍ୟୁ ହୋଇଥିବା ସଦର ଥାନା ଆଇଆଇସି ସରୋଜ ସାମଲ ସୂଚନା ଦେଇଛନ୍ତି । ଶବକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ଏବଂ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି ।

# ଶ୍ରମିକ ମୃତ୍ୟୁ ପରେ ହିନ୍ଦୋଳରେ ଖଣି, କ୍ରସର ବନ୍ଦ

ହିନ୍ଦୋଳ,୧୭ ।୧(ସମିସ)

ହିନ୍ଦୋଳ ଉପଖଣ୍ଡ ମୋଟଙ୍ଗା ଥାନା ନିମିଧା ପଞ୍ଚାୟତ ଗୋପାଳପୁର ପଥର ଖଣିରେ ବିସ୍ଫୋରଣ ଘଟି ୨ ଶ୍ରମିକଙ୍କ ମୃତ୍ୟୁ ହେବା ପରେ ଜିଲ୍ଲାପ୍ରଶାସନ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଓଡ଼ାପଡ଼ା ସମେତ ହିନ୍ଦୋଳ ଉପଖଣ୍ଡରେ ଥିବା ସମସ୍ତ ପଥର ଖଣି ଓ କ୍ରସର ୟୁନିଟଗୁଡ଼ିକୁ ସିଲ୍ କରିଦେଇଛି । ଫଳରେ ଉପଖଣ୍ଡ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ଠପ୍ ହୋଇପଡିଛି । ବାଲି, ଚିପ୍ସ ଯୋଗାଣ ଏବେ ସମ୍ପୂର୍ଣ୍ଣ ବନ୍ଦ ହେବା ଫଳରେ ବିଭିନ୍ନ ଗ୍ରାମରେ ଲୋକେ ନିଜ ଘରକାର୍ଯ୍ୟ ମଧ୍ୟ କରିପାରୁନାହାନ୍ତି । କ୍ରସର ସିଲ୍ ହେବା ପରେ ହିନ୍ଦୋଳବାସୀଙ୍କୁ ଚିପ୍ସ ଗାଣ୍ଡୁଏ ମିଳିବା ବି କଷ୍ଟକର ହୋଇପଡ଼ିଛି । ବିଭିନ୍ନ ଗ୍ରାମରେ ହେଉଥିବା ଘର ନିର୍ମାଣ ସହ ସରକାରଙ୍କ ତରଫରୁ ଚାଲିଥିବା ଉନ୍ନୟନ କାର୍ଯ୍ୟ ବନ୍ଦ ହୋଇଯାଇଛି । ବାଲି, ଚିପ୍ସ ମିଳୁ ନ ଥିବାରୁ ଠିକାଦାରମାନେ କାର୍ଯ୍ୟ ବନ୍ଦ କରିଦେଇଛନ୍ତି ।

**● ଉପଖଣ୍ଡରେ ଉନ୍ନୟନ କାର୍ଯ୍ୟ ଠପ୍**
**● ହାତବାନ୍ଧି ବସିଛନ୍ତି ଶତାଧିକ ଶ୍ରମିକ**

ଏଣେ ଖଣି, କ୍ରସର ବନ୍ଦ ହେବା ଫଳରେ ଖଣିଖାଦାନରେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିବା ଶହ ଶହ ଶ୍ରମିକ ହାତବାନ୍ଧି ଘରେ ବସିଛନ୍ତି । କାମ ମିଳୁ ନ ଥିବାରୁ ଶ୍ରମିକମାନଙ୍କ ପରିବାର ଭୋକ ଉପାସରେ ରହୁଥିବା ଅଭିଯୋଗ ହେଉଛି । ସିଲ୍ କରାଯାଇଥିବା ଖଣି, କ୍ରସର ମଧ୍ୟରୁ କେତେକ ବୈଧ ଥିବାବେଳେ ପ୍ରଶାସନ ତାହାକୁ ବିଚାରକୁ ନ ନେଇ କିପରି ସମସ୍ତ କ୍ରସର ବନ୍ଦ କଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୂର୍ବରୁ ପ୍ରଶାସନିକ ଅଧିକାରୀଙ୍କ ଜ୍ଞାତସାରରେ ଚାଲୁଥିବା ବେଆଇନ ପଥର ଖଣି, କ୍ରସର ୟୁନିଟ ଓ ବାଲିଘାଟଗୁଡ଼ିକରୁ ଅଧିକାରୀମାନେ ମୋଟା ଅଙ୍କର ହାତଗୁଞ୍ଜା ନେଇ ପରୋକ୍ଷରେ ସେମାନଙ୍କୁ ସମର୍ଥନ କରିଆସୁଥିଲେ । ଫଳରେ ଚୋରା ଚାଲାଣ ଉପରେ ପ୍ରଶାସନର ଅଙ୍କୁଶ ଲାଗିପାରୁ ନ ଥିଲା । ଏବେ ଦୁର୍ଘଟଣାରେ ଦୁଇ ଶ୍ରମିକଙ୍କ ମୃତ୍ୟ ହେବା ପରେ ବୈଧ କ୍ରସରଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା କେତେଦୂର ଯଥାର୍ଥ ବୋଲି ଆଲୋଚନା ହେଉଛି । ଏହାଦ୍ୱାରା ଉପଖଣ୍ଡର ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଠିକାଦାର ପର୍ଯ୍ୟନ୍ତ ସମସ୍ତେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରଶାସନ ଏହାର ପୁନର୍ବିଚାର କରି ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବୈଧ ପଥର ଖଣି ଓ କ୍ରସର ୟୁନିଟକୁ ଚଳାଇବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି ।

# ସ୍ୱର୍ଗଦ୍ୱାର




ସୁଶୀଲ କୁମାର ପାଣିଗ୍ରାହୀ

ଫେରିଲା ପରେ
ସ୍ୱର୍ଗଦ୍ୱାର ଆଡ଼କୁ ମୁହଁ କରି
କହିଲି : ଦିନେ ଆସିବି
ଏଇଠୁ ଏକାକୀ ବାହାରି ପଡ଼ିବି
ଅନନ୍ତ ଯାତ୍ରାରେ

ଅନୁଭବ କଲି
କିଛି ଛାଡ଼ି ଆସିଛି ଭିତରେ
ଜଳୁଥିବା ଚିତାଗ୍ନିରେ
ଅହଂ ମୋର ଜଳିଯାଇଛି ବୋଧେ

ସାମ୍ନାରେ ସମୁଦ୍ରର
ଗଭୀରତା
ପାଖରେ ନଭଶ୍ଚୁମ୍ବୀ ଅଟ୍ଟାଳିକାର
ଉଚ୍ଚତା
ପାଦତଳେ ବାଲିକଣିକା ପରି
ମୁହୂର୍ତ୍ତ
ମୁଠାରେ ଧରି
ପଶି ପାରିବିନି
ଖାଲି ହାତରେ ଆସିବାକୁ
ପଡ଼ିବ ମୋତେ




ଚିତାକୁଇର ଆଲୁଅ
ହଟାଇ ଦେଇଛି ମୋ ଆଖିର ଅନ୍ଧାର
ଜଳୁଥିବା କାଠ
ଉପାଡ଼ି ଦେଇଛି
ମୋହମାଟିରେ ପୋତିକରି ରଖିଥିବା
ମୋର ଦୁଇ ପାଦ
ଧୂଆଁ ଭିତରେ
ଦିଶୁଛି କେବଳ ନିଆଁର ତେଜ
ଏହା ସତ୍ୟ
ଏହା ହିଁ ସତ୍ୟ

ସ୍ୱର୍ଗଦ୍ୱାରରୁ ବାହାରିଲା ପରେ
ଲାଗୁଛି ମୋ ଭିତରେ
ଅଛି ଖାଲି ଗୋଟିଏ ମଣିଷ । ■

କଲ୍ୟାଣୀ ରେସିଡେନ୍ସି, ଫ୍ଲାଟ-୨୦୩
ଜଲାନ ଗଳି, ସମ୍ବଲପୁର-୨
ମୋ:୮୧୪୪୨୮୨୦୨

# ପବନ ବହୁଛି ଯେମିତି





ତ୍ରିନାଥ ସିଂହ

ପବନ ବହୁଛି ଯେମିତି
କିଏ ଜାଣେ କେତେବେଳେ କୋଉକଥା !

ଅଗଣାରେ ଶୁଖୁଛି ଯୋଉ ଜାମାପଟା
କୁଲାରେ ବଡ଼ି ଓ ବାଉଁଶ କରଡ଼ି
କାନ୍ଥିନୀରେ ଆଚାର-ବୋତଲ, ଆମ୍ବୁଲ-ପାଛିଆ...
ସବୁ ଘିନିଆସ ।

ବାରଣ୍ଡାରେ
ସାନପୁଅର ସାଇକଲ୍ ଓ ଚିତ୍ରାଙ୍କନ ଖାତା...
ଖାତାରେ ଆଙ୍କିଛି ସିଏ ନିରୀହ ସ୍ୱପ୍ନଙ୍କୁ ସଜେଇ
ଯୋଉ ସୁନ୍ଦର ଛବିଳ ଘରର ନକ୍ସା
ପାହାଡ଼ତଳ ନଈରେ ଗୀତ ଗାଇଗାଇ
ନାଆ ମେଲିଦେଇଛି ଯୋଉ ନାଉରିଆ...
ସବୁ ଘିନିଆସ ।

ସରକାର ବାହାଦୂର କେତେକଥା କହୁଛନ୍ତି
ପ୍ରଜାକୁଳଙ୍କର ସ୍ୱାର୍ଥରକ୍ଷାକୁ ନେଇ-
ଖାଦ୍ୟଠାରୁ ଶିକ୍ଷା ଯାଏଁ
ଆର୍ଥିକ ସୁରକ୍ଷାଠାରୁ ସାମାଜିକ ନିରାପତ୍ତା ଯାଏଁ ...
ହେଲେ ଏତେବଡ଼ ପଡ଼ିଆରେ
ଚାକୁଣ୍ଡାଗଛଟିଏ ବି ନାହିଁ କୋଉଠି
ଖରା ଟିକେ ବଢ଼ିଗଲେ ଠିଆହେଇ ପଡ଼ିବାକୁ !

ସେଇ ଯୋଉ ଗଛ ଦେଖୁଛ, ଗହଳିଆ...ଘଞ୍ଚ...
ସେଠି ଠିଆ ହୁଅନାହିଁ
କେତେବେଳେ ବି ଚଡ଼ଚଡ଼ି ମାରି ଦେଇପାରେ
ଗଛକୁ

ସେଇ ଯୋଉ ରାସ୍ତା ଦେଖୁଛ, ମଚମଚ୍ କଳା...
ସେ ରାସ୍ତାରେ ଯାଅନାହିଁ
କେତେବେଳେ ବି ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ
ଧ୍ୱସ୍ତ ହେଇ ଯାଇପାରେ ପାଦତଳର ମାଟି

ଏଇ ନୀଳ-ନିର୍ଭୟ ଆକାଶ ତଳେ ବି
ତୋଳନାହିଁ ଘର
କେତେବେଳେ ବି ଭୁଶୁଡ଼ି ଯାଇପାରେ
ଏତେ ବଡ଼ ଆକାଶ
ମୁଣ୍ଡ ଗୁଞ୍ଜିଥିବା ଘର ଉପରେ ତୁମର...!!

କଡ଼ା ଇସ୍ତ୍ରୀ ମାରି
ଧଳା ସୁତୁରା ଯୋଉ ଜାମାଯୋଡ଼ ପିନ୍ଧି ବାହାରିଛ ଘରୁ
ଫେରିବାବେଳକୁ ହୁଏତ ସେ ସବୁ
ରକ୍ତରଞ୍ଜିତ ଦିଶୁଥିବ ତୁମ ରକ୍ତରେ
ହୁଏତ ରକ୍ତ ସାଲୁବାଲୁ ହେଇଯାଇଥିବ ତୁମର ଆଖି
ପ୍ରିୟ ପରିଜନଙ୍କର ବୀଭତ୍ସ ମୃତଦେହ ଦେଖି...


କିଏ ଜାଣେ, କେତେବେଳେ କୋଉକଥା !

ଯାଅ, ଘିନିଆସ
କାନ୍ଥିନୀରୁ ଆଚାର-ବୋତଲ, ଆମ୍ବୁଲ-ପାଛିଆ
ପୁଅର ଚିତ୍ରାଙ୍କନ ଖାତାରୁ
ସେ ଆଙ୍କିଥିବା ସ୍ୱପ୍ନ-ଛବିଳ-ଘର
ପାହାଡ଼ତଳ ନଈରେ ନୌକା ବାହୁଥିବା ନାଉରିଆର
ଭାବ-ବିହ୍ୱଳ-ଗୀତ...
ସବୁ ଘିନିଆସ ।

ପବନ ବହୁଛି ଯେମିତି...
କିଏ ଜାଣେ, କେତେବେଳେ କୋଉକଥା !! ■

ଭବିଷ୍ୟନିଧି କାର୍ଯ୍ୟାଳୟ, ପାନପୋଷ ମାର୍ଗ,
ରାଉରକେଲା - ୭୬୯୦୧୨
ମୋ: ୮୮୯୫୦ ୯୯୪୭୪

# ବାପା ଓ ବରଗଛ



ଅଞ୍ଜନ ଚାନ୍ଦ

ଗାଁ ମୁଣ୍ଡରେ ଆମର ଗୋଟେ ଭଲ ଘର ଥିଲା । ଉଚ୍ଚ ପିଣ୍ଡା । ସୁନ୍ଦର କାଠ କବାଟ । ଗଳି ରାସ୍ତା ଦୁଇ ପଟେ ମାଟିଛାତ ପଡ଼ିଥିବା ଦୁଇଟି ଶୀତଳ କୋଠରି । ପଛ ପାଖରେ ଲମ୍ବା ଚାଳିଆ ତଳେ ଚୁଲି ଓ ରୋଷେଇ ସଜ । କାଠ, କୁଟା, ଅନାବନା ଜିନିଷ ରହିବା ପରେ ଯେତିକି ଜାଗା ବଳି ପଡ଼େ ସେଠାରେ ଖାଇବା କାମଟି ବି ହୁଏ ।

ସେ ଘରଟି ଥିଲା ଗାଁର ଶେଷ ଘର । ତା'ପରେ ଉତ୍ତର ଗଡ଼ିଆ । ଆମ ବଂଶ ଆଠ ଘରର ଇଜମାଲି । ସେ ଗଡ଼ିଆର ବନ୍ଧକୁ ଲାଗି ଖଣ୍ଡେ ଜଳାଭୂଇଁ । ସେଇଠୁ ଭୁଆ ବିଲ ଲମ୍ବିଥାଏ କାହିଁ ଯେ କେତେ ଦୂର । ସଞ୍ଜ ଆଗରୁ ଯେତେବେଳେ ଦନ୍ତୁରିତ କୃଷ୍ଣ ପାଚେରୀ ସେପଟେ ସୂର୍ଯ୍ୟ ଲୁଚିଯାଏ ମନେ ହୁଏ, ଯେମିତି ଆଉ କେଉଁ ଗୋଟେ ନୂଆ ଦେଶ ସେଠାରେ ପସରା ମେଲିଛି ।

ଆମ ପରି ଛୋଟ ପିଲାଙ୍କ ପାଇଁ ସେଇ ଉତ୍ତର ଗଡ଼ିଆ, ତା' ବନ୍ଧରେ ଥିବା ଗଛବୃଚ୍ଛ ଅନେକ ରହସ୍ୟ ଲୁଚାଇ ରଖିଥାଏ । ଗଡ଼ିଆ ଓ ଜଳାଭୂଇଁକୁ ଯେଉଁ ନାଳଟି ଲାଗିଥାଏ ତା'ର ପାଣି ଖୁବ୍ ସଫା ଏବଂ ଦଳେ କୁନି ମାଛ ସେଠାରେ ଅନବରତ ଲୁଚକାଳି ଖେଳରେ ମାତିଥା'ନ୍ତି । ଗଡ଼ିଆ ଆଡ଼ିରେ ମିଠା ଜାମୁକୋଳି ଗଛରେ ପଲେ ମାଙ୍କଡ଼ । ତାଳ ଗଛ ଅଗରେ ଝୁଲୁଥାଏ ବାଇଚଢ଼େଇ ବସା । କ'ଣ ଗୋଟେ ଅପୂର୍ବ ଚିଜକୁ ଦୁଇ ହାତରେ ଧରି ଖାଉଥାଏ ଗୁଣ୍ଡୁଚିମୂଷା । ଜଳ ଭିତରକୁ ଝାମ୍ପ ମାରି ମାଛ ଧରୁଥାଏ ମାଛରଙ୍କା । ଜଳାଭୂଇଁରେ କେତୋଟି ବଗ ଧ୍ୟାନରେ ବସିଥାନ୍ତି । ସେମାନଙ୍କ ସହିତ ଆମର ନିତିଦିନିଆ ସମ୍ପର୍କ । ସେ ସମ୍ପର୍କରେ ମିତ୍ରତା ନଥିଲେ ବି ଆନ୍ତରିକତା ରହିଥାଏ । ଆମ ଦରିଦ୍ର ଶୈଶବକୁ ସେମାନେ ହିଁ ଆନନ୍ଦମୟ କରି ରଖିଥା'ନ୍ତି । ଦିନଗୁଡ଼ିକ ଖୁସିରେ ବିତିଯାଉଥାଏ । ଅଥଚ କ'ଣ ହେଲା କେଜାଣି ଦିନେ ସେଇ ସୁନ୍ଦର ଘର ଓ ଚମତ୍କାର ଜାଗାକୁ ଛାଡ଼ି ବାପା ଚାଲିଆସିଲେ ବରଜ ବାଡ଼ିକୁ ।

ଗାଁର ଦକ୍ଷିଣକୁ ବିରାଟ ମଶାଣି ପଦା । ବାଲି ରାସ୍ତାଟିଏ ହାଟ ପଦାକୁ ପଡ଼ିଛି । ସେଇ ରାସ୍ତା ଆର ପଟେ ଗୋଟେ ବୁଦୁବୁଦୁକିଆ ଅପନ୍ତରା ଜାଗାର ନାଁ ବରଜବାଡ଼ି । କେଜାଣି କେବେ ସେଠାରେ ପାନବରଜ ଥିଲା । ଏବେ କେବଳ ବଡ଼ ବଡ଼ ବାଲିକୁଦ । କଳା ପାଣିର ଗୋଟେ ଚୁଆଗଡ଼ିଆ । ଗଡ଼ିଆ କୂଳରେ ଖଣ୍ଡେ ଜାଗା ସଫା ହୋଇ ଛିଟା କାନ୍ଥ ଓ ନଡ଼ା ଛପର ଘରଟିଏ । ଚାଳ ଏତେ ତଳକୁ ନଇଁ ପଡ଼ିଛି ଯେ, ମୋ ପରି ଛୋଟ ପିଲାଙ୍କୁ ଛାଡ଼ି ବଡ଼ମାନଙ୍କୁ ଭିତରକୁ ପଶିବାକୁ ହେଲେ ଝୁଙ୍କି ପଡ଼ି ସଲାମ କରିବାକୁ ହୁଏ ।

ସେଦିନ ମନେ ହୋଇଥିଲା ବାପାଙ୍କ ପରି ଶତ୍ରୁ ବୋଧହୁଏ ସଂସାରରେ ନାହିଁ । ଗାଁ ଭିତରେ ନିଜ ଲୋକଙ୍କଠାରୁ ଦୂରକୁ ଆଣି ମଶାଣି ପଦାର ଭୂତମାନଙ୍କ ପାଖରେ ଆମକୁ ରଖିଲେ । ସେ ବି ନିଜେ କେଉଁ ଭଲରେ ଥିଲେ । ବିରସ ମୁହଁଟିକୁ କାନ୍ଧ ଉପରେ ଥୋଇ ନିରବରେ ବସି ରହୁଥିଲେ । ତାପରେ ଦୀର୍ଘଶ୍ୱାସ ଛାଡ଼ି ଉଠି ଯାଉଥିଲେ କାମକୁ । ବାଡ଼ି ସଫା କରୁଥିଲେ । ବିଲରୁ ମାଟି ଆଣି ଖଳା ତିଆରି କଲେ । ଚାରିପଟେ ବାଡ଼ ସଜାଡ଼ି ଫୁଲ ଓ ଫଳଗଛ ଲଗାଇଲେ । ଏସବୁ କାମ ଭିତରେ ଦିନେ ଦେଖିଲି କେଉଁଠୁ ବରଗଛଟିଏ ଆଣି ସେ ରାସ୍ତା ପାଖରେ ଲଗାଇଲେ ।

-"ଏତେ ବଡ଼ ଗଛ କ'ଣ ଲାଗିବ?" - ରାସ୍ତାରେ ଯିଏ ଯାଉଥିଲେ କହୁଥିଲେ । ବାପା ତାଙ୍କର ନଶୁଣି କାମରେ ଲାଗିଥା'ନ୍ତି । ସେ ସବୁଦିନ ସେମିତି । ମନକୁ ଯାହା ଆସିବ କାହା କଥା ଶୁଣିବେ ନାହିଁ । କାହାକୁ କିଛି କହିବେ ନାହିଁ । ନିଜ କାମ ଭିତରେ ଏମିତି ମଜି ଯାଇଥିବେ ଯେମିତି ବାହାର ଦୁନିଆ ସହିତ ତାଙ୍କର କିଛି ସମ୍ପର୍କ ନାହିଁ ।



ବାପାଙ୍କ ଅନବରତ ଯତ୍ନରେ ବରଗଛଟି ସେଇ ନୂଆ ଜାଗାରେ ନିଜକୁ ଚଳେଇ ନେଲା । କିଛିଦିନ ଉଦାସ ରହି ସେ ପୁଣି ଥରେ ଚେଇଁଲା । ନୂଆ ଶାଖା ପ୍ରଶାଖା ଆନନ୍ଦରେ ଆକାଶକୁ ମେଲାଇ ଦେଲା । ସେଦିନ ଖୁବ୍ ବିରଳ ଚେନାଏ ହସ ବାପାଙ୍କ ମୁହଁରେ ଦେଖିଲି । ଗଛ ଚାରିପଟେ ମାଟିର ପିଣ୍ଡି ତିଆରି କରି ସେ ସୌଧଟିଏ ଗଢ଼ିବା ପରି ଆନନ୍ଦରେ ବିଭୋର ଦିଶିଲେ ।

ବାପାଙ୍କର ପାଖ ଦୃଷ୍ଟି ଭଲ ନଥିଲା । ଜହ୍ନମାମୁ କି ରହସ୍ୟ ଗପ ବହି ଖଣ୍ଡେ ପଢ଼ିବା ବେଳକୁ ଗୋଟେ ପୁରୁଣା ଚଷମାକୁ ପୋଛିପାଛି ଆଖିରେ ଦେଉଥିଲେ । କିନ୍ତୁ ସେ ଯେ ଆଗକୁ ଲମ୍ବିଥିବା ସମୟର ବହୁ ଦୂରକୁ ଦେଖି ପାରୁଥିଲେ ଏହା ଅନେକ ଦିନ ପରେ ବୁଝିଲି ।

ହାଟ ପଦାକୁ ପଡ଼ିଥିବା ବାଲି ରାସ୍ତାରେ ମାଟି ପଡ଼ିଲା । କେଉଁ ପାହାଡ଼ ଦେହରୁ ପଥର ଆଣି ବିଛାଇ ଦିଆଗଲା । ତା' ଉପରେ ଘର୍ଘର୍ ହୋଇ ଚାଲିଲା ହଜାର ମହଣି । ଶେଷରେ ନାଲି ଗୋଡ଼ି ବିଛାଇ ତିଆରି ହେଲା ସୁନ୍ଦର ରାସ୍ତା । ଗାଡ଼ି ମୋଟର ସହିତ ଅନ୍ନପୂର୍ଣ୍ଣା ଓ ମହାଲକ୍ଷ୍ମୀ ଦୁଇ ଖଣ୍ଡ ବସ୍ ଗାଁରୁ ସହରକୁ ଯିବା ଆସିବା କଲା ।

ବରଗଛ ମୂଳର ମାଟିପିଣ୍ଡିକୁ ବାପା ପକ୍କା କରିଦେଲେ । ଦଇନ କକା ଗୁମୁଟି ପକାଇ ସେଠାରେ ହରେକମାଲ ଦୋକାନ ଖୋଲିଲେ । ଗଛ ଉପରେ କେତେ ଚଢ଼େଇ, ତଳେ ମଣିଷ, ଗୋରୁ ଗାଈ । ପାଖ ଗାଁର ପିଲାମାନେ ସେଠାକୁ ଖେଳିବାକୁ ଆସିଲେ । ଆମ କୈଶୋର ସେଇ ବରଗଛ ତଳେ ପୁଣି ଚଳଚଞ୍ଚଳ ହେଲା । ଚାରିପଟେ ଥିବା ଗାଁର ଲୋକ, ବାଟ ଚଲା ବାଟୋଇ, ସମସ୍ତଙ୍କ ସହିତ ଗଛଟିର ସମ୍ପର୍କ ଦିନକୁ ଦିନ ନିବିଡ଼ ହୋଇ ଉଠିଲା ।

ସମୟ ଯେବେ ପଛକୁ ଯାଏ ତା' ଗତିର ପ୍ରଖରତା ଅନୁଭବ କରିହୁଏ । ବୁଝିହୁଏ ସେଇ ବିଗତ ସମୟ ସହିତ ଆମେ କେତେ ସବୁ ଦୁର୍ଲଭ ଚିଜ ହରାଇ ବସିଛୁ । ଆହା, କୁଆଡ଼େ ଗଲା ସେ ସୁନ୍ଦର ପିଲାଦିନ । ବାପାଙ୍କ ଶାସନର ଆବରଣ ତଳେ ଛପି ରହିଥିବା ସ୍ନେହ, ଗାଳି ଭିତରେ ଲୁଚିଥିବା ଆଶିଷ, ସେତେବେଳେ କିଛି ତ ବୁଝି ହେଉନଥାଏ । ଯେବେ ସବୁ କଥା ବୁଝି ହୁଏ ସେବେ ବୋଧେ ବାପା ଆଉ ନଥାନ୍ତି ସଂସାରରେ । ଜୀବନ ଯାକ କେତେ ସଂଘର୍ଷ କରି ତଥାପି ଦର୍ପରେ ଚାଲୁଥିବା ଲୋକଟି ଦିନେ ଏଇ ମାତ୍ର ଖଟରୁ ତଳକୁ ଖସି ପଡ଼ି ମରଣ ପାଖରେ ହାରିଯାଏ । ମଶାଣି ପଦାରେ ତାଙ୍କର ସେଇ ପ୍ରିୟ ବରଗଛଠାରୁ କିଛି ଦୂରରେ ଧୂଆଁ ହୋଇ ଉଡ଼ିଯାଏ କେଉଁ ଅଜଣା ଦେଶକୁ ।

ଏଇ ନିକଟରେ ମୁଁ ପରିବାର ସହିତ ଗାଁକୁ ଯାଇଥିଲି । ସେଦିନର ବାଲିବନ୍ତ ମଫସଲ ଏବେ ଅନେକ ବଦଳିଛି । ନାଲି ଗୋଡ଼ି ରାସ୍ତା ହୋଇଛି ପ୍ରଶସ୍ତ ପିଚୁ ସଡ଼କ । କେତେ ଗାଡ଼ି ମୋଟର ଅନବରତ ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଧାଉଁଛି । ଛକ ଛକରେ ଦୋକାନ ବଜାର । ଲୋକମାନେ ଗାଁ ଭିତରୁ ଉଠି ଆସି ରାସ୍ତା ପାଖରେ ପକ୍କା ଘର କରୁଛନ୍ତି । ବରଗଛଟି ଏବେ ବିପୁଳ କଳେବରରେ ମାଟି ତଳକୁ ଓହଳ ଲମ୍ବାଇଛି । ତଳେ ଥିବା ପକ୍କା ପିଣ୍ଡି ତଥାପି ଭଲ ଅଛି । ସେଇ ପିଣ୍ଡି ଉପରେ ବସି ବାପାଙ୍କ କଥା ଭାବୁ ଭାବୁ କେତେବେଳେ ମୋ ଆଖିକୁ ଛାଇନିଦ ମାଡ଼ି ଆସିଛି ।


ହଠାତ୍ ଦଲକାଏ ଶୀତଳ ପବନରେ ନିଦ ଭାଙ୍ଗିଗଲା । ମୁଁ ଚମକି ଉଠି ପଡ଼ିଲି । ମନେହେଲା କିଏ ଯେମିତି ଅତି ଧୀରେ ମୋ ମୁଣ୍ଡକୁ ଆଉଁସି ଦେଇ ପୁଣି କୁଆଡ଼େ ଅଦୃଶ୍ୟ ହୋଇଗଲେ । ■

ବିକାଶନଗର, ଅଙ୍ଗାରଗଡ଼ିଆ
ବାଲେଶ୍ୱର
ମୋ: ୬୩୭୦୬୬୧୧୪୭

## ପୁସ୍ତକ ପରିଚୟ

### ଆରବ୍ଧ ପ୍ରାରବ୍ଧ

ମହେନ୍ଦ୍ର ତ୍ରିପାଠୀ




ଅନସୂୟା ପବ୍ଲିକେଶନ୍ସ
ତ୍ରିଲୋଚନପୁର, ଡେଲାଙ୍ଗ
ପୁରୀ-୭୫୨୦୧୫
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ ୧୭୦ ଟଙ୍କା

ସାହିତ୍ୟିକ ମହେନ୍ଦ୍ର ତ୍ରିପାଠୀଙ୍କ ରଚିତ 'ଆରବ୍ଧ ପ୍ରାରବ୍ଧ' ପୁସ୍ତକ ପ୍ରକାଶ ପାଇଛି । ଏହି ପୁସ୍ତକରେ ମୋଟ ତେତିଶିଟି ପ୍ରବନ୍ଧ ସଂକଳିତ ହୋଇଛି । ଆମ ସମୟର ସାମାଜିକ ମୂଲ୍ୟବୋଧ ଓ ଆଧ୍ୟାତ୍ମିକ ଜୀବନବୋଧକୁ ନେଇ ଏହି ପୁସ୍ତକର ଅନେକ ପ୍ରବନ୍ଧ ରଚିତ । 'ଜୀବନ', 'ଆଧ୍ୟାତ୍ମିକ ଭାରତ ନିର୍ମାଣରେ ଦେଶଭକ୍ତି', 'ତ୍ୟାଗରେ ଭଗବତ୍ ପ୍ରାପ୍ତି', 'ସାହିତ୍ୟିକ ମୂଲ୍ୟବୋଧ', 'ପ୍ରସଙ୍ଗ: ଦୁଃଖ ଓ ସୁଖ', 'ମମତ୍ୱ', 'କଳା ଓ ବିଶ୍ୱକଳାକାର', 'ରେବତୀରୁ ରୁବିରାୟ', 'ଉତ୍କଳମଣିଙ୍କ କାରାକବିତାରେ ଶିବରାତ୍ରିର ମହନୀୟତା', 'ସତ୍ୟବାଦୀ ପଞ୍ଚସଖା: ଅନନ୍ୟ ଆଧ୍ୟାତ୍ମିକ ଆନ୍ଦୋଳନର ଅଗ୍ରସୈନ୍ୟ', 'ଆମ ଭାଷା ସାହିତ୍ୟର ଶବ ଶୋଭାଯାତ୍ରା', 'ପୁରସ୍କାର ପାଇଁ ସାହିତ୍ୟ', 'ସାହିତ୍ୟ ପାଇଁ ପୁରସ୍କାର', 'ଜନଗଣନା: ଆମର କିଛି ନାହିଁ', 'ଶିକ୍ଷକ ଆନ୍ଦୋଳନର କଳାତ୍ମକ ଦିଗ', ଆଦି ପ୍ରବନ୍ଧଗୁଡ଼ିକ ଜୀବନ, ସାହିତ୍ୟ, ଆଧ୍ୟାତ୍ମିକତା, ସାଂପ୍ରତିକ ସାମାଜିକ ସମସ୍ୟା ଉପରେ ଆଲୋଚନା କରାଯାଇଛି । ମଣିଷ ଜୀବନ ଓ ସମାଜକୁ ଗଭୀର ଭାବେ ଅନୁଧ୍ୟାନ କରି ପ୍ରାବନ୍ଧିକ କେତେକ ନିଷ୍ଠୁର ବାସ୍ତବ ଉଦାହରଣ ଦେଇଛନ୍ତି । 'ଆରବ୍ଧ ପ୍ରାରବ୍ଧ' ପୁସ୍ତକର ପ୍ରବନ୍ଧଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ଔର୍ କୌଆ ଉଡ଼ା ନହିଁ

ସୁଧାକର ପଣ୍ଡା




ବୋଧରସ ପ୍ରକାଶନ
ଲକ୍ଷ୍ନୌ
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୬୫ ଟଙ୍କା

ପ୍ରଫେସର ସୁଧାକର ପଣ୍ଡାଙ୍କ ହିନ୍ଦୀ ଭାଷାରେ ରଚିତ 'ଔର୍ କୌଆ ଉଡ଼ା ନହିଁ' ପୁସ୍ତକରେ ୧୨ଟି ମନଛୁଆଁ ଗପ ସଂକଳିତ ହୋଇଛି । ଏହି ପୁସ୍ତକର 'ଔର୍ କୌଆ ଉଡ଼ା ନହିଁ', 'କୁଲୁ ଔର୍ ଗୁଲୁ', 'ପିକୁଲା ଔର୍ ଛୋଟା ମାଲିକ', 'ତୋତେ ଔର୍ ବରଗଦ କା ପେଡ଼୍' ଆଦି ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ବିଲେଇ, କୁକୁର, ପକ୍ଷୀ, ମାଛ ସମେତ ଅନ୍ୟାନ୍ୟ ଗୃହପାଳିତ ପଶୁପକ୍ଷୀଙ୍କ ଜୀବନକୁ କେନ୍ଦ୍ର କରି ଏହି ପୁସ୍ତକର କାହାଣୀଗୁଡ଼ିକ ଗତିଶୀଳ ହୋଇଛି । ଆମ ଦୈନନ୍ଦିନ ଜୀବନରେ ମାନବେତର ଜୀବଜନ୍ତୁଙ୍କ ଗଭୀର ସଂପର୍କ ରହିଛି । ସେମାନଙ୍କ ଭିତରେ ଥିବା ପ୍ରେମ, ଭାବନାକୁ ଗାଳ୍ପିକ ଅତି ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି । ସେହିପରି ଗୃହପାଳିତ ପଶୁପକ୍ଷୀ ଓ ମଣିଷ ଭିତରେ ଥିବା ଅନାବିଳ ସଂପର୍କ ଅତି ମାର୍ମିକ ଭାବେ ଅନେକ ଗପରେ ପ୍ରତିଫଳିତ ହୋଇଛି । ଏହି ପୁସ୍ତକର ପ୍ରତ୍ୟେକ ଗପରେ କିଛି ନା କିଛି ଶିକ୍ଷଣୀୟ ସାମାଜିକ ବାର୍ତ୍ତା ରହିଛି । ସରଳ ଓ ବୋଧଗମ୍ୟ ଭାଷାରେ ରଚିତ ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

# 'ବିଦଗ୍ଧ ଚିନ୍ତାମଣି'ରେ ରସ ରମ୍ୟତା



ଡକ୍ଟର ଅଭିମନ୍ୟୁ ବରାଳ

ରୀତି ଯୁଗୀୟ ଓଡ଼ିଆ ସାହିତ୍ୟ ଗଗନରେ ଯେଉଁ ଉଜ୍ଜ୍ୱଳ ଜ୍ୟୋତିଷ୍କ ପୁଞ୍ଜର ଅଭ୍ୟୁଦୟ ଘଟିଥିଲା, ସେହି ଜ୍ୟୋତିଷ୍କମାନଙ୍କ ମଧ୍ୟରୁ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାର ଅନ୍ୟତମ । ତତ୍ ପ୍ରଣୀତ କାବ୍ୟ କବିତା ରାଜି ଉତ୍କଳ ସାହିତ୍ୟ ନନ୍ଦନକାନନରେ ଏକ ମନୋରମ ପାରିଜାତ ପୁଷ୍ପ । ସେହି ଦେବପୁଷ୍ପର ଅପୂର୍ବ ତଥା ପବିତ୍ର ସୌରଭରେ ଉତ୍କଳ ସାହିତ୍ୟ ବାଣୀଭଣ୍ଡାର ଅତ୍ୟନ୍ତ ସୁରଭିତ ଏବଂ ସମୃଦ୍ଧ । ସେହି ପ୍ରଥିତଯଶା କବି ଅଭିମନ୍ୟୁ ସାମନ୍ତ ସିଂହାର 'ବିଦଗ୍ଧ ଚିନ୍ତାମଣି', 'ବାଘଗୀତ', 'ଗୋବରା ଚଢ଼େଇ ଗୀତ', 'ବୋଲେ ହୁଁ ଗୀତ', 'ପ୍ରେମ କଳା', 'ରସବତୀ', 'ସୁଲକ୍ଷଣା', 'ପ୍ରେମ ଚିନ୍ତାମଣି' ଭଳି ଅନେକ କାବ୍ୟ ରଚନା କରିଥିଲେ । ସେଥିମଧ୍ୟରୁ ତାଙ୍କର ଅନବଦ୍ୟ ସୃଷ୍ଟି ହେଉଛି 'ବିଦଗ୍ଧ ଚିନ୍ତାମଣି' । ଏହି କାବ୍ୟରେ 'ଅଳଙ୍କାର ଶାସ୍ତ୍ର' ବର୍ଣ୍ଣିତ ସମସ୍ତ ରସ ପରିପୂର୍ଣ୍ଣ ହୋଇ ରହିଛି ।

ବିଦଗ୍ଧ କବି ଅଭିମନ୍ୟୁ ୧୭୬୦ ଖ୍ରୀ.ଅ.ରେ ମାଘ ଶୁକ୍ଳ ସପ୍ତମୀ ତିଥିରେ ଯାଜପୁର ଜିଲ୍ଲା ଅନ୍ତର୍ଗତ ବାଲିଆଗ୍ରାମରେ ପ୍ରସିଦ୍ଧ ଜମିଦାର ଇନ୍ଦ୍ରଜିତ ସାମନ୍ତ ସିଂହାର ଓ ତୁଳସୀ ଦେବୀଙ୍କ କୋଳ ମଣ୍ଡନ କରି ଭୂମିଷ୍ଠ ହୋଇଥିଲେ । ମାତା ତୁଳସୀ ଦେବୀ ଥିଲେ ଅତ୍ୟନ୍ତ ଧର୍ମପ୍ରାଣା,ଭକ୍ତିମତି ଏବଂ ପତିବ୍ରତା ନାରୀ । କବିଙ୍କ ସୁଯୋଗ୍ୟ ପିତା ଇନ୍ଦ୍ରଜିତ ସାମନ୍ତ ସିଂହାର ଥିଲେ ଏକାଧାରାରେ ଅସୀମ ପରାକ୍ରମଶାଳୀ ଯୋଦ୍ଧା, ରସିକ, ବିବେକୀ ଆଉ ଧାର୍ମିକ । ଏକଥା ଅଭିମନ୍ୟୁ ସ୍ୱୀୟ 'ବାଘଗୀତ'ରେ ଉଲ୍ଲେଖ କରି କହିଛନ୍ତି – "ବାଲିଆ ବୋଲି ଯେ ଏକ ନଗର । ତହିଁ ନୃପତି ସାମନ୍ତ ସିଂହାର । ରସିକ ବିବେକୀ ବଡ଼ ଧାର୍ମିକ । ପ୍ରଶଂସା କରନ୍ତି ବହୁତ ଲୋକ ।" ଐଶ୍ୱର୍ଯ୍ୟ ପ୍ରାଚୁର୍ଯ୍ୟ ମଧ୍ୟରେ ଥିଲେ ମଧ୍ୟ କବି ଅଭିମନ୍ୟୁ ବାଣୀ ଆରାଧନା ତଥା ସାରସ୍ୱତ ସାଧନାରୁ ବିରତ ହୋଇ ନ ଥିଲେ । 'ବିଦଗ୍ଧ ଚିନ୍ତାମଣି' ମହାକାବ୍ୟ ତାଙ୍କର ଶ୍ରେଷ୍ଠ କୃତି । ଉକ୍ତକାବ୍ୟରେ ରସ ଚର୍ଯ୍ୟାର ସମ୍ୟକ ଆଲୋଚନା କରିବା ।

ଅଳଙ୍କାର ଶାସ୍ତ୍ରରେ କୁହାଯାଇଛି, 'ରସ କାବ୍ୟର ଆତ୍ମା ଆଳଙ୍କାରିକ' । ବିଶ୍ୱନାଥଙ୍କ ମତରେ "ବାକ୍ୟ ରସାତ୍ମକ କାବ୍ୟମ୍" । ରସମୟ ବାକ୍ୟ ହିଁ କାବ୍ୟ । "ଶୁଷ୍କ କାଷ୍ଠ ପତ୍ୟନ୍ତ ଗ୍ରେ" - କବିତା ହେଲା ନାହିଁ । କିନ୍ତୁ ରସମୟ ବାକ୍ୟ- "ନିରସ ତରୁବର ପୂରୋତ ଭାତି"- କବିତା ହେଲା । ରସ ଅଲୌକିକ । 'ବ୍ରହ୍ମାନନ୍ଦ ସହୋଦର' । ପ୍ରାଚୀନ 'ଅଳଙ୍କାର ଶାସ୍ତ୍ର'ରେ ଭରତ ମୁନି ପ୍ରଣୀତ ଆଠଟି ରସ ଉପରେ ଆଲୋଚନା କରାଯାଇଛି । ଯଥା- "ଶୃଙ୍ଗାର, ହାସ୍ୟ, କରୁଣ, ରୌଦ୍ର, ବୀର, ଭୟାନକାଃ, ବୀଭତ୍ସ, ଅଦ୍ଭୁତ ସଂଜ୍ଞୌ ଚେତ୍ୟଷ୍ଟୌ ନାଟ୍ୟ ରସାସ୍ମୃତାଃ । ଅର୍ଥାତ୍ – ଶୃଙ୍ଗାର, ହାସ୍ୟ, କରୁଣ, ରୌଦ୍ର, ବୀର, ଭୟାନକ, ବୀଭତ୍ସ ଓ ଅଦ୍ଭୁତ । ଭରତ ମୁନି ସ୍ୱୀକୃତ ଆଠଟି ରସ ସହିତ 'ଲୋଚନ ଟୀକା'ର ଆଉ ଗୋଟିଏ ରସକୁ ଗ୍ରହଣ କଲେ । ଏହା ହିଁ 'ଶାନ୍ତ ରସ' । ପ୍ରଥମ ଆଠଟି ରସ ଧର୍ମାର୍ଥ କାମମୂଳକ ଏବଂ ଶେଷଟି ମୋକ୍ଷମୂଳକ । ଏହା ପରେ ଆସେ ଭକ୍ତିରସ କଥା । ଏହା କେବଳ ଭାବ ନୁହେଁ, ରସ ମଧ୍ୟ ।

'ବିଦଗ୍ଧ ଚିନ୍ତାମଣି' ଏକ ଭକ୍ତି ରସାତ୍ମକ କାବ୍ୟ ହେଲେ ହେଁ, ଏଥିରେ କୃଷ୍ଣ ରତିକୁ ମୁଖ୍ୟ ଭାବରେ ଗ୍ରହଣ କରାଯାଇଛି । ନାୟକ ଲଳିତ ମାଧବ ଶ୍ରୀକୃଷ୍ଣ, ନାୟିକା ମହାଭାବମୟୀ ହ୍ଲାଦିନୀ ଶକ୍ତିମୟୀ ଶ୍ରୀରାଧା । କାବ୍ୟର ପ୍ରଥମ ପର୍ଯ୍ୟାୟରେ ଚନ୍ଦ୍ରାବଳୀ ଓ ଶ୍ରୀକୃଷ୍ଣଙ୍କର ଶୃଙ୍ଗାର ଲୀଳା କଥା ବର୍ଣ୍ଣନା କରାଯାଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ସଖା ଓ ସଖୀମାନେ ପରିପୋଷକ ହୋଇଅଛନ୍ତି । ଶ୍ରୀକୃଷ୍ଣ-ଚନ୍ଦ୍ରାବଳୀ ଓ ଶ୍ରୀରାଧାଙ୍କର ସମ୍ଭୋଗ- ବିପ୍ରଲମ୍ଭ ଶୃଙ୍ଗାର ମଧ୍ୟ ଦେଇ ମୋକ୍ଷ ଶୃଙ୍ଗାର ପ୍ରାଧାନ୍ୟ ଲାଭ କରିଅଛି । ଭୋଜରାଜ ଶୃଙ୍ଗାରକୁ ଏକ ମାତ୍ର ରସ ଭାବରେ ଗ୍ରହଣ କରିଅଛନ୍ତି । ତାଙ୍କ ମତରେ ଶୃଙ୍ଗାର ହେଉଛି ଆତ୍ମରତିର ନାମାନ୍ତର । ଭୋଜରାଜ କହନ୍ତି "ସକଳ ରସର ମୂଳ କାରଣ ଅହଂକାର । ଅଭିମାନ ହିଁ ଅହଂକାର ।" ଭୋଜରାଜ ଏହି ଅହଂକାର ବା ଅଭିମାନକୁ ଶୃଙ୍ଗାର ନାମ ଦେଇଅଛନ୍ତି । ଏହି ଅହଂକାରର ଚରମ ପରିଣତି ଘଟେ । ସମ୍ଭୋଗ ଶୃଙ୍ଗାର ବର୍ଣ୍ଣନା କରିବାକୁ କବି କହିଛନ୍ତି:-

"ମୁକ୍ତ କରି ଚିର ହରି । ମର୍ଦ୍ଦନ ଉରଜ କରି
ମଣ୍ଡେ ବନ୍ଧ ଆରମ୍ଭିଲେ । ମନୋଜ ବଳେ ଯେ ।"
(ବିଦଗ୍ଧ ଚିନ୍ତାମଣି: ୨୧ ଛାନ୍ଦ)

ଏଠାରେ ଉତ୍କଟ ସମ୍ଭୋଗ ଶୃଙ୍ଗାର ବର୍ଣ୍ଣିତ ହୋଇଛି । ସେହିପରି ବିପ୍ରଲମ୍ଭ ଶୃଙ୍ଗାର ବର୍ଣ୍ଣନାରେ କବି କହିଛନ୍ତି : -

ହା ହା ବଲ୍ଲଭ କେଡ଼େ ସୁଲଭ ଦେଲ ।
ଲଭ୍ୟ ନହେଉ ସେବା ଦୁର୍ଲ୍ଲଭ ହେଲ ଯେ ।
ଚିନ୍ତାମଣି କି ପାଇଁ ଚିନ୍ତା ମଣି କି ।
ଆଜ କି ଦେଖାଇଲ ଟାଣ ଆଣିକି ହେ । ( ୩୧ ଛାନ୍ଦ)

'ବିଦଗ୍ଧ ଚିନ୍ତାମଣି' କାବ୍ୟରେ କରୁଣ ରସର ମଧ୍ୟ ବର୍ଣ୍ଣନା ରହିଛି । ସେହିପରି ଏହି କାବ୍ୟରେ ବାତ୍ସଲ୍ୟ ରସ, ହାସ୍ୟ ରସ, ଭକ୍ତି ରସ ପ୍ରାବଲ୍ୟ ମଧ୍ୟ ଦେଖିବାକୁ ମିଳିଥାଏ ।

କବିଙ୍କ ଭାଷାରେ ବାତ୍ସଲ୍ୟ ରସର ବର୍ଣ୍ଣନା ବେଶ୍ ହୃଦୟସ୍ପର୍ଶୀ ହୋଇଛି ।

ନିଧନ ସଂଖାଳି ମୋର (ରେ) ଦରିଦ୍ର ପସରା
ଅନ୍ଧ ଲଉଡ଼ି ବାବୁ (ରେ) ହୃଦ ରତ୍ନହାରା ।
ମୋ କଳାମାଣିକରେ । (୬୭ ଛାନ୍ଦ)

'ବିଦଗ୍ଧ ଚିନ୍ତାମଣି'ରେ ସର୍ବତ୍ର ଭକ୍ତିରସ ବିଦ୍ୟମାନ । ଏହି କାବ୍ୟରେ କବି ଶାନ୍ତ ରସର ବର୍ଣ୍ଣନା ବିଭିନ୍ନ ପ୍ରସଙ୍ଗରେ କରିଥିବା ଜଣାଯାଏ ।

ଯେ ଯାହା ପ୍ରୀତି ସେ ତାହା ଜୀବନ
ଉଚ୍ଚନୀଚ ଲୋଭେ ନୋହେ ବଂଚନ । (୯୪ ଛାନ୍ଦ)

ବୈଷ୍ଣବମାନେ ଭକ୍ତି ରସକୁ ମୁଖ୍ୟ ଭାବରେ ଗ୍ରହଣ କରି କୃଷ୍ଣାନୁଭକ୍ତିକୁ ପ୍ରାଧାନ୍ୟ ଦେଇଅଛନ୍ତି । ଏଥିରୁ ପୁଣି ଆସିଛି ବାତ୍ସଲ୍ୟ ରସ । ଏହି ପରିପ୍ରେକ୍ଷୀରେ ଅଭିମନ୍ୟୁଙ୍କର 'ବିଦଗ୍ଧ ଚିନ୍ତାମଣି' କାବ୍ୟର ରସ ରମ୍ୟତାର ବିଚାର କରାଯାଇପାରେ । ଉକ୍ତ କାବ୍ୟରେ ଅଛି ଶୃଙ୍ଗାର ରସ, ବାତ୍ସଲ୍ୟ ରସ, ଶାନ୍ତ ରସ, ଭକ୍ତି ରସ ଓ ହାସ୍ୟ ରସ । ବୀର, ଭୟାନକ, ବୀଭତ୍ସ, ଅଦ୍ଭୁତ, ରୌଦ୍ର ରସ ଏଥିରେ ଥିଲେ ହେଁ ଅତ୍ୟନ୍ତ କ୍ଷୀଣ ଭାବରେ ରହିଛି । କରୁଣ ରସ ବିପ୍ରଲୟ ଶୃଙ୍ଗାର ମଧ୍ୟ ଦେଇ ଫୁଟି ଉଠିଛି । ସୁତରାଂ 'ବିଦଗ୍ଧ ଚିନ୍ତାମଣି'ରେ ରସ ରମ୍ୟତା ଅତ୍ୟନ୍ତ ହୃଦୟସ୍ପର୍ଶୀ । ■

ବର୍ଷଣା ବିହାର
ମନ୍ଦିରମାର୍ଗ, ସାକ୍ଷୀଗୋପାଳ, ପୁରୀ
ମୋ: ୯୯୩୭୮୩୫୨୩୦

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଢ଼ିବ ବିଜୁଳି...

ସେହିପରି ଓଏଚପିସି ଗତବର୍ଷ ୩୫୮ କୋଟିଟଙ୍କା ଲାଭ କରିଥିବା ବେଳେ ପୁଣି ଉତ୍ପାଦନ ମୂଲ୍ୟକୁ ୟୁନିଟ ପିଛା ୧୫ ପଇସା ବୃଦ୍ଧି ପାଇଁ ଯୁକ୍ତି ଦର୍ଶାଇଛି। ଓଏଚପିସିର ସମୁଦାୟ ଲାଭାଂଶ ୨୦୨୫ ପର୍ଯ୍ୟନ୍ତ ୨୩୨୦ କୋଟି ଟଙ୍କାରେ ପହଞ୍ଚିଛି।

ଶେଷଥର ପାଇଁ ୨୦୨୧-୨୨ରେ ଖୁଚୁରା ବିଜୁଳି ମୂଲ୍ୟ ୟୁନିଟ ପିଛା ୩୦ ପଇସା ବୃଦ୍ଧି ପାଇଥିବା ବେଳେ ଏହାପରଠାରୁ ଲଗାତାର ୪ ବର୍ଷ ଧରି ଆଉ ବିଜୁଳି ଦର ବଢ଼ି ନ ଥିଲା। ତେବେ ଏହି ଶକ୍ତି ଉଦ୍ୟୋଗଗୁଡ଼ିକ ପୂର୍ବ ଆର୍ଥିକ ବର୍ଷରେ ଲାଭ କରିଥିଲେ ହେଁ, ଆସନ୍ତା ଆର୍ଥିକ ବର୍ଷରେ ବିଦ୍ୟୁତ୍ ମୂଲ୍ୟ ବୃଦ୍ଧି ପାଇଁ ନିଜ ନିଜ ବାର୍ଷିକ ରାଜସ୍ୱ ଆବଶ୍ୟକତା(ଏଆରଆର)ରେ ଦାବି କରିଛନ୍ତି, ଯାହାକୁ ନେଇ ଶକ୍ତି ସମୀକ୍ଷକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ବରିଷ୍ଠ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ଏହାକୁ ପ୍ରବଳ ବିରୋଧ କରି ଓଇଆରସିରେ ଗତ ୧୬ ତାରିଖରେ ୧୮ଟି ସତ୍ୟପାଠ ଦାଖଲ କରିଛନ୍ତି।

ଶ୍ରୀ ମହାପାତ୍ର ଓଡ଼ିଶା ବିଦ୍ୟୁତ୍ ସଂସ୍କାର ନିୟମ, ୧୯୯୫କୁ ଦର୍ଶାଇ କହିଛନ୍ତି ଯେ ସର୍ବଭାରତୀୟ ସ୍ତରରେ ଓଡ଼ିଶା ପ୍ରଥମେ ବିଦ୍ୟୁତ୍ ସଂସ୍କାର କାର୍ଯ୍ୟ ଆରମ୍ଭ କରି ଉପଭୋକ୍ତାମାନଙ୍କୁ ସୁଲଭ ମୂଲ୍ୟରେ ନିରବଚ୍ଛିନ୍ନ ଓ ଗୁଣାତ୍ମକ ମାନର ବିଦ୍ୟୁତ୍ ସେବା ଯୋଗାଇଦେବା ପାଇଁ ଲକ୍ଷ୍ୟ ରଖିଥିଲା। କିନ୍ତୁ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟକ୍ଷମ ଥିବା ସରକାରୀ ଉଦ୍ୟୋଗଗୁଡ଼ିକ ଉକ୍ତ ଲକ୍ଷ୍ୟକୁ ସମ୍ପୂର୍ଣ୍ଣ ପାସୋରି ଯାଇ ଲାଭଖୋର ମନୋବୃତ୍ତିରେ ପରିଚାଳିତ ହୋଇ ଉପଭୋକ୍ତାମାନଙ୍କୁ ଶୋଷଣ କରି ଚାଲିଛନ୍ତି। ଓଡ଼ିଶା ବିଦ୍ୟୁତ ଉପଭୋକ୍ତା ସର୍ବଭାରତୀୟ ହାରଠାରୁ ଅଧିକ ବିଦ୍ୟୁତ ବିଲ ପରିଶୋଧ କରିବା ସରକାରୀ ଉଦ୍ୟୋଗ ଗୁଡ଼ିକର ବିଫଳତାକୁ ସ୍ପଷ୍ଟ ଇଙ୍ଗିତ କରୁଛି। ଓଡ଼ିଶା ଅନ୍ୟ ରାଜ୍ୟକୁ କୋଇଲା ଯୋଗାଣ କରୁଛି। ଓଡ଼ିଶାରୁ ଆମଦାନୀ କୋଇଲାରୁ ବିଜୁଳି ଉତ୍ପାଦନ କରି ପଞ୍ଜାବ ଓ ଦିଲ୍ଲୀ ପରି ରାଜ୍ୟ ନିଜ ରାଜ୍ୟର ଲୋକଙ୍କୁ ମାଗଣା ବିଜୁଳି ପ୍ରଦାନ କରୁଥିବାବେଳେ ଓଡ଼ିଶାର ଉପଭୋକ୍ତା ଉଚ୍ଚ ବିଜୁଳି ଦର ପ୍ରଦାନ କରୁଛନ୍ତି। ଟାଟା ପାୱାରର ଅତିରିକ୍ତ ସୁରକ୍ଷା ଜମା ନୋଟିସ, ସ୍ମାର୍ଟ ମିଟର ନିଷ୍ପତ୍ତିକୁ ସାଧାରଣରେ ବିରୋଧ କରାଯାଉଛି। ଏପରିସ୍ଥଳେ ଯଦି ଆସନ୍ତା ଆର୍ଠଥିକ ବର୍ଷ ପାଇଁ ବିଜୁଳି ଦର ବଢ଼େ, ଏହା ଉପଭୋକ୍ତାଙ୍କ ପାଇଁ ବେଢ଼ି ଉପରେ କୋରଡ଼ା ମାଡ଼ ସଦୃଶ ହେବ। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

### ଆମେରିକା ରାଷ୍ଟ୍ରପତି...

ନେଇଛି। ଏହା ସହିତ ଦେଶକୁ ବିପୁଳ କ୍ଷତି ସହିବାକୁ ପଡ଼ିଛି। ଇରାନକୁ ଟ୍ରମ୍ପ ବଦନାମ ମଧ୍ୟ କରିଦେଇଛନ୍ତି। ଇରାନ ଉପରେ ବିଜୟ ହାସଲ କରିବା ପାଇଁ ଟ୍ରମ୍ପ ଏପରି କରିଛନ୍ତି। ସେ ଅଶାନ୍ତି ସୃଷ୍ଟିର ସୂତ୍ରଧର ଥିଲେ। ହିଂସାକାରୀଙ୍କୁ ଉସକାଇ ଥିଲେ। ସାମରିକ ସହାୟତା ପ୍ରଦାନ କରାଯିବ ବୋଲି କହି ସ୍ଥିତିକୁ ଅଧିକ ଖରାପ କରିଦେଇଥିଲେ।

ସାମାଜିକ ଗଣମାଧ୍ୟମରେ ଭିଡିଓ ସେୟାର କରି ଖାମେନେଇ କହିଛନ୍ତି ଯେ ଆମେରିକା ଉସୁକାଇବାରୁ ଅଶାନ୍ତି ସୃଷ୍ଟି ହୋଇଛି। ଇରାନକୁ ଗିଳିଦେବା ଏହାର ଉଦ୍ଦେଶ୍ୟ ଥିଲା। ଏହି ଷଡ଼ଯନ୍ତ୍ର ଇରାନର ଅଣ୍ଟା ଭାଙ୍ଗି ଦେଇଛି। ଏବେ ଏହି ଷଡ଼ଯନ୍ତ୍ରକାରୀଙ୍କ ଅଣ୍ଟା ଭାଙ୍ଗିଦେବୁ। ଇରାନ ଯୁଦ୍ଧ ଚାହୁଁନାହିଁ, କିନ୍ତୁ ଦେଶ ବିରୋଧରେ କାମ କରୁଥିବା ଲୋକଙ୍କୁ ଛଡ଼ାଯିବ ନାହିଁ ବୋଲି ଖାମେନେଇ ସ୍ପଷ୍ଟ କରିଛନ୍ତି। ବିକ୍ଷୋଭରେ ୩ ହଜାରରୁ ଅଧିକ ଜୀବନ ଯାଇଛି। ଏହା ପଛରେ ଆମେରିକା ଏବଂ ଇସ୍ରାଏଲର ହାତ ରହିଛି। ଏଥିପାଇଁ ଯିଏ ସାହାଯ୍ୟ କରିଛି ତାହାକୁ ଛାଡ଼ିବୁନି। ସେ ଇରାନର ହୁଅନ୍ତୁ ଅବା ବାହାରର ସମସ୍ତଙ୍କୁ ଉଚିତ ଦଣ୍ଡ ଦେବୁ ବୋଲି ଖାମେନେଇ କହିଛନ୍ତି।

### ଜଳିଗଲେ ୩ ଯୁବକ...

ହେବାରୁ ଦୁହିଁଙ୍କୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଛି। ନିଆଁର ପ୍ରକୋପ ଏତେ ଭୟାବହ ଥିଲା ଯେ ଅଟୋ ସମେତ କାର୍‌ଟି ବି ଜଳି ଯାଇଛି। କିନ୍ତୁ ରିପୋର୍ଟ ଲେଖା ହେବା ବେଳକୁ କାର୍‌ରେ ଥିବା ଯାତ୍ରୀଙ୍କ ସଂପର୍କରେ କିଛି ଜଣାପଡ଼ିନାହିଁ।

ସୂଚନାନୁଯାୟୀ, ବରୁଣ ଓ ବାବୁଲା ଫୁଲବାଣୀରେ ରହି ଯୁକ୍ତ ଦୁଇରେ ପାଠ ପଢ଼ନ୍ତି। ଆଜି ସନ୍ଧ୍ୟାରେ ଦୁହେଁ ଏକ ଅଟୋରେ ଫୁଲବାଣୀରୁ ନିଜ ଗାଁ ସଦର ବ୍ଲକ ମିଣିଆକାଠିକୁ ଫେରୁଥିଲେ। ଉକ୍ତ ଅଟୋଟିରେ ଶୈଳେନ୍ଦ୍ର ମଧ୍ୟ ଯାଉଥିଲେ। ଦାତପାଜୁ ଛକ ନିକଟରେ ବୌଦ୍ଧ ପଟୁ ଆସୁଥିବା ଏକ କାର୍ ସହ ଅଟୋଟି ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଚାହୁଁଚାହୁଁ ଗାଡ଼ି ଦୁଇଟି ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା। ଏପରିକି, ଅଟୋରେ ଥିବା ଯାତ୍ରୀମାନେ ବାହାରିବାକୁ ସମୟ ପାଇ ନଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ନିଆଁ ଲିଭାଇଥିଲେ। କିନ୍ତୁ ସେତେବେଳକୁ ଅଟୋରେ ଥିବା ତିନି ଯାତ୍ରୀ ଜଳି ଯାଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ବରୁଣଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ସଦର ଥାନା ଆଇଆଇସି ପ୍ରଦୀପ ଜେନା ଓ ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

### ଦଳବିରୋଧୀ ଷଡ଼ଯନ୍ତ୍ରରେ...

ନିଷ୍ପତ୍ତି ନିଆଯାଇଛି ବୋଲି ବିଜେଡି ମୁଖପାତ୍ର ତଥା ଦଳର ମିଡିଆ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଛନ୍ତି। ଏପରିକି ପାଟକୁରା ଓ ଚମ୍ପୁଆରୁ ତୃଣମୂଳ ସ୍ତରରୁ ମତାମତ ଆସିବା ପରେ ଦଳର ନେତାମାନଙ୍କ ସହିତ ଆଲୋଚନା କରି ସଭାପତି ଏହି ନିଷ୍ପତ୍ତି ନେଇଥିବା ସେ ସୂଚନା ଦେଇଛନ୍ତି।

ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ଡ. ମହାନ୍ତି କହିଛନ୍ତି ଯେ ବିଜୟ ମହାପାତ୍ରଙ୍କ ସହ ନିଲମ୍ବିତ ଦୁଇ ବିଧାୟକ ଏକ ବଡ଼ ଷଡ଼ଯନ୍ତ୍ରର ଅଂଶ ଥିଲେ, ଯାହା ଦଳକୁ ଦୁର୍ବଳ କରିବାକୁ ଉଦ୍ଦିଷ୍ଟ ଥିଲା। ଦଳଠାରୁ କେହି ଉର୍ଦ୍ଧ୍ୱରେ ନୁହନ୍ତି। କାହା ବାପା ହୁଏତ ବଡ଼ ନେତା ହୋଇପାରିଥାନ୍ତି; ମାତ୍ର ଦଳକୁ ଦୁର୍ବଳ କରିବାର କାହାର ଅଧିକାର ନାହିଁ। ଏହି ଦୁଇ ନେତା ଦଳକୁ ଦୁର୍ବଳ କରିବାକୁ ହୀନ ଉଦ୍ୟମ କରୁଥିବା ବେଳେ ଧରାପଡ଼ିଯାଇଛନ୍ତି। ଫଳରେ ଦଳ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛି ବୋଲି ସେ କହିଛନ୍ତି।

ଅରବିନ୍ଦଙ୍କୁ ନବୀନ ପଟ୍ଟନାୟକ ହିଁ ଟିକଟ ଦେଇଥିଲେ। ପାଟକୁରାରେ ଦଳର କାମ ସେ ସୂଚାରୁ ରୂପେ ତୁଲାଇବେ ବୋଲି ନବୀନ ଆଶା ରଖିଥିଲେ। ସନାତନ ମହାକୁଡ଼ଙ୍କଠାରୁ ମଧ୍ୟ ଅନୁରୂପ ଆଶା ରହିଥିଲା; ମାତ୍ର ଉଭୟ ବିଧାୟକ ଗତ କିଛି ମାସ ଧରି ଦଳ ବିରୋଧରେ ଷଡ଼ଯନ୍ତ୍ରରେ ଲିପ୍ତ ଥିଲେ। ଦୁର୍ନୀତିଗ୍ରସ୍ତ ଓ ବିଶ୍ୱାସଘାତକମାନଙ୍କୁ ସଭାପତି ନବୀନ ପଟ୍ଟନାୟକ ସଦାବେଳେ ଘୃଣା କରନ୍ତି। ଗତ ୨୪ ବର୍ଷ ମଧ୍ୟରେ ଯେଉଁମାନେ ବି ଦଳୀୟ ଅନୁଶାସନ ଭିତରେ ରହି ନାହାନ୍ତି, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେହିକ୍ରମରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଓ ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି କାର୍ଯ୍ୟାନୁଷ୍ଠାନକୁ ସାରା ଓଡ଼ିଶାରେ ଦଳୀୟ କର୍ମୀ ସ୍ୱାଗତ କରିଛନ୍ତି ବୋଲି ଡ. ମହାନ୍ତି କହିଛନ୍ତି।

ବିଜେଡିରେ ସଭାପତି ନବୀନ ପଟ୍ଟନାୟକଙ୍କୁ ଆହ୍ୱାନ ଦେବାର କ୍ଷମତା କାହାର ନାହିଁ। ସ୍ୱଚ୍ଛତା, ଅନୁଶାସନ ସବୁବେଳେ ନବୀନଙ୍କ ପାଇଁ ଗୁରୁତ୍ୱ ରଖି ଆସିଛି। ବିଜେଡି ସବୁବେଳେ ଲୋକଙ୍କ ସହ ଥିଲା ଏବଂ ରହିଛି। ଲୋକେ ଏବେ ଅନୁତପ୍ତ। ଲୋକେ କହୁଛନ୍ତି ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଯେଉଁ ଡବଲ ଇଞ୍ଜିନ ସରକାର ଚାଲିଛି, ତାହା ଏକ ବିଫଳ ସରକାର। ଦଳ ଯାହା ସବୁ ପ୍ରତିଶ୍ରୁତି ଦେଇଥିଲା, ତାହା ପୂରଣ କରୁନି। ଲୋକେ କହୁଛନ୍ତି ନବୀନ ବାବୁ ଭଲ ଥିଲେ। ସେମାନେ ପୁଣି ନବୀନ ବାବୁଙ୍କ ହାତମୁଠାକୁ ଟାଣ କରିବାକୁ ଚାହୁଁଛନ୍ତି। ସେଥିପାଇଁ କିଛି ବର୍ଗ ଦଳଟିକୁ ଦୁର୍ବଳ କରିବାକୁ ଲାଗିଛନ୍ତି। ସେଥିରେ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ ସଂପୃକ୍ତ ଅଛନ୍ତି। ପ୍ରଚ୍ଛଦରେ ରହି ବିଜୟ ମହାପାତ୍ର ସେମାନଙ୍କୁ ସହଯୋଗ କରୁଥିଲେ ବୋଲି ଲେନିନ କହିଛନ୍ତି।

ବିଜେଡିକୁ ଦୁର୍ବଳ କରିବା ପାଇଁ ସନାତନ ମହାକୁଡ, ବିଜୟ ମହାପାତ୍ର ଓ ଅରବିନ୍ଦ ମହାପାତ୍ରଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଥିଲା। କିଏ ବ୍ୟାକ୍‌ଅପ୍ ଦେବ, କିଏ ସଂଗଠିତ କରିବ ଓ କିଏ କାର୍ଯ୍ୟକାରୀ କରିବ, ତାହା ସ୍ଥିର ହୋଇସାରିଥିଲା। ଯେତେବେଳେ ଏହା ସ୍ପଷ୍ଟ ହୋଇଗଲା, ସେତେବେଳେ ବିଶ୍ୱାସଘାତକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଗଲା। ଅରବିନ୍ଦ ମହାପାତ୍ର ପ୍ରମାଣ ମାଗିବା ସମ୍ପର୍କରେ ଡ. ମହାନ୍ତି କହିଛନ୍ତି ଯେ ସେ କୋର୍ଟକୁ ଯାଆନ୍ତୁ। ଯେଉଁଠି ଦରକାର ସେଠାରେ ଆମେ ପ୍ରମାଣ ଦେବୁ। ସେଥିରେ କିଛି ଅସୁବିଧା ନାହିଁ। ବାହାରକୁ ନିରୀହ ଦେଖାଯାଉଥିବା ସମସ୍ତ ବ୍ୟକ୍ତି ସରଳ ନୁହନ୍ତି ବୋଲି ସେ ଅରବିନ୍ଦଙ୍କ ଉଦ୍ଦେଶ୍ୟରେ କହିଛନ୍ତି।

### ବାଂଲାଦେଶରେ ହିନ୍ଦୁ...

୫,୦୦୦ ଟଙ୍କାର ପେଟ୍ରୋଲ ଭରିଥିଲା। କିନ୍ତୁ ଡ୍ରାଇଭର ପଇସା ନଦେଇ ପଳାଇଯାଉଥିଲେ। ରୋକିବା ଫଳରେ ସେ ରିପନଙ୍କ ଉପରେ ଗାଡ଼ି ଚଢ଼ାଇଦେଇଥିଲା। ଫଳରେ ସେ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ ବୋଲି ପୁଲିସ କହିଛି। ପୁଲିସ ଏହାପରେ ଗାଡ଼ି ଜବତ କରିବା ସହ ଏସ୍‌ୟୁଭି ଡ୍ରାଇଭର ଅବୁଲ ହାସେମ ଓ ଡ୍ରାଇଭର କମାଲ ହୁସେନଙ୍କୁ ଗିରଫ କରିଛି। ଅବୁଲ ହାସେମ ଜଣେ ଠିକାଦାର ଓ ସେ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି)ର ରାଜବାଡ଼ି ଜିଲ୍ଲାର ପୂର୍ବତନ କୋଷାଧ୍ୟକ୍ଷ ଓ ଜିଲ୍ଲା ଯୁବ ଦଳର ପୂର୍ବତନ ଅଧ୍ୟକ୍ଷ ଭାବେ ଦାୟିତ୍ୱରେ ଥିଲା। ଗତ ଡିସେମ୍ବର ୧୮ ପରଠାରୁ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ସ୍ଥାନରେ ୮ ଜଣ ହିନ୍ଦୁ ଲୋକ ହତ୍ୟାର ଶିକାର ହେଲେଣି।

### ଛତିଶଗଡ଼ ସହ ଆଲୋଚନା...

ମଗାଯିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି।

ସେହିପରି ବିଜେଡିର ବରିଷ୍ଠ ବିଧାୟକ ତଥା କମିଟି ସଦସ୍ୟ ନିରଞ୍ଜନ ପୂଜାରୀ କହିଛନ୍ତି ଯେ ମହାନଦୀ ବିବାଦରେ ସରକାର ଛତିଶଗଡ଼ ସହ କ'ଣ ଆପୋସ ବୁଝାମଣା କରୁଛନ୍ତି, ତାହାକୁ ସାର୍ବଜନୀନ କରିବା ପାଇଁ ଆମେ ଦାବି କରିଥିଲୁ। ଏହା ସହ ଏକ ସର୍ବଦଳୀୟ ବୈଠକ ଡାକି ସମସ୍ତଙ୍କ ମତ ନିଆଯାଉ। ଏଥିରେ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା ହେଉ ବୋଲି ଆମର ଦାବି ରହିଥିଲା। ଏହି ଦାବିକୁ ସରକାର ଗ୍ରହଣ କରିଛନ୍ତି। ଆସନ୍ତା ବୈଠକରେ ଏନେଇ ବିସ୍ତୃତ ଆଲୋଚନା ହେବ ବୋଲି ସେ କହିଛନ୍ତି।

ଅପରପକ୍ଷେ ସରକାରଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଓଡ଼ିଶାର ସ୍ୱାର୍ଥକୁ ପ୍ରାଥମିକତା ଦେବା ସହ ଉପମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ କମିଟି ଛତିଶଗଡ଼ ସହ ଆପୋସ ସମାଧାନ ଦିଗରେ ଆଲୋଚନା କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ବିବାଦରେ ଗଠିତ ଟ୍ରିବ୍ୟୁନାଲର କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ମାସ ୧୩ ତାରିଖରେ ଶେଷ ହେଉଥିବାରୁ ଏହାର ଅବଧି ବୃଦ୍ଧି ପାଇଁ ଆବେଦନ କରାଯାଇଛି। ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ନିରଞ୍ଜନ ପୂଜାରୀ, କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦୋସ, ଆଡ୍‌ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟଙ୍କ ସମେତ ଜଳ ସମ୍ପଦ ବିଭାଗ ପ୍ରମୁଖ ସଚିବ ଶୁଭା ଶର୍ମା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବୈଠକରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚିନ ରାମଚନ୍ଦ୍ର ଯାଦବ ଓ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ରାଉରକେଲା ବିମାନ...

ବେଳେ ଦୁର୍ଘଟଣା ଘଟିଥିଲା। ଏଥିରେ ବିମାନର ୨ ପାଇଲଟ୍ କ୍ୟାପଟେନ୍ ନବୀନ ଖାଡ଼ଙ୍ଗା ଓ କ୍ୟାପଟେନ୍ ତରୁଣ ଶ୍ରୀବାସ୍ତବଙ୍କ ସମେତ ଯାତ୍ରୀ ସୁଶାନ୍ତ କୁମାର ବିଶ୍ୱାଳ, ତାଙ୍କ ଭଉଣୀ ଅନୀତା ସାହୁ, ସୁନୀଲ ଅଗ୍ରୱାଲ୍ ଓ ତାଙ୍କ ପତ୍ନୀ ସବିତା ଅଗ୍ରୱାଲ୍ ଆହତ ହୋଇଥିଲେ। ସମସ୍ତଙ୍କୁ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରଥମ ଦିନରୁ ହିଁ ଅଧିକ ଚିକିତ୍ସା ପାଇଁ ନିଜ ଖର୍ଚ୍ଚରେ ସୁନୀଲ ଅଗ୍ରୱାଲ୍ ଓ ତାଙ୍କ ପତ୍ନୀ ସବିତା ଅଗ୍ରୱାଲ୍ ମୁମ୍ବାଇକୁ ଏୟାରଲିଫ୍ଟ ହୋଇଥିଲେ। ସୁଶାନ୍ତଙ୍କର ଅବସ୍ଥା ସ୍ୱାଭାବିକ ରହିଥିବା ବେଳେ ଗତକାଲି ତାଙ୍କ ଫୁସଫୁସ୍‌ରେ ସଂକ୍ରମଣ ଦେଖାଦେଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏୟାର ଆମ୍ବୁଲାନ୍ସରେ ମୁମ୍ବାଇର ଲୀଳାବତୀ ହସ୍ପିଟାଲକୁ ସ୍ଥାନାନ୍ତର ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ହେଲେ ଏହା ପୂର୍ବରୁ ତାଙ୍କର ଜୀବନ ଚାଲି ଯାଇଥିଲା। ତାଙ୍କ ଭଉଣୀ ଅନୀତା ଏବଂ ପାଇଲଟ୍‌ଦ୍ୱୟଙ୍କ ଅବସ୍ଥା ଠିକ୍ ରହିଥିବା କୁହାଯାଇଛି।

## ୨୨ରୁ କୃଷି ମହାକୁମ୍ଭ

ଭୁବନେଶ୍ୱର, ୧୭।୧(ସମିସ): ଆସନ୍ତା ୨୨ରୁ ୨୪ତାରିଖ ଯାଏଁ ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳପଡ଼ିଆରେ ଅନୁଷ୍ଠିତ ହେବ ଓଡ଼ିଶା କୃଷିର ମହାକୁମ୍ଭ। 'ଅନ୍ତର୍ଭୁକ୍ତୀକରଣ ମାଧ୍ୟମରେ ସହନଶୀଳ କୃଷି' ଶୀର୍ଷକରେ କୃଷି ବିଭାଗ ଏହାର ଆୟୋଜନ କରିବ। ଚାଷୀ, କୃଷି ବୈଜ୍ଞାନିକ, କୃଷି ଗବେଷକ ଓ ନୀତି ନିର୍ଦ୍ଧାରକମାନେ ଏକତ୍ରିତ ହୋଇ ବିଚାରବିମର୍ଶ ହେବା ସହ ଅତ୍ୟାଧୁନିକ ପ୍ରଣାଳୀରେ ଚାଷ କରିବାକୁ ସଚେତନ କରାଯିବ। ଏହାସହ କୃଷି ଶିକ୍ଷା ଶିବିର, ଆଧୁନିକ କୃଷି ଯନ୍ତ୍ରପାତି ପ୍ରଦର୍ଶନ ଓ ଡେମନଷ୍ଟ୍ରେସନ୍, କୃଷି ସମ୍ବନ୍ଧୀୟ ଉନ୍ନତ ଜ୍ଞାନକୌଶଳର ପ୍ରଦର୍ଶନ ଇତ୍ୟାଦି ମାଧ୍ୟମରେ ଓଡ଼ିଶାର ଚାଷୀ ଭାଇ ଭଉଣୀଙ୍କୁ ଆହୁରି ସଶକ୍ତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ଲୋକସେବା ଭବନରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବିଭାଗୀୟ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ପ୍ରସ୍ତୁତି ବିଷୟରେ ଅବଗତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଶିମିଳିପାଳରୁ ହାତୀର ଗଳିତ ଶବ ଠାବ

ବାରିପଦା, ୧୭।୧ (ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନର ପୋଡ଼ାଡିହା ଓ ଭଞ୍ଜବସା ରେଞ୍ଜ ସୀମାବର୍ତ୍ତୀ ଅଞ୍ଚଳରୁ ଏକ ହାତୀର ଗଳିତ ମୃତଦେହ ଠାବ ହୋଇଛି। ବନ କର୍ମଚାରୀ ପାଟ୍ରୋଲିଂ କରିବା ବେଳେ ହାତୀଟିର ଗଳିତ ମୃତଦେହକୁ ଠାବ କରି ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ତେବେ ହାତୀ ମୃତ୍ୟୁର କାରଣ, ବୟସ କିମ୍ବା ଲିଙ୍ଗ ଖବର ଲେଖା ହେବା ବେଳକୁ ଜଣାପଡ଼ିନାହିଁ। ସୂଚନାଯୋଗ୍ୟ, ୨ ଦିନ ତଳେ ଠାକୁରମୁଣ୍ଡା ଅଞ୍ଚଳରୁ ଏକ ୬୦ ବର୍ଷ ବୟସର ମାଈ ହାତୀର ମୃତଦେହ ଉଦ୍ଧାର ହୋଇଥିଲା।


**OFFICE OF THE PRINCIPAL**
**GANDHI MAHAVIDYALAYA ROURKELA-04**

No.137/GM Date 17.01.2026

**QUOTATION CALL NOTICE**

Sealed quotations are invited from Registered Firms / Publishers / Book stores for Supply of books (both +2 & +3) amounting more than Rs. 2,00,000/- (Rupees Two lakhs) only for college library. Further, printing press are also requested to submit quotation for printing of College Magazine - 2025-26 (1500 Nos. having around 120 pages). The firms may visit the college website - **www.gmvrkl.ac.in** for the detailed specification.

**Sd/- Principal**
Gandhi Mahavidyalaya, Rourkela-04



**GOVERNMENT OF ODISHA** L-166
**DEPARTMENT OF AGRICULTURE AND FARMERS' EMPOWERMENT**
**OFFICE OF THE EXECUTIVE ENGINEER (AGRIL.), AGRIL. ENGG DIVISION, RAYAGADA**
No. 60 Date: 16/01/2026

**INVITATION FOR BIDS (IFB)**
e-procurement notice

Bid identification number / Tender call notice no - EE (A)-06 of 2025-26

The Executive Engineer (Agril.), Agril. Engg Division, Rayagada who has been authorized as the procuring officer for the projects of Agril. Engg Division, Rayagada is directed to invite percentage rate bid on behalf of the Government of Odisha for the Civil construction works (including IE and PH works) under Rayagada Division. The costs of the project are approximately **25.21 to 33.18 Lakhs** (Excluding GST & LC).

Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from **https://tendersodisha.gov.in from 19.01.2026 at 11:00 hours** to 31.01.2026 at 17:30 hours.

The bid will be opened on 02.02.2026 at 11:00 AM hours and onwards in the O/o Executive Engineer, Agril. Engg Division, Rayagada. All other details regarding term and conditions, corrigendum from time to time if any, DTCN etc. can be seen and downloaded from **https://tendersodisha.gov.in.**

OIPR-

**Executive Engineer (Agril.)**
**Agril. Engg Division, Rayagada**



**OFFICE OF THE MUNICIPAL COUNCIL, TITILAGARH** C-2125
(Deptt. of Housing & Urban Development Govt. of Odisha)
At/Po- Titilagarh, Dist.- Balangir-767003, email- titilagarhmunicipality@gmail, www. Titilagarhmunicipality.in

**QUOTATION CALL NOTICE**
No.296 / dtd.16.01.2026

Sealed Quotation are invited from the reputed Company / Firms / Suppliers having GSTIN, PAN Card and other related document for supply fitting fixing of pole & LED Light with all accessories as per mentioned bellows within the jurisdiction of Titilagarh Municipality area. The last date of receipt of quotation is 31.01.2026 upto 1,00 PM and (he same will be opened on 4.00 PM on the same day. The quotation should must accompanied with Rs.6000/- (non- refundable) as paper cost in shape of MR of Titilagarh Municipality or DD in favour of Executive Officer, Titilagarh Municipality, EMD forRs.15000. in shape of Fixed deposit / KVP/ NSC in favour of the Executive Officer. Titilagrh Municipality along with GST certificate, PAN card and Company price list (If any). Quotation received by the office after the scheduled date & time as mentioned above shall not be entertained. The certified company rate chart should must furnish in Quotation the Authority has reserved the right to reject any or all quotations without assigning any reason thereof.

| sl No | Description | Unit | Minimum Requirement | Rate | Amount |
|---|---|---|---|---|---|
| 1 | Supply of 8.0 Mtr length continuously tapered, single piece, 3 mm thick Galvanized Octagonal pole. The face to face dimension is 130mm at bottom and 70mm at top dia. and size of base plate is 200x200x12 mm thick with suitable foundation bolt. | No. | 14 | | |
| 2 | Foundation for 8 mtr pole: - Construction of suitable shallow foundation with M-25 concrete for the Octagonal pole with all materisals & labours. | No. | 14 | | |
| 3 | Supply of Foundation Nut & Bolts 600mm X 20mm Suitable for 8 Mtr Octagonal Pole. | Set | 14 | | |
| 4 | Supply of 1 Meter long Double Arm GI Bracket suitable for 70mm Top Dia and 40mm for fixing of Street light with Nut & Bolts complete. | No. | 14 | | |
| 5 | Supply of 120 Watt LED Street Light Luminaire (Jaquar / Philips / Havels or its equivalent) with second optics made in pressure die cast housing and heat sink in aluminium extrusion with IP66 150Watt LED Street light fitting. | No. | 28 | | |
| 6 | Supply of 5 Meter Long GI Tubular Pole of Size (3"x2") with fabrication, welding, cutting and painting complete with base plate for supporting of pole complete suitable for fixing of Design Light | No. | 13 | | |
| 7 | Foundation for 5 mtr. pole .-Tubular with all concrete material and labour at the site as per direction of Engineer-in-charge. | No. | 13 | | |
| 8 | Supply of 40 Watt LED Ring gate post top Light (Warm White) LED post top made in cast aluminum with decorative opal polycarbonate diffuser with IP 65 Protection (Jaquar / Philips / Havels or its equivalent) | No. | 12 | | |
| 9 | Supply of 2.5 sqmm 3 core Copper flexible cable ( for Connection of Street light & Decorative light) | Mtr | 200 | | |
| 10 | Supply of 4 x 16 sqmm Aluminum Armored Cable for Underground cabling. | No. | 780 | | |
| 11 | 32/40 MM HDPE Pipe for Underground Cabling with laying charges. | Mtr | 800 | | |
| 12 | Earthling ( as per Govt. Norms) ;_coil type of coil -50 mm dimension 150 turns 2.5 m lead GI 85 WG | No. | 27 | | |
| 13 | Errection Charges for installation of 8 mtr Octagonal pole and light excluding cost of materials. | No. | 14 | | |
| 14 | Errection Charges for installation of 5 mtr Octagonal pole and light excluding cost of materials. | No. | 13 | | |
| 15 | Supply and fixing of Outdoor type 100 AMP Panel box complete. | No. | 1 | | |

The Details of items, terms and condition of the quotation will be available in the office of the undersigned during office hour on all working days w.e.f. from date of publication of this quotation and District website also.

The undersigned reserves the right to accept or reject any or all the Quotations without assigning reason thereof.

OIPR-

Executive Officer
Titilagarh Municipality



Phone No. (06854) 241159 / 232714
Email: ceo@koraputccb.com

KORAPUT CENTRAL CO-OPERATIVE BANK LTD.,
HEAD OFFICE: N.K.T. ROAD, JEYPORE – 764003: DIST: KORAPUT (ODISHA)

Letter No. 6223/P&S/2025-26 Date 17.01.2026

**QUOTATION CALL NOTICE**

Sealed quotations are invited from the Authorised firms / individual with supported valid GST & PAN are requested to submit their sealed quotations for supply of approximately 56 nos. of 12 V (100 AH) SMF-AMARON QUANTA Batteries through buy back system of (100 AH batteries) and 1 No. of NUMERIC 15 KVA online UPS for the Head office & Branch Bank before the undersigned on or before **Dt. 27.01.2026** by **2.00 P.M** latest as per following specification along with 2% security deposit of quotation value in favour of Secretary, Koraput Central Cooperative Bank Ltd., Jeypore at the time of submission of tender. The sealed tender notice should be highlighted as **UPS & Batteries** on envelop.

The tender will be opened on **Dtd. 27.01.2026 at 4.00 P.M** in presence of the authorized representative and if no agency or their representative shall remain present at the time of opening of quotations then the same shall be opened by the Purchase Committee members. The details are as hereunder:

| Sl. No. | Particulars | Approximate required in Nos. |
|---|---|---|
| 1. | 12 V 100 AH SMF-AMARON QUANTA Batteries | 56 |
| 2. | NUMERIC 15 KVA online UPS | 1 |

Buy back of batteries & UPS

| Sl. No. | Particulars | Approximate in Nos. |
|---|---|---|
| 1. | 100 AH Batteries | 56 |
| 2. | NUMERIC 15 KVA online UPS | 1 |

The above items should be quoted including GST, Transportation, Installation charges and supply at any branch bank of the Koraput Central Cooperative Bank Ltd., Jeypore (within undivided Koraput District). The quotation received incomplete or after the scheduled date shall be rejected and will not be entertained by the Bank.

The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof.

Taxes will be deducted as applicable at the time of payment of Bill amount.

For any queries, please contact to Sri Jaya Pradeep Patnaik, Manager, P&S, KCC Bank Ltd., Head Office, Jeypore. Mobile No.: 9777519964.

Secretary
K.C.C. Bank Ltd. Jeypore



O-2068

OFFICE OF THE EXECUTIVE ENGINEER,
RWS&S DIVISION, KENDRAPARA.
At : Ichhapur, Post : Shree Baladevjew, Email: eerwsskendrapara@gmail.com

**INVITATIONS FOR BIDS (IFB) [e-Procurement]**
Bid Identification No. RWS/ 67 /2025-26
Letter No. 50 / Dated 09.01.2026

1 The Executive Engineer, RWS&S Division, Kendrapara on behalf of Governor of Odisha invites percentage bid in **SINGLE** cover system in **ONLINE MODE** from eligible contractors for Sinking of 200 mm dia Production well for different Rural Piped Water Supply Schemes in Kendrapara District.

| | | |
|---|---|---|
| 2 | Name of the work | : Sinking of 200 mm dia Production well through Mud Rotary Rigs for different RPWS Schemes in Kendrapara District. |
| 3 | No. of Work | : **06 Nos. ( Six) only** |
| 4 | Value of the Work | : ₹ 6.31 lakhs to ₹ 7.27 Lakhs |
| 5 | Concerned tender inviting authority | : Executive Engineer, RWS&S Division, Kendrapara |
| 6 | Cost of Bid documents (Rs.) (Online) | : ₹ 4000/-. |
| 7 | Cost of Security deposit (Online) | : ₹ 6400 to ₹ 7300/- |
| 8 | Class of Bidder | : " D" and "C" |
| 9 | Period of Completion | : 45 days |
| 10 | Availability of bid documents in the website | : **From date. 19.01.2026 at 10.00 A.M to date. 29.01.2026 till 5.30 P.M** |
| 11 | Last Date & Time of seeking tender clarification | : Up to **21.01.2026** till **5.30 P.M** |
| 12 | Date of Opening of Bid | : **30.01.2026 at 11.00 A.M onwards** |

The bidders have to participate in the tender through **ONLINE** bidding only. Further details can be had from the website i.e http://tendersodisha.gov.in. The bid shall be accompanied with valid Contractor Registration Certificate, PAN, GST, No relation certificate in Schedule-A, Affidavit in support of authenticity of documents in Schedule-F and information regarding current litigation in Schedule-E.
Subsequent corrigendum / addendum if required shall only be appeared in the above website.

OIPR-

Executive Engineer,
RWS&S Division, Kendrapara



**AFFIDAVIT**

By Virtue Of an Affidavit CF no. 86 dtd. 17.01.2026 the Executive Magistrate Nayagarh, I Bijaya Kumar Naik, S/o- Baikuntha Naik, At/Po- Patabandha, Ps- Bolagarh, Dist- Khordha, Declar That I have changed my name Bijay Naik to Bijaya Kumar Naik. Henceforth I Shall be known as **Bijaya Kumar Naik** for all purposes.

**FOR SALE**

1 Number of TRACTOR –KUBOTA MU 5502 4WD, Registration No.- OD-22-X-1568 Model- 2023, ENGINE NO – BPG1638, CHASSIS NO - KBULBBDNJPEF53228, For Details, contact – 8895995989, 9437355692, Second floor, Plot No - 353/2585, Building No- 723/1793, At-Bypass Chhaka, Above Punjab National Bank,Po- Salandi Bypass, Via- Kuansa, Bhadrak - 756100, Ph. No- 06784-250703.

**AFFIDAVIT**

By virtue of an affidavit sworn before Notary Public, Jaleswar, dated 02.01.2026, I, Rama Hansda, Vill- Padasahi, Patharpura, Po/Ps- Jaleswar, Dist.- Baleshwar-756032 declare that I have changed my minor daughter's name from Buddha Hansda to Shankari Hansda. Henceforth,she will be known as **Shankari Hansda** for all purposes.

**Sd/- Rama Hansda**

**AFFIDAVIT**

By virtue of an Affidavit before Notary Public, Malkangiri, I **DURPATI GULLEL**, aged about 31 Years, W/o: RAMA GULLEL, resident of village: Gullelput, Suku, Dist.: Koraput, Odisha-764021, declare by this Affidavit No.:166/2026, Dated:17/01/ 2026 that I have changed my name from Drapati Lokai to Durpati Gullel. Henceforth I shall be known as **Durpati Gullel** for all future purposes.

**AFFIDAVIT**

By virtue of an affidavit (CF No.38, dtd- 16.01.2026) sworn before The Executive Magistrate, Bhubaneswar. I, **Chittaranjan Prusty,** S/o- Debaraj Prusty, resident of At/Po- Kishoreprasad, Badasahi, Ps- Gania, Dist- Nayagarh, Odisha, PIN- 752085 declare that I have changed my minor daughter's name from **Ayushi Priyadashini to Ayushi Priyadarshini** in her Admission Card & School Records. Henceforth, she shall be known as **Ayushi Priyadarshini** (new name) for all purposes.

**Chittaranjan Prusty**

**AFFIDAVIT**

By virtue of an affidavit sworn before Executive Magistrate, Cuttack, dtd. 16.01.2026, I, Adeeba Kafil Khan, C/o- Dr. Kafilul Bari Khan, At- Dewan Bazar, Moti Gali, Po- Buxi Bazar, Ps.- Lalbag,Cuttack, Pin-753001, Odisha do hereby solemnly declare that I have changed my name from Adeeba Kafil to Adeeba Kafil Khan. Henceforth, I shall be known as **Adeeba Kafil Khan** for all purposes.

**AFFIDAVIT**

By virtue of an affidavit No. 350, dated : 13.01.2026 sworn before Executive Magistrate, Bhadrak, I, Suryamani Rout, S/o. Nityananda Rout, resident of At- Chinamali, PO-Kenduapada, PS-Bhadrak (R), Dist-Bhadrak, Odisha,Pin- 756112, solemnly affirm that I have changed my minor son's name from **Subhankar Rout** to **Subham Rout.** Henceforth he shall be known as **SUBHAM ROUT** for all future purposes.

*Suryamani Rout*

**FOR SALE**

1 Number of TRACTOR – KUBOTA MU 4501 4WD, Registration No.- OD-22-W-9831 Model- 2023, ENGINE NO – BMW2476, CHASSIS NO - KBULBADNENEA53943, For Details, contact – 8895995989, 9437355692, Second floor, Plot No- 353/2585, Building No- 723/1793, At-Bypass Chhaka, Above Punjab National Bank, Po- Salandi Bypass, Via- Kuansa, Bhadrak - 756100, PH. NO- 06784-250703.

**AFFIDAVIT**

By virtue of an affidavit (SI No. 21, dtd- 15.01.2026) before the Notary Public, Bhubaneswar. I, **Bhabesh Maheswari,** S/o Radhakrishna Bihani, resident of At- Chachohika Bani NAC, PS- Banki, Dist- Cuttack, Odisha have changed my name from **Balkishan Bihani to Bhabesh Maheswari** for all purposes.

**AFFIDAVIT**

By virtue of an affidavit EN no. O-317/80, before the Executive Magistrate, Bhubaneswar, dtd 13.01.2026, I, Sangeeta Mohapatra, W/o- Pralaya Ranjan Baral, resident of Dimiri, Noda, Gobindpur, Dist- Cuttack do hereby declare that my correct name is Sangeeta Mohapatra. But before marriage my name was Sangita Mohapatra and after marriage my name has been changed as Sangita Baral in certain records. That Sangeeta Mohapatra, Sangita Mohapatra, and Sangita Baral all are one and the same person, i.e., myself. Henceforth, I shall be known as Sangeeta Mohapatra for all purposes.

**Sd/- Sangeeta Mohapatra**

**AFFIDAVIT**

By virtue of on affidavit sworn before Executive Magistrate, Kujang, No- 4045, dtd- 17/12/2025. I, Mrutunjay Baliarsingh, resident of At- Shiriapada, Po- Olhan, Ps- Gadisagoda, Block- Kanas, Dist- Puri, Odisha, Pin- 752019, declare that I have changed my name from **Mrutunjaya Majhi to Mrutunjay Baliarsingh.** Henceforth, I shall be known as **Mrutunjay Baliarsingh** for all purposes.

**Mrutunjay Baliarsingh**

**AFFIDAVIT**

By virtue of an affidavit (SI No. 22, dtd- 15.01.2026) before the Notary Public, Bhubaneswar. I, **Maheshwari Sunita Bhavesh,** W/o Bhavesh Maheswari, resident of At- Chachohika Bani NAC, PS- Banki, Dist- Cuttack, Odisha have changed my name from **Sunita Bihani to Maheshwari Sunita Bhavesh** for all purposes.



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-CCTV-PMS-KUR-535, ତା. 09.01.2026ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ ମଣ୍ଡଳର 9 PMS (ପାର୍ସଲ ମ୍ୟାନେଜମେଣ୍ଟ ସିଷ୍ଟମ) ସ୍ଥାନଗୁଡ଼ିକରେ 47 CCTV ଗୁଡ଼ିକର କ୍ରୟ ଏବଂ ସଂସ୍ଥାପନ।

ଟେଣ୍ଡର ମୂଲ୍ୟ (ଟଙ୍କାରେ): 24,43,618.33, EMD (ଟଙ୍କାରେ) : 48,900/-।

ବିଡ୍ ଅପଲୋଡ୍ ହେବା ତାରିଖ : ତା.19.01.2026 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.02.02.2026 ରିଖ 1100 ଘଣ୍ଟାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିଅର/ହାତ ଜରିଆରେ କିମ୍ବା ବାସ୍ତବିକ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ଇ-ଟେଣ୍ଡର ନୋଟିସ୍ ସହିତ ୱେବସାଇଟ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ୍

PR-1021/Q/25-26

ସକାଳ THE SAKALA



**ନିଜସ୍ୱ ଗୃହ ଥାଇ ସ୍କୁଲ ଘରେ ଚାଲିଛି ଡାକ୍ତରଖାନା**

# କେବେ ହେବ ଉଦ୍‌ଘାଟନ; ପାଲଟିଛି ଭୂତକୋଠି

ଓଳାଭର,୧୭।୧(ସମିସ)



ରାଜକନିକା ବ୍ଲକ ଅଧୀନସ୍ଥ ହାଟସାହିଠାରେ ୧୯୮୦ରେ ଆରମ୍ଭ ହୋଇଥିଲା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର। ଏଠାରେ ହୋମିଓପାଥିକ ରୋଗର ଚିକିତ୍ସା ନିମନ୍ତେ ହାଟସାହି ବିଦ୍ୟାଳୟର ଏକ କୋଠରୀକୁ ବ୍ୟବହାର କରାଯାଇଥିଲା। ବିଡ଼ମ୍ବନାର ବିଷୟ ଇତିମଧ୍ୟରେ ୪୬ ବର୍ଷ ପରେ ବି ସେଇ ସ୍କୁଲ ଘରେ ରୋଗୀସେବା ଚାଲିଛି। ଅଥଚ ଡାକ୍ତରଖାନାର ନିଜସ୍ୱ ଗୃହ ୧୧ ବର୍ଷ ପୂର୍ବେ ନିର୍ମାଣ ସରିଥିଲେ ବି ଏଯାବତ୍ ତାହା ହସ୍ତାନ୍ତର ହୋଇନାହିଁ କି ଡାକ୍ତରଖାନା ଗୃହ ପ୍ରବେଶ କରିନାହିଁ। ୨୦୧୫ରେ ଡାକ୍ତରଖାନା ଗୃହ ନିର୍ମାଣ ସରିଥିବାବେଳେ ଏବେ ଭୂତକୋଠି ପାଲଟିଛି। ଯାହାକି ବିଭାଗର ପାରିବାପଣିଆ ଉପରେ ପ୍ରଶ୍ନ ଛିଡା କରାଇଛି।

ପଶ୍ଚିମାଞ୍ଚଳର ଏହି ଉପାନ୍ତଅଞ୍ଚଳର ପ୍ରାୟ ପାଞ୍ଚଟି ପଞ୍ଚାୟତର ହଜାର ହଜାର ଲୋକ ଏହି ମେଡିକାଲ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ତେବେ ବିଭାଗୀୟ ଉଦାସୀନତା ପାଇଁ ନିଜସ୍ୱ ଘର ଥାଇ ବେଘର ହୋଇ ପଡିରହିଛି ମେଡିକାଲ। ପ୍ରତ୍ୟହ ୪୦ରୁ ୫୦ ରୋଗୀ ଆସିଥା'ନ୍ତି ଏହି ମେଡ଼ିକାଲକୁ। ସ୍କୁଲ ଘରେ କଳାପଟା ପାଖରେ ରୋଗୀ ସେବା ସହିତ ପେଟି ପେଟି ମେଡିସିନ୍ ଏଣେତେଣେ ଥାଇ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏହି ମେଡିକାଲ ନିମନ୍ତେ ଏକ ନୂତନ ଗୃହ ୨୦୧୫ରେ ନିର୍ମାଣ ସରିଛି। ଏଥିପାଇଁ ସେତେବେଳେ ୧୫ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ଏହା ଭିତରେ ୧୧ବର୍ଷ ବିତିଲାଣି। ଅଥଚ ଗୃହଟି ମେଡିକାଲକୁ ହସ୍ତାନ୍ତର ହୋଇପାରିନାହିଁ କି ଉଦ୍‌ଘାଟନ ହୋଇନାହିଁ। ସେ ନୂଆ ଗୃହଟି ଏବେ ଉଦ୍‌ଘାଟନ ଆଗରୁ ସଡ଼ା ହରାଇ ଜରାଜୀର୍ଣ୍ଣ ହୋଇପଡ଼ିଲାଣି। କାନ୍ଥ ଫାଟି ଗଛ ଉଠିଲାଣି। ପାଣି ବି ଟପ୍ ଟପ୍ ଖସୁଛି। ଘରର କବାଟ

- **୪୬ ବର୍ଷ ହେବ ସ୍କୁଲ ଘରେ ରୋଗୀସେବା**
- **୨୦୧୫ରେ ସରିଛି ଡାକ୍ତରଖାନା ଗୃହ**

ଝରକା ଆପେ ଆପେ ଭାଙ୍ଗିରୁଜି ଗଲାଣି। ଭଙ୍ଗା କବାଟ ବାଟେ ବିଷଧର ସର୍ପ ବି ଘର ଭିତରେ ଆସ୍ଥାନ ଜମାଇଲେଣି। ଘରଟି ଏବେ ଭୂତକୋଠି ପାଲଟିଯାଇଛି। ଏମିତିକି ନୂତନ ଗୃହକୁ ଯିବା ପାଇଁ ରାସ୍ତା ନ ଥିବାରୁ ମେଡିକାଲ ଘର ଅପନ୍ତରା ଭାବେ ନିର୍ମାଣ ହୋଇ ସଡ଼ା ହରାଇଛି। ଦୀର୍ଘବର୍ଷ ହେବ ମେଡିକାଲର ଏଭଳି ବିକଳ ସ୍ଥିତି ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

ହାଟସାହି ପଞ୍ଚାୟତ ସରପଞ୍ଚ ସୀତା ଦାସ ମେଡିକାଲର ଏତାଦୃଶ ଅବସ୍ଥାରେ ତୁରନ୍ତ ବ୍ୟବସ୍ଥିତ କରିବାକୁ ଦାବି ରଖିଥିବାବେଳେ ଏଠାରେ କାର୍ଯ୍ୟରତ ଡାକ୍ତର ଜିତେନ୍ଦ୍ର ମଲିକ ବି ଅସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ। ସମିତିସଭ୍ୟ ସଞ୍ଜୟ ବେହୁରା ନୂତନ ଗୃହ ଉଦ୍‌ଘାଟନ ହେବା ଆଗରୁ ପୁନରୁଦ୍ଧାର ଦାବି କରିଛନ୍ତି। ଡାକ୍ତରଖାନାକୁ ଆସିଥିବା ରୋଗୀ ସୁମିତ୍ରା ମଲିକ ନିଜର କ୍ଷୋଭ ପ୍ରକାଶ କରି ଅନ୍ତତଃପକ୍ଷେ ମେଡିକାଲକୁ ବ୍ୟବସ୍ଥିତ କରିବାକୁ ଦାବି କରିଥିବାବେଳେ ବହୁ ରୋଗୀ ନୂଆ ଗୃହର ନବକଳେବର କରିବାକୁ ଦାବି କରିଛନ୍ତି। ତୁରନ୍ତ ବିଭାଗୀୟ ଉଚ୍ଚାଧିକାରୀ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

ମହାକାଳପଡ଼ା,୧୭।୧(ସମିସ): ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ଗୋଗୁଆ ଗ୍ରାମର କଳ୍ପତରୁ ଓଝାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ତାଙ୍କ ପତ୍ନୀ କଳ୍ପନା ଓଝା ତନ୍ତିଆପାଳ ସାମୁଦ୍ରିକ ଥାନାରେ ଅଭିଯୋଗ କରିଛନ୍ତି।



ଗୁରୁବାର ରାତି ଦଶଟା ସମୟରେ ବଡ଼ପଲ୍ଲୀ ଗ୍ରାମରୁ ତାଙ୍କ ସ୍ୱାମୀ କଳ୍ପତରୁ ଘରକୁ ଫେରୁଥିଲେ। ଏହି ସମୟରେ ସେହି ଗ୍ରାମର କାଳିଆ ଜେନା, ଜଗା ଜେନା, କ୍ଷୀରୋଦ ଜେନା ଓ ଚିତ୍ତ ମଲିକ କଳ୍ପତରୁଙ୍କୁ ଅଟକାଇ ତାଙ୍କୁ ଅଶାଳୀନ ବ୍ୟବହାର କରିବା ସହ ସଙ୍ଘବଦ୍ଧ ଆକ୍ରମଣ କରି ତାଙ୍କ ମୁଣ୍ଡ ଫଟାଇଦେଇଛନ୍ତି। କଳ୍ପତରୁଙ୍କ ପାଖରୁ ନଗଦ ୧ ଲକ୍ଷ ଟଙ୍କା, ମୋବାଇଲ୍ ଫୋନ୍ ଛଡାଇ ନେବା ସହ ତାଙ୍କ ବାଇକକୁ ଭାଙ୍ଗିଦେଇଥିବା ଅଭିଯୋଗରେ କଳ୍ପନା ଉଲ୍ଲେଖ କରିଛନ୍ତି। କଳ୍ପତରୁ ଏବେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି।

## ଶ୍ରୀଶ୍ରୀ ଜଗନ୍ନାଥ କଲେଜ ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର

ରାଜନଗର,୧୭।୧(ସମିସ): ସ୍ଥାନୀୟ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ''ଭାରତର ବିଦେଶ ନୀତିର ନିରନ୍ତରତା ଓ ପରିବର୍ତ୍ତନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକ ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି ଓ ରାଜନୀତି ବିଜ୍ଞାନ ବିଭାଗ ପ୍ରଫେସର ଜୟକୃଷ୍ଣ ବରାଳ ଭାରତର ବିଦେଶ ନୀତିର ନିରନ୍ତରତା ଓ ପରିବର୍ତ୍ତନ ସମ୍ପର୍କରେ ଆଲୋକପାତ କରିଥିଲେ। ଭାରତର ବିଦେଶ ନୀତି ସ୍ୱାଧୀନତା ପରଠାରୁ କିପରି ସମୟ ଅନୁସାରେ ପରିବର୍ତ୍ତିତ ହେଉଥିଲେ ମଧ୍ୟ କିଛି ମୌଳିକ ନୀତି ନିରନ୍ତର ରହିଆସିଛି, ଏପରି ଭାବେ



ଭାରତୀୟ ବିଦେଶ ନୀତିରେ ନିରନ୍ତରତା ଓ ପରିବର୍ତ୍ତନ ଉଭୟ ଦେଖିବାକୁ ମିଳେ। ସ୍ୱାଧୀନ ବିଦେଶ ନୀତି, ନିରପେକ୍ଷତା, ପଞ୍ଚଶୀଳ ସିଦ୍ଧାନ୍ତ, ପରିବର୍ତ୍ତନ ଯେପରିକି ପଡ଼ୋଶୀ ପ୍ରଥମ ନୀତି, ଆକ୍ଟ ଇଷ୍ଟ ପଲିସି ବିଷୟରେ ଶ୍ରୀ ବରାଳ ଆଲୋଚନା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରତାପ ସ୍ୱାଇଁ ସଭା ପରିଚାଳନା କରିବା ସହିତ ଭାରତ କିପରି ଆଗାମୀ ଦିନରେ ବିଶ୍ୱଗୁରୁ ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଅଧ୍ୟାପିକା ପ୍ରଣତୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାନଖାଇ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ଗୋବିନ୍ଦପୁର,୧୭।୧(ସମିସ): ସିଂହଗାଁ ପଞ୍ଚାୟତ ଅନ୍ତର୍ଗତ ଧାନଖାଇ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ପୁରୁଷୋତ୍ତମ ପଲାଇଙ୍କ ଦ୍ୱାରା ଉଦଘାଟିତ ଏହି ଉତ୍ସବ ତିନିଦିନ ଧରି ଚାଲିଥିଲା। ପ୍ରଧାନ ଶିକ୍ଷୟିତ୍ରୀ ନମିତା ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ରଜନୀକାନ୍ତ ଦାସ, ସମ୍ମାନିତ ବକ୍ତା ଭାବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସରୋଜ କାନ୍ତ ସାହୁ ଓ ପ୍ରକୃତି ବନ୍ଧୁ କବି ବଟକୃଷ୍ଣ ପଣ୍ଡା, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡା ଜିଲ୍ଲା ଓଷ୍ଟାର ଉପସଭାପତି ସଞ୍ଜୟ



ସାମଲ, ସିଆର୍‌ସିସି ମନୋଜ ସେଠୀ, ସାମ୍ବାଦିକ ଅନଙ୍ଗ ଉଦୟ ବେଉରିଆ, ଶିକ୍ଷାବିତ ପ୍ରଭାକର ପାତ୍ର, ଆଦିକନ୍ଦ ବେହେରା, ସମାଜସେବୀ ପଦ୍ମଲୋଚନ ଦାସ, ପୂର୍ଣ୍ଣଚନ୍ଦ୍ର ନାୟକ, ବ୍ରହ୍ମାନନ୍ଦ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡା ଶିକ୍ଷୟିତ୍ରୀ ବନ୍ଦିତା ସାମଲ ବିବରଣୀ ପାଠ କରିଥିବାବେଳେ ସହଦେବ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଶ୍ରୁତିସ୍ମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରଶ୍ମିତା ଦାସ, ଗୀତାଞ୍ଜଳି ସାହୁ, ନିରଞ୍ଜନ ବେହେରା ଓ ଅଜୟ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଯାପନୀ ଉତ୍ସବ

କେନ୍ଦ୍ରାପଡ଼ା,୧୭।୧(ସମିସ): ଜଳ ସମ୍ପଦର ସୁଷମ ବଣ୍ଟନ, କୃଷକ ସଶକ୍ତିକରଣ ଓ ସହଭାଗୀ ଜଳସେଚନ ପରିଚାଳନାର ଗୁରୁତ୍ୱକୁ ନେଇ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଜଳସେଚନ ବିଭାଗ ପକ୍ଷରୁ ଜଣ୍ଟିଲୋ ଜଳସେଚନ ଡାକବଙ୍ଗଳା ପରିସରରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ରଘୁରାମ ଆର. ଆୟର ଯୋଗଦେଇ କୃଷି ଓ ଜଳସେଚନର ସମନ୍ୱିତ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦର ଉପସଭାପତି ଭୀଷ୍ମ ମହାନ୍ତି, ଜିଲ୍ଲାପରିଷଦ ସଦସ୍ୟ ରଶ୍ମିରଞ୍ଜନ



ରାଉତ ଓ ନିର୍ମଳା ମହାନ୍ତି, ଜିଲ୍ଲା ମୁଖ୍ୟ ଅଧିକାରୀ ସୁରେଶ ମଲ୍ଲିକ, ଉଠା ଜଳସେଚନର ନିର୍ବାହୀ ଯନ୍ତ୍ରୀ ପ୍ରଦୀପ ସ୍ୱାଇଁ, ଡ୍ରେନେଜ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ବିଜୟ ସେଠୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ ନିର୍ମଳ ଜେନା ଓ ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ ସୋମ୍ୟରଞ୍ଜନ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ରାଜ୍ୟ ସରକାରଙ୍କ ପାଣି ପଞ୍ଚାୟତ ଯୋଜନାକୁ ଗଣତାନ୍ତ୍ରିକ ଭାବେ ସଫଳ ଓ ଦୀର୍ଘସ୍ଥାୟୀ କରିବା, ଜଳ ବଣ୍ଟନଜନିତ ବିବାଦକୁ ଆପୋଷ ସମାଧାନ କରିବା, ସମସ୍ତ ସେଚ ଅଞ୍ଚଳରେ ସୁଷମ ଜଳ ବଣ୍ଟନ ସୁନିଶ୍ଚିତ କରିବା ପାଇଁ ସଭ୍ୟଙ୍କୁ ଶପଥ ପାଠ କରାଯାଇଥିଲା

ଉଦଯାପନୀ ଉତ୍ସବ ଅବସରରେ ଜଳସେଚନ ବିଭାଗ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ରଚନା, କୁଇଜ, ଚିତ୍ରକଳା, ବକ୍ତୃତା ଓ ମଡେଲ ପ୍ରତିଯୋଗିତାର ୧୪ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧୀକ୍ଷଣ ଯନ୍ତ୍ରୀ ଉମେଶ ସେଠୀ ପାଣି ପଞ୍ଚାୟତ ପକ୍ଷ ପାଳନର ଉଦ୍ଦେଶ୍ୟ ବିଷୟରେ ଅଭିଭାଷଣ ପ୍ରଦାନ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ। ଭାବଗ୍ରାହୀ କଳା ନିକେତନ ସମ୍ପାଦକ କମଳ ପରିଡା ମଞ୍ଚ ପରିଚାଳନା କରିଥିଲେ। କଳାକାରମାନେ ସ୍ୱାଗତ ସଙ୍ଗୀତ, ବନ୍ଦେ ମାତରମ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏ ଅବସରରେ ଡେରାବିଶ ବ୍ଲକ ଅନ୍ତର୍ଗତ ମଣିପୁରା ଗ୍ରାମର ମହିଳା କୃଷକ କେତକୀପ୍ରଭା ସାହୁଙ୍କୁ ଶ୍ରେଷ୍ଠ କୃଷକ ଘୋଷଣା କରାଯାଇଥିଲା। ସେ ଆଗାମୀ ରାଜ୍ୟସ୍ତରୀୟ ଉତ୍ସବରେ ପୁରସ୍କୃତ ହେବେ।

## ସ୍ୱେଚ୍ଛାସେବୀ ସେବା ଓ ସଡ଼କ ସଚେତନତା ଶିବିର

ମାର୍ଶାଘାଇ, ୧୭ ।୧(ସମିସ): ମାର୍ଶାଘାଇ ମହାବିଦ୍ୟାଳୟ ଯୁବ ରେଡକ୍ରସ ଆନୁକୂଲ୍ୟରେ ଦ୍ୱିଦିବସୀୟ ସ୍ୱେଚ୍ଛାସେବୀ ସେବା ଓ ସଡ଼କ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଡଃ ଶଶୀକାନ୍ତ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା, ଜିଲ୍ଲା ଯୁବ ରେଡକ୍ରସର ଆବାହକ ସମ୍ପାଦକ ଅଧ୍ୟାପକ ବିକାଶ ନାୟକ, ଅଧ୍ୟାପକ ସୁକାନ୍ତ ପ୍ରଧାନ, ଶିବିର ସଂଯୋଜକ ଅଧ୍ୟାପକ ଖଗେଶ୍ୱର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମ୍ବଳ ବ୍ୟକ୍ତିତ୍ୱ, ସ୍ୱେଚ୍ଛାସେବୀଙ୍କ ଦାୟିତ୍ୱ, ଗୁଣାବଳୀ ଓ ସଡ଼କ ସୁରକ୍ଷା ସଚେତନତା ସମ୍ପର୍କୀୟ ମାର୍ଗଦର୍ଶନ ଛାତ୍ରଛାତ୍ରୀଙ୍କୁ କରିଥିଲେ। ଅଧ୍ୟାପକ ବିଭୁସେନ ପତିଙ୍କ ସଂଯୋଜନାରେ ଆୟୋଜିତ ସମାରୋହରେ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ନୃତ୍ୟ, ସଂଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୦ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କୁ ନେଇ ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ଅଧ୍ୟାପକ ମନୋଜ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଦିଲ୍ଲୀ ଉତ୍କଳ ଉତ୍ସବରେ ସମାଜସେବୀ ସଂଗ୍ରାମ ସାମଲ ସମ୍ବର୍ଦ୍ଧିତ





ପଟ୍ଟାମୁଣ୍ଡାଇ,୧୭।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ବାଛରା ପଞ୍ଚାୟତ ମଣ୍ଡପଡା ଗ୍ରାମର ଯୁବ ସମାଜସେବୀ ସଂଗ୍ରାମ ସାମଲ ନିସ୍ୱାର୍ଥପର ଜନସେବା ପାଇଁ ଦିଲ୍ଲୀ ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ମହାମାରୀ କରୋନା ସମୟରେ ଦୁସ୍ଥ ତଥା ଅସହାୟ ଲୋକଙ୍କ ପାଖରେ ଦେବଦୂତ ଭଳି ପହଞ୍ଚି ସହାୟତା ପ୍ରଦାନ କରିବା ସହ ନିରନ୍ତର ଭାବେ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ସହାୟତା କରିଆସୁଛନ୍ତି। ସମାଜସେବାକୁ ଜୀବନର ବ୍ରତ କରିଥିବା ସଂଗ୍ରାମ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଅଗ୍ରଣୀ ଭୂମିକା ନିଭାଇଥା'ନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ଉଷୁ କ୍ରୀଡ଼ା ସଭାପତି ଭାବେ କ୍ରୀଡାବିତଙ୍କ ବିକାଶ ପାଇଁ ଲାଗିପଡିଛନ୍ତି। ତାଙ୍କ ପ୍ରୋତ୍ସାହନରେ ବିଗତ ବର୍ଷମାନଙ୍କରେ କେନ୍ଦ୍ରାପଡ଼ା ଜିଲ୍ଲା ସର୍ବଭାରତୀୟ ସ୍ତରରେ ସଫଳତା ହାସଲ କରିଛି। ନିକଟରେ ୱାର୍ଲ୍ଡ ଓଡ଼ିଶା ସୋସାଇଟି ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ ଉତ୍କଳ ଉତ୍ସବରେ ସମାଜସେବା ପାଇଁ ସଂଗ୍ରାମଙ୍କୁ ରତ୍ନଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଛି। ସୋସାଇଟି ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍କଳ ଉତ୍ସବରେ ଓଡିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ବାଚସ୍ପତି ସୁରମା ପାଢ଼ୀ, ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ବିଧାୟକ ପ୍ରଶାନ୍ତ ଜଗଦେବ ଓ ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନ ପ୍ରମୁଖଙ୍କ ଯୋଗଦେଇ ସଂଗ୍ରାମ ସାମଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏ ନେଇ ସଂଗ୍ରାମଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ସମାଜସେବୀ ଅଭିରାମ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ପଟ୍ଟାମୁଣ୍ଡାଇ,୧୭।୧(ସମିସ): ବିଶିଷ୍ଟ ସମାଜସେବୀ ତଥା ଧୋୟାଞ୍ଚଳର ଜଣେ ପରୋପକାରୀ, ଧର୍ମପ୍ରାଣ ବ୍ୟକ୍ତି ଭାବେ ଜଣାଶୁଣା ପ୍ରାକ୍ତନ ସରକାରୀ କର୍ମଚାରୀ ଅଭିରାମ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ତାଙ୍କ ତରଡ଼ିପାଳସ୍ଥ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ସ୍ୱର୍ଗତ ଅଭିରାମ ବିଶ୍ୱାଳଙ୍କ ଗୃହାସନରେ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ପରମହଂସଙ୍କ ପୂଜା ସେବାର ବିଶେଷ ଆୟୋଜନ କରାଯାଇଥିଲା। ଶ୍ରୀ ନୀଳାଚଳ ସାରସ୍ୱତ ସଂଘ, ପୁରୀଙ୍କ ପୌରୋହିତ୍ୟ, ଛବି ଭାଇଙ୍କ ସଭାପତିତ୍ୱରେ ଶ୍ରୀଶ୍ରୀ ଠାକୁର ମହାରାଜଙ୍କ ପୂଜା ସେବା ସୁରୁଖୁରୁରେ ସମ୍ପାଦିତ ହୋଇଥିଲା। ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କ ସହ ଅନ୍ୟାନ୍ୟ ସନ୍ନ୍ୟାସୀ, ଗୁରୁଭ୍ରାତା ଓ ମାଆ, ତରଡ଼ିପାଳ ଶାଖା ସଂଘର ଗୁରୁଭାଇ ଓ ମାଆ, ସ୍ୱର୍ଗତ ଅଭିରାମ ବିଶ୍ୱାଳଙ୍କ ପରିବାର ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ।



## ଅରଡ଼ପଲ୍ଲୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା



ପଟ୍ଟାମୁଣ୍ଡାଇ,୧୭।୧(ସମିସ): ଅରଡ଼ପଲ୍ଲୀ ଆଞ୍ଚଳିକ ସରକାରୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ଉତ୍ସବକୁ ପ୍ରଧାନଶିକ୍ଷକ ଶରତ ମଲିକ ଉଦଘାଟନ କରିଥିଲେ। କ୍ରୀଡ଼ା ଶିକ୍ଷକ ସହଦେବ ଘଡାଇ, ସହକାରୀ ଶିକ୍ଷୟିତ୍ରୀ ରୋଜିନା ରାଉତ, ଶୈଳବାଳା ଲେଙ୍କା, ସୋନମ ଦାସ, ମମତା ମହାପାତ୍ର, ପ୍ରୀତିପ୍ରଜ୍ଞା ଦାଶ, ପ୍ରଜ୍ଞାଜ୍ୟୋତି ପ୍ରଧାନଙ୍କ ନେତୃତ୍ୱରେ ୧୦୦ ମିଟର, ୨୦୦ ମିଟର ୪୦୦ ମିଟର ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ, ଜାଭେଲିନ ଥ୍ରୋ, ମ୍ୟୁଜିକ ଚେୟାର, କୌତୁକ ପୋଷାକ ଆଦି ପ୍ରତିଯୋଗିତା କରାଯାଇଥିଲା। ଉଦଯାପନୀ ଉତ୍ସବରେ ପଞ୍ଚସଖା କମିଟି ଅଧ୍ୟକ୍ଷ ସତ୍ୟବ୍ରତ ରାୟ, ଏସପି ନୋଡାଲ ସିଆରସିସି ରଞ୍ଜନ ବେହେରା ଶିକ୍ଷାବିତ ପଣ୍ଡିତ ପ୍ରମୋଦ ତ୍ରିପାଠୀ, ସ୍କୁଲ ପରିଚାଳନା କମିଟି ସଭାପତି ମମତା ଘଡାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସିନିୟର ବାଳକ ଚାମ୍ପିଅନ ଦୀପକ ମଲିକ, ବାଳିକା ଚାମ୍ପିଅନ ଭାଗ୍ୟଲକ୍ଷ୍ମୀ ନାୟକ, ଜୁନିୟର ବାଳକ ଚାମ୍ପିଅନ ଆଶିଷ ବେହେରା, ବାଳିକା ଚାମ୍ପିଅନ ଲିଜାସ୍ମିତା ଜେନା ଓ ସବଜୁନିୟର ଚାମ୍ପିଅନ ଆଲୋକ ମଲିକଙ୍କ ସମେତ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସହକାରୀ ଶିକ୍ଷକ ରାଖାଲ ସାହୁ ସ୍ୱାଗତ ଭାଷଣ ଓ ବିଶାଖା ରାଉତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଯୁକ୍ତା ଦାସ ଧନ୍ୟବାଦ ଦେଇଥିଲେ। ଉତ୍ସବକୁ ଋତୁପର୍ଣ୍ଣା ରାୟ ଓ ଲଳିତା ରାଉତ ପରିଚାଳନା କରିଥିଲେ।

## ବନ୍ଦେ ମାତରମ ଉଚ୍ଚବିଦ୍ୟାଳୟ ବାର୍ଷିକ ଉତ୍ସବ



ପଟ୍ଟାମୁଣ୍ଡାଇ,୧୭।୧(ସମିସ): ଅଣ୍ଡରା ବନ୍ଦେ ମାତରମ ଉଚ୍ଚବିଦ୍ୟାଳୟର ୪୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅମୀର କୁମାର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ପ୍ରଶାନ୍ତ ସାମଲ ମୁଖ୍ୟଅତିଥି, ଅବସରପ୍ରାପ୍ତ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଷିଦ୍ଧ ବାରିକ ମୁଖ୍ୟବକ୍ତା, ସିଆରସିସି ମନୋଜ ସେଠୀ, ତ୍ରୈଲୋକ୍ୟନାଥ ସ୍ୱାଇଁ ଓ ବୁଦ୍ଧିମାନ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ସହକାରୀ ଶିକ୍ଷକ ସନ୍ତୋଷ ଅଗସ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ କୃଷ୍ଣଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ଶିକ୍ଷକ ବିଶ୍ୱଜିତ ମଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡାରେ ଚାମ୍ପିଅନ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ବାର୍ଷିକ ଉତ୍ସବକୁ ଶିକ୍ଷକ ଗିରିଜା ଶଙ୍କର ଖିଲାର, ବୈଷ୍ଣବ ପରିଡା, ନିର୍ମଳ ବେହେରା, ସରସ୍ୱତୀ ବାରିକ, ଲକ୍ଷ୍ମୀପ୍ରିୟା ପଟ୍ଟନାୟକ, ସରୋଜ ନାୟକ, ଆଶିଷ ମଲିକ, ସାଇଦା ବେଗମ, ବିଶ୍ୱରଞ୍ଜନ ପୃଷ୍ଟି, ଜୟନ୍ତ ବିଶ୍ୱାଳ, ଶ୍ରୀଧର ବାରିକ, ଗୀତାଞ୍ଜଳି ସାମଲ, ରାଜଶ୍ରୀ ସ୍ୱାଇଁ, ସୁଶ୍ରୀ ସୋନାଲି ସାହୁ, ସ୍ୱର୍ଣ୍ଣମୟୀ ସାମଲ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିଜୁଳି ଦେଖିନି ସୁଶାନ୍ତିଙ୍କ ପରିବାର

ମହାକାଳପଡ଼ା,୧୭।୧(ସମିସ)

ଆଜି ବି ଜଣେ ଅସହାୟ ପରିବାର ନିକଟରେ ବିଦ୍ୟୁତ୍ ସେବା ପହଞ୍ଚିପାରିନି। କେବଳ ବିଦ୍ୟୁତ୍ ସେବା କାହିଁକି ସରକାରଙ୍କ ଆବାସ ଯୋଜନାରୁ ମଧ୍ୟ ବଞ୍ଚିତ ରହିଛନ୍ତି ଏହି ହିତାଧିକାରୀ। ଉନ୍ନୟନମୂଳକ କାର୍ଯ୍ୟର ନକ୍ସା ଆଙ୍କୁଥିବା ବ୍ଲକ୍ କାର୍ଯ୍ୟାଳୟର ନାକତଳେ ଏହି ଚିତ୍ର ସାମ୍ନାକୁ ଆସିବା ପରେ ସରକାରଙ୍କ ଯୋଜନା ସାଧାରଣ ଲୋକଙ୍କ ପାଇଁ କେତେ ଫଳପ୍ରଦ ହେଉଛି, ତାହା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଏକ ସମ୍ବେଦନଶୀଳ ଖବର ସାମ୍ନାକୁ ଆସିଛି ରାଜ୍ୟ ରାଜନୀତିରେ ସବୁଠାରୁ ଚର୍ଚ୍ଚିତ ନିର୍ବାଚନମଣ୍ଡଳୀ କୁହାଯାଉଥିବା କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ାରେ। ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ମହାକାଳପଡା ପଞ୍ଚାୟତ ଅଧୀନସ୍ଥ ଚଡାଇଗୁଆଁ ଗ୍ରାମରେ ଅସହାୟ ଜୀବନ କାଟୁଛନ୍ତି ୬୦ ବର୍ଷୀୟା ସୁଶାନ୍ତି ଦାସ।


ସୁଶାନ୍ତି ପରିବାର କହିଲେ କେବଳ ତାଙ୍କର ୧୮ ବର୍ଷୀୟା ଝିଅ ଲକ୍ଷ୍ମୀପ୍ରିୟା ଦାସ। ୧୦ ଦିନ ପୂର୍ବେ ସ୍ୱାମୀ ପ୍ରମୋଦ ଦାସ(୭୦)ଙ୍କ ଦେହାନ୍ତ ହୋଇଯାଇଛି। ପ୍ରମୋଦ ଦିନମଜୁରିଆ ଭାବେ କାର୍ଯ୍ୟ କରି ପରିବାର

- **ଏବେବି ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ**
- **ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ପଡୁନି ନଜର**



ପ୍ରତିପୋଷଣ କରିଆସୁଥିଲେ। ସ୍ୱାମୀଙ୍କ ଦେହାନ୍ତ ପରେ ଏବେ ଅସହାୟ ହୋଇପଡିଛନ୍ତି ପତ୍ନୀ ସୁଶାନ୍ତି। ଯେଉଁ ଘରେ ସେ ମୁଣ୍ଡ ଗୁଞ୍ଜୁଛନ୍ତି ତାହାର ଅବସ୍ଥା ଦେଖିଲେ ଆପଣଙ୍କ ମନରେ ଅଜଣା ଭୟ ସୃଷ୍ଟି ହେବା ସ୍ୱାଭାବିକ। କାନ୍ଥ ଭୁଶୁଡ଼ି ଯାଇ ମାଟିକୁ ସ୍ପର୍ଶ କରୁଛି। ସମ୍ବଳ ଅଭାବରୁ ମରାମତି କରିପାରୁନାହାନ୍ତି। ଦୀର୍ଘବର୍ଷ ଧରି ଛପର ନ ହୋଇ ଯେଉଁ ପାଲ ଖଣ୍ଡିଏ ଘୋଡାଇଥିଲେ ତାହା ମଧ୍ୟ ନଷ୍ଟ ହୋଇଯାଇଛି। ସରକାରଙ୍କ ଆବାସ ଯୋଜନା ସୁଶାନ୍ତିଙ୍କ ପାଇଁ ଯେମିତି ଉପହାସ ପାଲଟିଛି। କେବଳ ସେତିକି ନୁହେଁ ଆଜି ପର୍ଯ୍ୟନ୍ତ ବିଜୁଳି ଆଲୁଅ ମଧ୍ୟ ସେ ଦେଖି ନାହାନ୍ତି। ଡିବିରି ଆଲୁଅରେ ଅନ୍ଧାରି ଜୀବନ କାଟୁଛନ୍ତି ଅସହାୟ ସୁଶାନ୍ତି। କେବଳ ରାସନ୍ କାର୍ଡକୁ ଛାଡ଼ିଦେଲେ ତାଙ୍କ ପାଖରେ ଅନ୍ୟକୌଣସି ସରକାରୀ ଯୋଜନା ପହଞ୍ଚିପାରିନି। ଅଞ୍ଚଳର ବିକଶିତ ନକ୍ସା ଆଙ୍କୁଥିବା ମହାକାଳପଡ଼ା ବ୍ଲକର ନାକତଳେ ଜଣେ ଅସହାୟ ପରିବାର ଅନ୍ଧାରୀ ଜୀବନ କାଟୁଛନ୍ତି ଓ ସରକାରୀ ସହାୟତା ତାଙ୍କ ପାଖରେ ନ ପହଞ୍ଚିବା ଖବର ଲୋକପ୍ରତିନିଧିଙ୍କ ପାରିବାପଣିଆକୁ ଯେତିକି ପ୍ରଶ୍ନ ସୃଷ୍ଟି କରୁଛି, ତାହାଠୁ ଅଧିକ ପ୍ରଶ୍ନ ବ୍ଲକ୍ ପ୍ରଶାସନ ଉପରେ ଅଙ୍ଗୁଳି ଉଠାଉଛି। ସରକାର ସାଧାରଣ ଲୋକଙ୍କ ପାଇଁ ଉନ୍ନୟନମୂଳକ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଗାଲୁଆମି ପାଇଁ ସାଧାରଣ ଲୋକଟି ତା'ର ମୌଳିକ ଅଧିକାରରୁ ବଞ୍ଚିତ ରହୁଥିବା ଦେଖାଯାଉଛି। ବୟସର ଅପରାହ୍ନରେ ନିଜର ୧୮ ବର୍ଷୀୟା ଝିଅକୁ ନେଇ ଏହି ଦୟନୀୟ ଜୀବନରୁ କେମିତି ଉଦ୍ଧାର ହେବେ, ଏ କଥା ଭାବିଭାବି ସେ ଦିନରାତି ଲୁହ ଗଡାଉଛନ୍ତି। ଏ ନେଇ ମହାକାଳପଡ଼ାର ଭାରାପ୍ରାପ୍ତ ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କୁ ପଚାରିବାରୁ ହିତାଧିକାରୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର, ବିଧବା ଭତ୍ତା ଟଙ୍କା ପାଇଁ ବ୍ୟବସ୍ଥା କରାଯିବା ଓ ନୂତନ ବିଦ୍ୟୁତ ସଂଯୋଗ ପାଇଁ ଅନଲାଇନରେ ଆବେଦନ କରିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ତେବେ ସୁଶାନ୍ତିଙ୍କ ଅନ୍ଧାରୀ ଜୀବନରେ କେବେ ଯୋଜନା ରୂପକ ଆଲୋକ ପହଞ୍ଚିବ, ତାହା ଦେଖିବାକୁ

## ନିରଞ୍ଜନ ନାଉଗାଁ ବ୍ଲକ୍ ବିଜେଡି ସଭାପତି



ନାଉଗାଁ,୧୭।୧(ସମିସ): ନାଉଗାଁ ବ୍ଲକ ବିଜୁ ଜନତା ଦଳର ସଭାପତି ଭାବେ ନିରଞ୍ଜନ ବେହୁରାଙ୍କ ମନୋନୀତ କରାଯିବା ପରେ ତାଙ୍କୁ ଦଳୀୟ କର୍ମୀ, ସମର୍ଥକ ଓ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି। ଏହି ଅବସରରେ ସେ ଦଳର ଦଭାପତି ନବୀନ ପଟ୍ଟନାୟକ, ରାଜ୍ୟ ଉପସଭାପତି ଚିରଞ୍ଜୀବ ବିଶ୍ୱାଳ ଓ ଜିଲ୍ଲା ବିଜେଡି ସଭାପତି ପ୍ରଶାନ୍ତ କୁମାର ମୁଦୁଲିଙ୍କ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ନାଉଗାଁ ବ୍ଲକରେ ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ କରିବା ସହ ବରିଷ୍ଠ, ଯୁବ, ଛାତ୍ର, ସାଧାରଣ ଏବଂ ମହିଳଙ୍କ ସମସ୍ୟାକୁ ସଂଗଠିତ ଭାବେ ଉପସ୍ଥାପନ କରିବେ ବୋଲି କହିଛନ୍ତି।

## ଦେବାଶିଷ ରଘୁନାଥପୁର ବ୍ଲକ୍ ବିଜେଡି ସଭାପତି



ରଘୁନାଥପୁର,୧୭।୧(ସମିସ): ରଘୁନାଥପୁର ବ୍ଲକର ବିଜେଡି ସଭାପତି ଭାବେ ଦେବାଶିଷ ତ୍ରିପାଠୀଙ୍କୁ ମନୋନୀତ କରାଯାଇଛି। ଏଥିପାଇଁ ସେ ରାଜ୍ୟ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ସାଧୁବାଦ ଜଣାଇଛନ୍ତି। ତାଙ୍କ ନାମ ଘୋଷଣା ପରେ ରଘୁନାଥପୁର ବ୍ଲକ ବିଜୁ ଯୁବ ଜନତା ସଭାପତି ଯୋଶେଫ୍ ସ୍ୱାଇଁ, ବିଶ୍ୱଜିତ ଦାଶ, ତାରାକାନ୍ତ ଜେନା, ରାଜେଶ ମିଶ୍ର, ଗୌତମ ପାଲିତ, କୈଳାସ ରାୟ, ମାନସ ଦାସ, ଅନ୍ତର୍ଯ୍ୟାମୀ ସାମଲ, ସରପଞ୍ଚ କିଶୋର ବେହେରା, ବଟକୃଷ୍ଣ ନାୟକ, ରହିମ୍ ଖାଁ, ଅଜୟ ସାମଲ, ବସନ୍ତ ସ୍ୱାଇଁ, କୁଞ୍ଜବିହାରୀ ସ୍ୱାଇଁ, ଗଗନ ବିଶ୍ୱାଳ, ପ୍ରତାପ ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ଇତିଶ୍ରୀ ମଲ୍ଲିକ, ପ୍ରକାଶ ମଲ୍ଲିକ, ବସନ୍ତ ବାରିକ, ପ୍ରଶାନ୍ତ ଜେନା, ପ୍ରତାପ ପଟ୍ଟନାୟକ, ବିଭୁତି ଭୁଷଣ ନାୟକ ପ୍ରମୁଖ ଶତାଧିକ ବିଜେଡି କର୍ମୀ ତାଙ୍କ ବାସଭବନରେ ପହଞ୍ଚି ପୁଷ୍ପମାଲ୍ୟ ଦେଇ ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ।

## ମଉଳା ଭଣଜା ପ୍ରାଥମିକ ବିଦ୍ୟାଳୟର କ୍ରୀଡ଼ା



ନାଉଗାଁ,୧୭।୧(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦାସ୍ଥିତ ଶ୍ରୀଶ୍ରୀ ମଉଳା ଭଣଜା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ବିଦ୍ୟାଳୟର ଅଧ୍ୟକ୍ଷ ଅଧିକାରୀ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ନାଉଗାଁ ତହସିଲଦାର ଅକ୍ଷୟ କୁମାର ବଡୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଧର୍ମାନନ୍ଦ ପରିଡା, ଯୋଗ ଦେଇଥିଲେ। ଉତ୍ସବକୁ ଅଧପକ ଡ. ନିରଞ୍ଜନ ବିଶ୍ୱାଳ, ପ୍ରତାପ କୁମାର ମିଶ୍ର, ଧିରେନ କୁମାର ପତି, ହରିପ୍ରସାଦ ପତି, କ୍ରୀଡ଼ା ଶିକ୍ଷକ ଶେଖ୍ ବର୍କତୁଲା, ସନ୍ତୋଷ କୁମାର ଆଚାର୍ଯ୍ୟ, ଅଧ୍ୟାପିକା ଅନସୂୟା ଲେଙ୍କା, ନିଶାରାଣୀ ଦାସ, ସୁବାସିନୀ ଦାସ, ସତ୍ୟଜିତ୍ ଜେନା, ଦୁର୍ଯ୍ୟୋଧନ ଜେନା, ଆଲୋକ କୁମାର ସାହୁ ଓ ରୂପେଶ କୁମାର ନାୟକ ପରିଚାଳନା କରିଥିଲେ।

**କାର୍ ଚଢ଼ାଇ ଲୁନା ଚାଳକଙ୍କୁ ମାରି ଦେବା ଘଟଣା**

## ଦୁର୍ଘଟଣା ଘଟାଇଥିବା ଯୁବକ ଗିରଫ

ପାରାଦୀପ, ୧୭।୧ (ସମିସ): ଗତ ୧୪ ତାରିଖ ରାତିରେ ପାରାଦୀପ ଶିଶୁମନ୍ଦିର ନିକଟରେ ଘଟିଥିବା ଲୋମହର୍ଷଣକାରୀ ଛାତିଥରା ଦୁର୍ଘଟଣାର ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି ପାରାଦୀପ ଆଦର୍ଶ ଥାନା ପୁଲିସ। ଅଭିଯୁକ୍ତ ଜଣଙ୍କ ନିଶାଶକ୍ତ ଅବସ୍ଥାରେ ଦ୍ରୁତ ଗତିରେ ଗାଡ଼ି ଚଳାଇ ଜଣେ ନିରୀହ ଲୁନା ଚାଳକ ଷଣ୍ଢକୁଦ ଅଞ୍ଚଳର ଅଜୟ କରଣକୁ ହତ୍ୟା କରିଥିଲା। ଏପରି କି ଦୁର୍ଘଟଣା ପରେ ଅଭିଯୁକ୍ତ ଘଟଣାସ୍ଥଳରେ ସମସ୍ତଙ୍କୁ ଗାଳି ଦେବା ସହ ଏବଂ 'ମୋ ଗାଡ଼ି ମୁଁ ଆକ୍ସିଡେଣ୍ଟ କରିଛି, ତୁମେ କହିବାକୁ କିଏ ବୋଲି ଜୋରରେ କହିବୁଲିଥିଲା'। ଦୁର୍ଘଟଣାରେ ମୃତ ଲୁନା ଚାଳକକୁ ଅଭିଯୁକ୍ତ ନିଶାଗ୍ରସ୍ତ ଅବସ୍ଥାରେ ସେ ଚୁମ୍ବନ ଦେଇଥିଲା। ଏପରି ଘଟଣା ପରେ ସେ ଫେରାର ହୋଇଯାଇଥିଲା। ଏହିଭଳି କାଣ୍ଡ କରିଥିବା ଯୁବକ ଏକ ନିର୍ଦ୍ଦିଷ୍ଟ ଦଳର ରାଜନୈତିକ ପରିବାରର ହୋଇଥିବାରୁ କେସ୍‌କୁ ରଫାଦଫା ହୋଇଯିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର ଧରିଥିଲା। ପୁଲିସ୍ ମଧ୍ୟ ଘଟଣା ପରେ ଏକ ଅଦୃଶ୍ୟ ଚାପରେ ଚୁପ୍ ବସିଯାଇଥିଲା। ଏହି ଘଟଣାକୁ ସମସ୍ତ ମହଲରୁ ବିରୋଧ କରାଯିବା ସହିତ ଅଭିଯୁକ୍ତ ଯୁବକକୁ ଗିରଫ କରିବାକୁ ଦାବି ଜୋର ଧରିଥିଲା। ଶେଷରେ ସବୁ ଦାବିର ପୂର୍ଣ୍ଣଚ୍ଛେଦ ପକାଇଛି ଆଦର୍ଶ ଥାନା ପୁଲିସ। ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକଙ୍କ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତକୁ କଟକରୁ ଗିରଫ କରିଥିବା ଜଣାପଡିଛି। ତେବେ ଏ ମାମଲାରେ ଅଭିଯୁକ୍ତକୁ କିଭଳି ଦଣ୍ଡ ମିଳୁଛି ଏବଂ ମୃତକକ ପରିବାରକୁ କି କ୍ଷତିପୂରଣ ମିଳୁଛି ତାହା ଦେଖିବାକୁ ବାକି ରହିଲା।

**ପୁସ୍ତକମେଳାରେ ଶ୍ରୀମଦ୍ ଭଗବଦ ଗୀତା ଆଲୋଚନା**

# 'ଯୁବକମାନେ କେବଳ ବୃତ୍ତି ମନସ୍କ ନ ହୋଇ ତୃପ୍ତି ମନସ୍କ ହେବା ଉଚିତ'

ଜଗତସିଂହପୁର,୧୭।୧(ସମିସ)




ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆରେ ଚାଲିଥିବା ଜଗତସିଂହପୁର ପୁସ୍ତକ ମେଳାର ଆଜି ଥିଲା ତୃତୀୟ ଦିବସ। ଏହି ଅବସରରେ ଆୟୋଜିତ ସାନ୍ଧ୍ୟ ସାହିତ୍ୟ ଆସରରେ ପରିଷଦର ଉପାଧ୍ୟକ୍ଷ ବିଜୟ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ। ଆଜିର ଆସରର ବିଷୟ ବସ୍ତୁଥିଲା "ଶ୍ରୀମଦ୍ ଭଗବଦ୍ ଗୀତା ଓ ଯୁବପିଢ଼ି'। ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜ ସଂସ୍କାରକ, ପ୍ରବଚକ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜା କହିଥିଲେ ଶ୍ରୀମଦ୍ ଭଗବଦ୍ ଗୀତା ହେଉଛି ମନୁଷ୍ୟ ଜୀବନର ବେଦ। ମନୁଷ୍ୟ ଜୀବନଯାପନର ସମସ୍ତ ସୂତ୍ର ଗୀତାରେ କୁହାଯାଇଛି। ଗୀତା ଆମକୁ ଜାଗ୍ରତ ହେବା ପାଇଁ କୁହେ ଯେପରି ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିଲେ। ସେ ଏହି ଅବସରରେ ଆଜିର ଯୁବପିଢ଼ିକୁ ଆଧାତ୍ମିକ ମନସ୍କ ହେବା ପାଇଁ ଆହ୍ୱାନ ଦେଇଥିଲେ।

ଅନ୍ୟତମ ସମ୍ମାନିତ ଅତିଥି ଜଳେଶ୍ୱର ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ଯୋଗଦେଇ କର୍ମରୁ ସନ୍ୟାସ ନେବା ପରିବର୍ତ୍ତେ କର୍ମ ସହିତ ସଂଯୁକ୍ତ ହୋଇ ରହିବା ଉଚିତ୍ ବୋଲି କହିଥିଲେ। ଯୁବକମାନେ କେବଳ ବୃତ୍ତି ମନସ୍କ ନ ହୋଇ ତୃପ୍ତି ମନସ୍କ ମଧ୍ୟ ହେବା ଉଚିତ୍ ବୋଲି ସେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଆଧାତ୍ମିକବାଦୀ ପ୍ରବକ୍ତା ସ୍ୱାମୀ ଶ୍ରୁତିସାଗରାନନ୍ଦ ସରସ୍ୱତୀ କହିଥିଲେ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ଭଗବଦ୍ ଗୀତାକୁ ପାଠ କରିବା ଓ ତାର ଅର୍ଥକୁ ନିଜର ଜୀବନରେ ଲଗାଇବା ବ୍ୟବସ୍ଥା କରାଇଲେ ଏକ ଶୃଙ୍ଖଳିତ ସମାଜ ଗଠନରେ ସହାୟକ ହେବ।

ସେହିପରି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ପରିଷଦର କାର୍ଯ୍ୟକର୍ତ୍ତା ଓ ସଦସ୍ୟ ମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରାରମ୍ଭରେ ପ୍ରକାଶ କୁମାର ପାତ୍ର ଓ ଅରୋଶ୍ରୀ ଅଂଶୁମାନ ନାୟକ ଗୀତା ପାଠ କରିଥିବା ବେଳେ ପରିଷଦର କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟବ୍ରତ ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଜିର ଆସରକୁ ବିଶିଷ୍ଟ ଶିକ୍ଷାବିତ୍ ଭବାନୀ ଶଙ୍କର ଦାଶଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା। ଏହି ଅବସରରେ କବି ଭାନୁଦେବ ବିଶ୍ୱାଳଙ୍କ କବିତା ସଂକଳନ "ମଲ୍ଲୀ ମହ୍ଲାର' ଉନ୍ମୋଚିତ ହୋଇଥିଲା। ପରିଶେଷରେ ପରିଷଦର କାର୍ଯ୍ୟକାରିଣୀ ସଦସ୍ୟ ଦୁର୍ଯ୍ୟୋଧନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

ପୂର୍ବାହ୍ନରେ ସାହିତ୍ୟ ଅନୁଷ୍ଠାନ "ସରିତା ସାହିତ୍ୟ ସଂସଦ', ତାଳଦଣ୍ଡା, କୁଜଙ୍ଗ ପକ୍ଷରୁ କବିତା ପାଠୋତ୍ସବ ଆୟୋଜିତ ହୋଇଥିବା ବେଳେ ଅପରାହ୍ନରେ ମହିମା କଲେଜ୍ ଅଫ୍ ନର୍ସିଂ, ଜଗତ ସିଂହପୁର ପ୍ରାୟୋଜିତ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ବିଦ୍ୟାଳୟ ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କ ସହିତ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ପକ୍ଷରୁ ଖୋର୍ଦ୍ଧାର ଅନିତା ରାଉତରାୟ ଓ ସାଥିଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦଘୋଷକ ଭାବେ ରାଜେଶ୍ ରାୟ ଓ ଯାଜ୍ଞସେନୀ ନାୟକ ସଂଯୋଜନା କରିଥିଲେ।

**ଦୁର୍ଗା ମନ୍ଦିରରୁ ଦାନବକ୍ସ ଭାଙ୍ଗି ଚୋରି ଘଟଣା**

## ଲୁଟ୍ କରିଥିବା ନାବାଳକ ଧରାପଡ଼ିଲା

ପାରାଦୀପ, ୧୭।୧ (ସମିସ): ପାରାଦୀପ ବଡ଼ପଡ଼ିଆରେ ଥିବା ଦୁର୍ଗା ମନ୍ଦିର ହୁଣ୍ଡିରୁ ଚୋରି କରିଥିବା ଜଣେ ନାବାଳକକୁ ଆଜି କିଛି ବ୍ୟବସାୟୀ ମନ୍ଦିର ହତା ଭିତରେ ଅଟକାଇ ଥିଲେ। ନାବାଳକ ଜଣକ ପାରାଦୀପ ଅଞ୍ଚଳରେ ରହୁଥିବା ବେଳେ ସେ ପ୍ରତ୍ୟକ ଦିନ ଦିନ ବେଳା ବଡପଡ଼ିଆ ଅଞ୍ଚଳ ବୁଲି ରାତିରେ ଚୋରି କରିଥାଏ। ଗତ ୧୨ ତାରିଖ ଦିନ ବିଳମ୍ବିତ ରାତିରେ ମନ୍ଦିର ଭିତରେ ପଶି ମା'ଙ୍କ ଦାନବକ୍ସ ଭାଙ୍ଗି ସବୁତକ ଟଙ୍କା ଲୁଟ କରି ନେଇ ପଳାଇଥିଲା। ତେବେ ଏହି ଚୋରିର ସମସ୍ତ ଚିତ୍ର ସିସିଟିଭିରେ ଉତ୍ତୋଳନ ହୋଇ ରହିବା ପରେ ଆଜି ସେହି ନାବାଳକ ଜଣକ ମନ୍ଦିର ନିକଟରେ ବୁଲୁଥିବା ବେଳେ କିଛି ବ୍ୟବସାୟୀ ତାକୁ ଚିହ୍ନିବା ସହିତ ମାଡି ବସିଥିଲେ। ଚୋରିର ସମସ୍ତ ଘଟଣା ସମ୍ପର୍କରେ ସେ ସତମାନିବା ପରେ ଥାନା ଜିମା ଦେଇଥିଲେ। ପୂର୍ବରୁ ଉକ୍ତ ନାବାଳକ ଜଣକ ଅନ୍ୟ ଏକ ଦୋକାନରୁ ଚୋରି କରି ଜେଲ ମଧ୍ୟ ଯାଇଥିଲା। ଜେଲରୁ ଫେରିବା ପରେ ପୁଣି ସେହି ଚୋରି ନୀତିକୁ ଆପଣେଇଥିବା ଜଣାପଡିଛି।

## ଶ୍ରୀରାମଙ୍କ ଧନୁ ପରିକ୍ରମା ରଥକୁ ସମ୍ବର୍ଦ୍ଧନା

ତିର୍ତ୍ତୋଲ, ୧୭।୧(ସମିସ): ଶ୍ରୀରାମଙ୍କ ସୁବର୍ଣ୍ଣ ଧନୁ ପରିକ୍ରମା ରଥକୁ ତିର୍ତ୍ତୋଲର ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ରଥ କଟକ- ପାରାଦୀପ ରାସ୍ତାର ତିର୍ତ୍ତୋଲ ନେହରୁ ପଡିଆଠାରେ ପହଞ୍ଚିବା ପରେ ତିର୍ତ୍ତୋଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଗୁରୁଜୀ ଅରୁଣକାନ୍ତ ସାମନ୍ତରାୟ ଓ ଯୋଗ ଗୁରୁ ଡ. ସ୍ମୃତି ରଞ୍ଜନ ରାୟଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଗୁରୁମା'ମାନେ ଶ୍ରୀରାମ ଧନୁ ପରିକ୍ରମା ରଥକୁ ବନ୍ଦାପନା କରି ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ସେହିପରି ଝଙ୍କଡ଼ ସାରଳା ପୀଠରେ ରଜନୀକାନ୍ତ ରାଉଳଙ୍କ ତତ୍ତ୍ୱାବଧାନରେ ଏହି ରଥକୁ ପୂଜାର୍ଚ୍ଚନା ଓ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ କରସେବକ ଭାବେ ଅଯୋଧା ଆନ୍ଦୋଳନରେ ସାମିଲ ହୋଇଥିବା ଗୋବିନ୍ଦପୁର ଗ୍ରାମର ନିରଞ୍ଜନ ଦାସଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ବିଭୁ ଭାଇ, ତ୍ରିପତି ଆଚାର୍ଯ୍ୟ, ଚୌ. ବିଜୟ ସୁତାର, ଚିଣ୍ଟୁ ମହାପାତ୍ର, ଯଦୁମଣି ସାହୁଙ୍କ ସମେତ ବିଭିନ୍ନ ହିନ୍ଦୁ ସଙ୍ଗଠନର ବହୁ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

## ସାହିତ୍ୟ ସଂସ୍କୃତି ପରିଷଦର ବୈଠକ



ବିରିଡ଼ି,୧୭।୧(ସମିସ): ବିରିଡି ବ୍ଲକ ଅଞ୍ଚଳରେ ନୂତନ ଭାବେ ଗଢି ଉଠିଥିବା 'ମୋ ଜୀବନ ସାହିତ୍ୟ ସଂସ୍କୃତି ପରିଷଦ'ର ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ନିକୁଞ୍ଜ ବିହାରୀ ଭଞ୍ଜଙ୍କ ପୌରୋହିତରେ ଅନୁଷ୍ଠିତ ବୈଠକରେ ସାହିତ୍ୟ ଅନୁରାଗୀ ଲିଙ୍ଗରାଜ ମଲ୍ଲ, ବାଗ୍ମୀ ଅରୁଣ କୁମାର ଦାସ, ଶ୍ୟାମସୁନ୍ଦର ପାଇକରାୟ, ଗୋବିନ୍ଦ ଓଝା, ପ୍ରଶାନ୍ତ ଦାସ, ଶିବପ୍ରସାଦ ଦାସ, ଆମଲେନ୍ଦୁ ମହାପାତ୍ର, ରବି ମହାନ୍ତି, ଏସ୍‌କେ କଲିମ, ପତିତପାବନ ଜେନା, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ତଦାଶା ପ୍ରିୟଦର୍ଶିନୀ ଓ ଅନ୍ୟମାନେ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ବସନ୍ତ କୁମାର ବେହେରା ପୂର୍ବ ବୈଠକର ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଏନ୍‌ଏସ୍‌ଏସ୍ ଶୀତକାଳୀନ ଶିବିର ଉଦ୍‌ଘାଟିତ

କୁଜଙ୍ଗ,୧୬।୧(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ବଗଦିଆ ଗ୍ରାମପଞ୍ଚାୟତର ଝିମାଣି ଗ୍ରାମରେ ଅବସ୍ଥିତ ନାରାୟଣ ବୀରବର ସାମନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନାର ଏକ ସ୍ୱତନ୍ତ୍ର ସାତଦିନିଆ ଶୀତକାଳୀନ ଶିବିର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ରୟତ ସାହିଠାରେ ଆୟୋଜିତ ଏହି ଶିବିରକୁ ଅଧ୍ୟକ୍ଷା ଡ. ବନପ୍ରଭା ପରିଡ଼ା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଆଜି ଠାରୁ ଆରମ୍ଭ ହୋଇଥିବା ଏହି ଶିବିର ଆସନ୍ତା ୨୨ରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ସଂସ୍ଥାର ୫୦ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମ ଅଧିକାରୀ ପ୍ରକାଶ କୁମାର ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହେଉଛି। ଉଦ୍‌ଘାଟନୀ ଉତ୍ସବରେ ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ଡ. କିଶୋର କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ଉତ୍ତମ ଚରିତ୍ର ଗଠନ, ଶୃଙ୍ଖଳିତ ଜୀବନ ଓ ସମାଜସେବା ପ୍ରତି ନିଷ୍ଠାବାନ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ପିଓ ଅଧ୍ୟାପକ ପ୍ରଦୀପ୍ତ କୁମାର ସାମଲ ଓ ବିଜୟ କେତନ ସେଠୀ ଯୋଗଦେଇ ସ୍ୱେଚ୍ଛାସେବୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ସୌଦାମିନୀ କର, ସୁଷମା ମହାପାତ୍ର, ସୁଶ୍ରୀ କୁସୁମ ମାଝୀ, ଅଧ୍ୟାପକ ସୁବାସ ଚନ୍ଦ୍ର ପଣ୍ଡା, ପବିତ୍ର କିଶୋର ପରିଡ଼ା, ଅଶ୍ୱନୀ କୁମାର ବେହେରା, ପ୍ରଶାନ୍ତ କୁମାର ସାହୁ, ବିକାଶ ମହାପାତ୍ର, କୈଳାଶ ଦାସ, ଆଜୟ ପଲାଇ, ହରେକୃଷ୍ଣ ନାୟକ, ପ୍ରସନ୍ନ ସ୍ୱାଇଁ, ପ୍ରୀତି ରଞ୍ଜନ ଦାସ ଓ ପିଙ୍କି ଓଝା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସେଣ୍ଟ ଜାଭିୟର୍ସ ସ୍କୁଲ କ୍ରୀଡ଼ା ଉତ୍ସବ



ତିର୍ତ୍ତୋଲ,୧୭।୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମୂଲିସିଂ ସ୍ଥିତ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାର ପୁରସ୍କାର ବିତରଣ ଉତ୍ସବ ଓ ବିଜ୍ଞାନ ପ୍ରଦର୍ଶନୀ ଉଦଘାଘଟିତ ହୋଇଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶକ ବିକ୍ରମ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ବିଜେପି ନେତା ଆଇନଜୀବୀ ରାଜ କିଶୋର ବେହେରା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ଭାବେ ଗଢି ତୋଳିବା ପାଇଁ ଅଭିଭାବକମାନଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଜଗତସିଂହପୁର ସାରସ୍ୱତ ପରିଷଦ ସଭାପତି ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ ପ୍ରତିଯୋଗିତା ହିଁ ସଫଳତାର ବାଟ ଦେଖିଆଇଥାଏ। ଦୃଢ଼ ଇଚ୍ଛାଶକ୍ତି, ଅଧ୍ୟବସାୟ ଓ ନିରନ୍ତର ଅଭ୍ୟାସ ଦ୍ୱାରା ଛାତ୍ରଛାତ୍ରୀ ସଫଳତା ପାଇ ପାରିବେ ବୋଲି କହିଥିଲେ। ସମ୍ମାନୀତ ଅତିଥି ଇଂ. ମାଧବେନ୍ଦ୍ର ଗୋଚ୍ଛାୟତ, ସ୍ଥାନୀୟ ସରପଞ୍ଚ ସାଫି ଅଜମ, ସାରଳା ମଣ୍ଡଳ ବିଜେପି ସଭାପତି ଶୁଭ୍ରକାନ୍ତ ରଣା ଯୋଗ ଦେଇ ପରିବେଶକୁ ସ୍ୱଚ୍ଛ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିଥିମାନେ ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ଓ କପ୍ ପ୍ରଦାନ କରି ପୁରସ୍କୃତ କରିଥିଲେ। ଏଥିସହ ଛାତ୍ରଛାତ୍ରୀଙ୍କ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ବୁଲି ଦେଖିବା ସହ ପ୍ରକଳ୍ପ ସଂପର୍କରେ ପ୍ରଶ୍ନ ପଚାରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ଅଶୋକ ବେହେରା, ଶିକ୍ଷୟିତ୍ରୀ ସୁଦେଷ୍ଣା ଦାସ, ମୋନାଲିସା ଭଟ୍ଟ, ପ୍ରିୟଙ୍କା ପ୍ରିୟଦର୍ଶିନୀ ମଣ୍ଡଳ, ମିନତୀ ଦାସ, ପ୍ରିୟଙ୍କା ସେଠୀ, ସନ୍ଧ୍ୟାରାଣୀ ସାସମଲ, ଯସ୍ମିନ ବେହେରା, ପ୍ରମୁଖ ସହଯୋଗ କରିଥିଲେ।

## ବିଷ୍ଣୁଚରଣ ପରିଡ଼ାଙ୍କ ସ୍ମୃତିରେ ଭଜନ ସନ୍ଧ୍ୟା

କୁଜଙ୍ଗ,୧୭।୧(ସମିସ): କୁଜଙ୍ଗ ବ୍ଲକ୍ ବିଶ୍ୱାଳୀ ଗ୍ରାମର ବିଷ୍ଣୁ ଚରଣ ପରିଡ଼ାଙ୍କ ଦ୍ୱାଦଶାହ ସ୍ମୃତିଚାରଣ ସଭା ବିଶ୍ୱାଳୀ ଯାତ୍ରା ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ ପୂର୍ବତନ ସାଂସଦ ଡା. କୁଳମଣୀ ସାମଲ, ଇଂ.ଅତନୁ ସାମନ୍ତ, ପ୍ରଶାସକ ଅରୁଣ କୁମାର ବିଶ୍ୱାଳ, ପୂର୍ବତନ ସରପଞ୍ଚ କରୁଣାକର ପଟ୍ଟନାୟକ, ପରିବେଶବିତ ଅମରେଶ ନରେଶ ସାମନ୍ତ, ଅଶୋକ କୁମାର ମାଝୀ, ସ୍ଥାନୀୟ ସରପଞ୍ଚ ମନୋରମା ମଲ୍ଲ, ସମିତିସଭ୍ୟା ସତ୍ୟଭାମା ସାମଲ, ଯୁବ ସମାଜସେବୀ ମାନଭଞ୍ଜନ ମଲ୍ଲ, ଧୀରେନ୍ଦ୍ର ଦାସ, ପ୍ରଫୁଲ୍ଲ କୁମାର ପରିଡା, ଶରତ କୁମାର ଜେନା, ଇଂ.ଚନ୍ଦ୍ରକାନ୍ତ ସାମଲ, ଅଜୟ ବେହେରା, ମଥୁରାନନ୍ଦ ତରାଇ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଇଂ. ବିପିନ କୁମାର ପରିଡା ପିତାଙ୍କ ସ୍ମୃତିଚାରଣ କରିବା ସହିତ ଡ଼ନ୍ୟବାଦ ପ୍ରଦାନ କରିଥିଲେ। ତପନ କୁମାର ପରିଡା, ରମଣ ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏନ୍‌ଏସି ବାଳିକା ଉଚ୍ଚ ବିଦ୍ୟାଳୟରେ ଯୁବ ଦିବସ

ଜଗତସିଂହପୁର,୧୭।୧(ସମିସ)




ସ୍ୱାମୀ ବିବେକାନନ୍ଦ ଲୋକସଂସଦ, ଜଗତସିଂହପୁର ଜିଲ୍ଲା ଶାଖାର ଯୁବ ବିଭାଗ ଆନୁକୂଲ୍ୟରେ ପାରାଦୀପସ୍ଥିତ ଏନ୍‌ଏସି ବାଳିକା ଉଚ୍ଚ ବିଦ୍ୟାଳୟରେ ପାରାଦୀପ ପୌରାଞ୍ଚଳ ପାଇଁ ଜାତୀୟ ଯୁବଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଦିପ୍ତୀମୟୀ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ବରିଷ୍ଠ ବିଜ୍ଞାନ ଶିକ୍ଷକ ତଥା ସଂସଦର ଆଜୀବନ ସଦସ୍ୟ ପ୍ରକୃତିବନ୍ଧୁ ରୋହିତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏନ୍‌ଏସି ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସୂର୍ଯ୍ୟକାନ୍ତ ଶତପଥୀ, ପୂର୍ବତନ କାଉନସିଲର ଝାଡ଼େଶ୍ୱର ମାନା, ସଂସଦର ବିଚାରଧାରା ବିଭାଗର ଅଧ୍ୟକ୍ଷ ଲାଲା ସଂଗ୍ରାମ କେଶରୀ ରାୟ ଓ ଉତ୍କଳ କଳା ସଂସ୍କୃତି ବିଭାଗର ଅଧ୍ୟକ୍ଷ ଦେବର୍ଷି ମହାନ୍ତି, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଶରତ ଚନ୍ଦ୍ର ରାଉତ ଏବଂ ମୁଖ୍ୟ ଅତିଥି ଭାବେ ଓଡିଶା ପୂର୍ବସମ୍ଭାଗ (ପରିବେଶ ବିଭାଗ)ର ସଂଯୋଜକ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଚଳିତ ବର୍ଷର ବିଷୟ ବସ୍ତୁ 'ନିଜକୁ ପ୍ରଜ୍ୱଳିତ କରି ସମଗ୍ର ବିଶ୍ୱକୁ ଶକ୍ତି ପ୍ରଦାନ କରିବା' ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପୌରାଞ୍ଚଳରେ ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ରୁଦ୍ରନାରାୟଣ ସାହୁ ପ୍ରଥମ, ଦିବ୍ୟଲକ୍ଷ୍ମୀ ପରିଡା ଦ୍ୱିତୀୟ, ଆଶାମାଥା ତୃତୀୟ ଓ ନନ୍ଦିନୀ ରାୟ ସାନ୍ତ୍ୱନାମୂଳକ ପୁରସ୍କାର ଓ ପ୍ରମାଣପତ୍ର ଗ୍ରହଣ କରିଥିବା ବେଳେ କନିଷ୍ଠ ବିଭାଗରେ ଶୁଭଶ୍ରୀ ବାରିକ ପ୍ରଥମ, ତେଜସ୍ୱିନୀ ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରି ମଧ୍ୟ ପୁରସ୍କୃତ ହୋଇଥିଲେ। ଶେଷରେ ଶିକ୍ଷକ ଜିତେନ୍ଦ୍ର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅରୁପ ବିଶ୍ୱାଳ, ଶିକ୍ଷୟିତ୍ରୀ ଏଲିନା ଶବର, ସୁଷମା ଦାସ, ମମତା ମହାନ୍ତି, ଗୀତାରାଣୀ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ଆନ୍ତରିକ ସହଯୋଗ କରିଥିଲେ।

## ଏବିଭିପି ତରଫରୁ ଛାତ୍ର ସମାବେଶ




ଜଗତସିଂହପୁର,୧୭।୧(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଜଗତସିଂହପୁର ଜିଲ୍ଲା ଶାଖା ତରଫରୁ ସ୍ଥାନୀୟ କଲେଜ ଛକରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ରାଷ୍ଟ୍ରୀୟ ଯୁବା ଦିବସ ଅବସରରେ ଏକ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯକ୍ରମରେ ମୁଖ୍ୟଅତିଥି ଭାବେ ଏବିଭିପିର ଉପ-ସଭାପତି ତ୍ରୈଲୋଚନ ଦାସ, ରାଜ୍ୟ ସହସମ୍ପାଦକ ରାଜକୁମାର ମିଶ୍ର, ଜଗତସିଂହପୁର ଜିଲ୍ଲା ସଂଯୋଜକ ତଥା ରାଜ୍ୟ ଏସ୍‌ଏଫଡି ସହ ସଂଯୋଜକ ସତ୍ୟପ୍ରକାଶ ମହାନ୍ତି, ଏବିଭିପି କେନ୍ଦ୍ରାପଡା ଜିଲ୍ଲା ସଂଯୋଜକ ତଥା ରାଜ୍ୟ ସିଡିଡି ସହ ସଂଯୋଜକ ଚିନ୍ମୟ ପ୍ରସାଦ ବାହାଲିୟା ଓ ଜଗତସିଂହପୁର ନଗର ସଭାପତି ସୁରେଶ କୁମାର ପଲେଇ ପ୍ରମୁଖ ଯୋଗ ଦେଇଥିଲେ। ଅପରିଚିତା ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଭିପିର ପୂର୍ବତନ ସହ ପ୍ରମୁଖ ଶଶାଙ୍କ ଶେଖର ପଣ୍ଡା, କେବି ପ୍ରିୟୋତୋଷ, ରିତେଶ ସିମନ, ରାଜପ୍ରସାଦ, ଆଶୁତୋଷ ଦର୍ଶନ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ସର୍ବଶେଷରେ କଟକ ବିଭାଗ ସଂଯୋଜକ ତଥା ରାଜ୍ୟ ଖେଲୋ ଭାରତ ସଂଯୋଜକ ଜ୍ୟୋତିରଞ୍ଜନ ପରିଡ଼ା ଧନ୍ୟବାଦ ଜ୍ଞାପନ କରିଥିଲେ।

## ଚୌଦ୍ୱାର ଜେଲ୍‌ରୁ ୨ ବିହାରୀ କଏଦୀ ଫେରାର୍ ଘଟଣା

# ଖସାଇ ଦେଇଥିଲେ ସିନିୟର ସୁପରିନଟେଣ୍ଡେଣ୍ଟ!

ଚୌଦ୍ୱାର, ୧୭ ।୧(ସମିସ): ବହୁଚର୍ଚ୍ଚିତ ଚୌଦ୍ୱାର ମଣ୍ଡଳ କାରାଗାରରୁ ୨ ବିହାରୀ କଏଦୀ ଫେରାର୍ ଘଟଣାରେ ଏବେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ଅଭିଯୁକ୍ତ ମଧୁକାନ୍ତ ଓ ରାଜା ସାହାଣୀଙ୍କୁ ଜାଣି ଶୁଣି ଖସାଇ ଦିଆଯାଇଥିଲା ଏବଂ ଏହା ପଛରେ ଜେଲ୍ ସିନିୟର୍ ସୁପରିଟେଣ୍ଡେଣ୍ଟ ସୁଜିତ କୁମାର ରାଉଳଙ୍କ ହାତ ରହିଛି ବୋଲି ସାଂଘାତିକ ଅଭିଯୋଗ ଆଣିଛନ୍ତି ତତ୍କାଳୀନ ଚୌଦ୍ୱାର ଜେଲର୍ ସନ୍ତୋଷିନୀ ଦାସ । ଏନେଇ ସେ ଚୌଦ୍ୱାର ଥାନାରେ ସୁଜିତଙ୍କ ନାଁରେ ଏତଲା ଦେଇଛନ୍ତି ।

ତାଙ୍କ ଅଭିଯୋଗ ଅନୁସାରେ, ବିହାରୀ କଏଦୀଙ୍କୁ ଖସାଇବାରେ ସୁଜିତଙ୍କର ବଡ଼ ଭୂମିକା ରହିଛି । କଏଦୀ ଫେରାର୍ ପରେ ଗେଟ୍ ଇନ୍-ଆଉଟ୍ ରେଜିଷ୍ଟର୍‌ରେ ସୁଜିତ ବଡ଼ ହେରଫେର୍ କରିଥିଲେ । ଏପରିକି, ତାଙ୍କ ବିନା ଅନୁମତିରେ ତାଙ୍କ ଦସ୍ତଖତ ଜାଲିଆତି କରି ତଦନ୍ତକୁ ଦିଗହରା କରିବାକୁ ସୁଜିତ ଉଦ୍ୟମ କରିଛନ୍ତି । ଗତ ଅକ୍ଟୋବର ୧, ୨ ଓ ୩ ତାରିଖ ଅଫିସିଆଲ ଗେଟ୍ ଇନ-ଆଉଟ୍ ରେଜିଷ୍ଟରରେ ଗଫଲତି କରାଯାଇଛି । ଜେଲ୍ ପରିସରରେ ସୁଜିତଙ୍କ ଉପସ୍ଥିତି ନେଇ ରେଜିଷ୍ଟରରେ ଏପଟ ସେପଟ କରାଯାଇଛି । ୨୦୨୫ ଅକ୍ଟୋବର ୨ତାରିଖରେ ସୁଜିତ ବ୍ୟକ୍ତିଗତ କାମରେ ଖୋର୍ଦ୍ଧା ଯାଇଥିଲେ ବୋଲି ଉଲ୍ଲେଖ କରିଥିଲେ; କିନ୍ତୁ ତାହା ସତ ନଥିଲା । ୩ ତାରିଖରେ ଦୁଇ କଏଦୀ ଫେରାର୍ ପରେ ଘଟଣା ସମ୍ପର୍କରେ ସବୁ ଜାଣି ମଧ ମାମଲାରୁ ଦୂରେଇ ରହିବାକୁ ରେଜିଷ୍ଟର୍‌ରେ ଜାଲିଆତି କରାଯାଇଥିବା ସନ୍ତୋଷିନୀ ଏତଲାରେ ଦର୍ଶାଇଛନ୍ତି । ସୁଜିତଙ୍କ ଆଚରଣ ଅତି ସନ୍ଦେହଜନକ ରହିଥିଲା । କଏଦୀ ଫେରାର ଘଟଣା ପଛରେ ସୁଜିତଙ୍କ ଷଡ଼ଯନ୍ତ୍ର, ପ୍ରମାଣ ନଷ୍ଟ କରିବାର ଅନେକ ତଥ୍ୟ ରହିଛି । ପୁଲିସ ଅଫିସିଆଲ୍ ରେକର୍ଡକୁ ଯାଞ୍ଚ ପରିସରଭୁକ୍ତ କରି ତାଙ୍କ ଦସ୍ତଖତର ଫରେନସିକ୍ ଯାଞ୍ଚ କରିବାକୁ ସେ ଏତଲାରେ ଦର୍ଶାଇଛନ୍ତି । ଏହାସହ ଅକ୍ଟୋବର ୧,୨ ଓ ୩ ତାରିଖର ମେନ୍ ଗେଟ୍ ସିସିଟିଭି ଫୁଟେଜକୁ ତଦନ୍ତ ପରିସରଭୁକ୍ତ କରିବାକୁ ସେ ଦାବି କରିଛନ୍ତି । ଏନେଇ ଚୌଦ୍ୱାର ଥାନା ଅଧିକାରୀ ରଜନୀକାନ୍ତ ଦାସଙ୍କୁ ଯୋଗାଯୋଗ କରିବାରେ ଘଟଣା ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଦେଇନଥିଲେ ।

**ଥାନାରେ ଅଭିଯୋଗ କଲେ ଜେଲର୍**

ସୂଚନାଯୋଗ୍ୟ, ଗତ ଅକ୍ଟୋବର ୨ ତାରିଖ ରାତିରେ ୨ ବିହାରୀ କଏଦୀ ତଥା ଦୁର୍ଦ୍ଧାନ୍ତ ଅପରାଧୀ ମଧୁକାନ୍ତ ରାଣା ଓ ରାଜା ସାହାଣୀ ଫେରାର ହୋଇଯାଇଥିଲେ । ସେମାନେ ୨୦୨୫ ଜାନୁଆରୀ ୪ ତାରିଖରେ ପାଣିକୋଇଲିର ପଣ୍ଡା ଅଳଙ୍କାରରୁ ଲୁଟ୍ ମାମଲାରେ ଧରାପଡ଼ିଥିଲେ । ଦିନ ଦ୍ୱିପ୍ରହରରେ ସେମାନେ ପାଣିକୋଇଲି ବଜାରରେ ଅଳଙ୍କାର ଦୋକାନୀଙ୍କ ଉପରକୁ ଗୁଳି କରି ଅଳଙ୍କାର ବ୍ୟାଗ୍ ଧରି ଚମ୍ପଟ ମାରିଥିଲେ । ଏହି କଏଦୀ ଫେରାର୍ ଘଟଣାରେ ତତ୍କାଳୀନ ଜେଲର୍ ସନ୍ତୋଷିନୀଙ୍କ ସହ ଜଣେ ଚିଫ୍- ୱାର୍ଡର୍ ଓ ଅନ୍ୟ ଜଣେ ୱାର୍ଡର୍‌ଙ୍କୁ ନିଲମ୍ବନ କରାଯାଇଥିଲା । ଆଜି ସନ୍ତୋଷିନୀଙ୍କ ଏଭଳି ଅଭିଯୋଗ ପରେ ଘଟଣା ନୂଆ ମୋଡ଼ ନେଇଛି ।

## ବଡ଼ଭାଇର ମାଡ଼ରେ ସାନ ମୃତ

ତୁରୁମୁଙ୍ଗା, ୧୭।୧(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଡଲଙ୍ଗ ଗ୍ରାମରେ ବଡ଼ଭାଇର ମାଡ଼ରେ ସାନ ଭାଇର ମୃତ୍ୟୁ ହୋଇଛି । ମୃତକ ହେଲେ, ଜିତେନ୍ଦ୍ର ମହାନ୍ତ । ଶନିବାର ଅପରାହ୍ଣରେ ଦୁଇ ଭାଇଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା । ପରେ ଏହା ଉଗ୍ରରୂପ ନେଇଥିଲା । ବଡ଼ଭାଇ ସତ୍ୟାନନ୍ଦ ଏଥିରେ ଉତ୍‌କ୍ଷିପ୍ତ ହୋଇ ଜିତେନ୍ଦ୍ରଙ୍କୁ ପ୍ରାଣାନ୍ତକ ଆକ୍ରମଣ କରିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତୁରୁମୁଙ୍ଗା ପୁଲିସ, ଚମ୍ପୁଆ ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଅଭିଯୁକ୍ତ ସତ୍ୟାନନ୍ଦକୁ ପୁଲିସ ଅଟକ ରଖି ପଚରାଉଚରା ଚଳାଇଛି ।

# ପୁଣି ଡିଜେ ନେଲା ଜୀବନ

ତିଗିରିଆ, ୧୭ ।୧(ସମିସ): ପୁଣି ଡିଜେ ନେଲା ଜୀବନ । ତିଗିରିଆ ଥାନା ନୂଆପାଟଣା ବଜାରରେ ଗତ ରାତିରେ ଏପରି ଏକ ଅଘଟଣ ଘଟିଛି । ମୃତକ ହେଲେ, ସୁରେନ୍ଦ୍ରପାଟଣା ଗାଁର ଲକ୍ଷ୍ମୀଧର ଚାନ୍ଦ (୪୬) । ଶୁକ୍ରବାର ରାତିରେ ଲକ୍ଷ୍ମୀଧର ନୂଆପାଟଣା ବଜାରକୁ କୌଣସି କାମରେ ଆସିଥିଲେ । ସେହି ସମୟରେ ପ୍ରତିଷ୍ଠିତ ବ୍ୟବସାୟୀ ସାଉଣ୍ଡ ଆଣ୍ଡ ସାଉଣ୍ଡର ମାଲିକ ହେମନ୍ତ ସାହୁଙ୍କ ପୁଅ ବାହାଘର ଶୋଭାଯାତ୍ରା ଯାଉଥିଲା । ଶୋଭାଯାତ୍ରାରେ ବାଜୁଥିବା ଡିଜେର ଭାଇବ୍ରେଟର ଓ ସାଉଣ୍ଡ ଲକ୍ଷ୍ମୀଧରଙ୍କ ପାଇଁ ଅସହ୍ୟ ହୋଇପଡ଼ିଥିଲା । ହଠାତ୍ ତାଙ୍କ ଛାତିରେ ଯନ୍ତ୍ରଣା ହେବା ସହ ସେହିଠାରେ ହିଁ ସେ ଟଳି ପଡ଼ିଥିଲେ । ସ୍ଥାନୀୟ ଲୋକ ତାଙ୍କୁ ଆଠଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ଅପରପକ୍ଷେ ଏହି ଘଟଣାକୁ ନେଇ ଆଜି ଲକ୍ଷ୍ମୀଧରଙ୍କ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ସ୍ଥାନୀୟ ଲୋକଙ୍କ ସହ ପରିବାରଲୋକ ଲକ୍ଷ୍ମୀଧରଙ୍କ ଶବକୁ ଧରି ଖୁଣ୍ଟୁଣୀ-ନରସିଂହପୁର ୬୫ନଂ ରାଜ୍ୟ ରାଜପଥର ହାଟଛକ ନିକଟରେ ରାସ୍ତା ଅବରୋଧ କରିଥିଲେ । ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବା, ଡିଜେ ମାଲିକ ଓ ଡିଜେ ଭଡ଼ାରେ ଆଣିଥିବା ବ୍ୟବସାୟୀ ହେମନ୍ତ ସାହୁଙ୍କୁ ୨୪ଘଣ୍ଟା ମଧ୍ୟରେ ଗିରଫ ପାଇଁ ସେମାନେ ଦାବି କରିଥିଲେ । ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଖବର ପାଇ ତିଗିରିଆ ଥାନା ଭାରପ୍ରାପ୍ତ ଅଧିକାରୀ ଇପ୍ସିତା ପ୍ରିୟଦର୍ଶିନୀ, ଆଠଗଡ଼ ଏସ୍‌ଡିପିଓ ବିଶ୍ୱଜିତ ମହାନ୍ତି, ତିଗିରିଆ ତହସିଲଦାର ଅକ୍ଷୟ କୁମାର ପରିଡ଼ାଙ୍କ ସମେତ ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ସ୍ଥାନୀୟ ଜନପ୍ରତିନିଧି, ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିବିଶେଷ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ । ସ୍ଥାନୀୟ ପୁଲିସ ପକ୍ଷରୁ ଲିଖିତ ଭାବେ ଅବଗତ କରାଯିବା ପରେ ପରିବାରଲୋକେ ଓ ଆନ୍ଦୋଳନକାରୀ ରାସ୍ତାରୁ ଉଠିଥିଲେ ।



- ସରକାରଙ୍କ ନିର୍ଦ୍ଦେଶକୁ ଫୁ'
- ଖୋଲାଖୋଲି ନିୟମ ଉଲ୍ଲଂଘନ
- ବାହାଘର, ବ୍ରତଘରରେ ଛାତି ଥରାଉଛି ଡିଜେ
- କ୍ଷତିପୂରଣ ଦାବିରେ ଶବ ରଖି ରାସ୍ତାରୋକ

ସୂଚନାଯୋଗ୍ୟ, ରାଜ୍ୟ ସରକାର ଡିଜେକୁ ବ୍ୟାନ୍ କରିଥିଲେ ହେଁ ତାହା କେବଳ କାଗଜକଲମରେ ସୀମିତ ରହିଯାଇଥିବା ଅଭିଯୋଗ ହୋଇଛି । ତିଗିରିଆ ଅଞ୍ଚଳରେ ବିଭିନ୍ନ ବାହାଘର, ବ୍ରତଘର ତଥା ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଖୋଲାଖୋଲି ଡିଜେ ବାଜୁଛି । କିନ୍ତୁ ସ୍ଥାନୀୟ ପ୍ରଶାସନ ସବୁ ଦେଖି ନ ଦେଖିଲା ପରି ହେଉଛି । ପ୍ରଶାସନର ଏହି ଅଣଦେଖା ପାଇଁ ଗୋଟିଏ ଅମୂଲ୍ୟ ଜୀବନ ଚାଲିଗଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।

### ସୀମାନ୍ତରେ ପୁଲିସ-ମାଓବାଦୀ ଗୁଳିବିନିମୟ

# ମାଓନେତା ପାପା ରାଓ ସମେତ ୨ ମାଓବାଦୀ ନିହତ

ମାଲକାନଗିରି, ୧୭।୧(ସମିସ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଆଜି ପୁଲିସକୁ ଏକ ବଡ଼ ସଫଳତା ମିଳିଛି । ପୁଲିସ ଗୁଳିରେ ଦୁର୍ଦ୍ଧର୍ଷ ମାଓନେତା ପାପା ରାଓଙ୍କ ସମେତ ୨ ମାଓବାଦୀ ନିହତ ହୋଇଛନ୍ତି । ସେମାନଙ୍କଠାରୁ ଏକେ-୪୭ ବନ୍ଧୁକ ସମେତ କିଛି ମାଓ ସାମଗ୍ରୀ ଜବତ ହୋଇଛି । ପାପା ରାଓ ସହ କିଛି ମାଓବାଦୀ ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ବିଶେଷ ସୂତ୍ରରୁ ଖବର ପାଇ ପୁଲିସ ଏବଂ ଡିଆରଜି ଯବାନଙ୍କ ପକ୍ଷରୁ ଜାତୀୟ ଉଦ୍ୟାନରେ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା । ଯବାନଙ୍କୁ ଦେଖି ମାଓବାଦୀମାନେ ଅତର୍କିତ ଗୁଳି ଚଳାଇଥିଲେ । ପୁଲିସ ପକ୍ଷରୁ ମଧ୍ୟ ପାଲଟା ଜବାବ ଦିଆଯାଇଥିଲା । ଦୀର୍ଘ ସମୟ ଧରି ଗୁଳି ବିନିମୟ ହେବା ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ । ପରେ ସର୍ଚ୍ଚ ଅପରେସନ୍ ବେଳେ ଯବାନମାନେ ୨ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରିବା ସହ ଏକେ-୪୭ ବନ୍ଧୁକ ସହ କିଛି ମାଓ ସାମଗ୍ରୀ ଜବତ କରିଥିଲେ । ପରେ ଅଞ୍ଚଳରେ ତଲାସି ଅଭିଯାନକୁ ବ୍ୟାପକ କରିଦିଆଯାଇଛି ।

# ଆଜିଠାରୁ ହୀରାକୁଦ ପକ୍ଷୀଗଣନା ଆରମ୍ଭ

ସମ୍ବଲପୁର, ୧୭।୧ (ସମିସ): ଆସନ୍ତାକାଲି (ରବିବାର)ଠାରୁ ହୀରାକୁଦରେ ପକ୍ଷୀଗଣନା ଆରମ୍ଭ ହେବ । ପ୍ରତିବର୍ଷ ଭଳି ଆସନ୍ତା ୧୮ ରୁ ୨୧ ତାରିଖ ପର୍ଯ୍ୟନ୍ତ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଏହି ଗଣନା କରାଯିବ । ଗଣନା ସକାଶେ ୭୫୦ ବର୍ଗକିମି ବିଶିଷ୍ଟ ହୀରାକୁଦ ଜଳଭଣ୍ଡାର ଆଦ୍ରଭୂମି ଅଞ୍ଚଳକୁ ୨୧ଟି ସେକ୍ଟରରେ ଭାଗ କରାଯାଇଛି । ଏଥିରେ ୩୭ଜଣ ବିଶେଷଜ୍ଞ ଏବଂ ୪୦ଜଣ କ୍ଷେତ୍ର ଅଧିକାରୀ ନିୟୋଜିତ ହେବେ । ସମସ୍ତ ଗଣନାକାରୀ ୩୨ଟି ଦଳରେ ଭାଗ ହୋଇ ବିଭିନ୍ନ ସେକ୍ଟରରେ ପକ୍ଷୀ ଚିହ୍ନଟ ଓ ଗଣନା କରିବେ । ସକାଳ ୫ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଗଣନା ଚାଲିବ । ପ୍ରଥମଥର ପାଇଁ ଏଥର ପକ୍ଷୀ ଗଣନାକାରୀଙ୍କ ସହ ଆଖପାଖ ଗ୍ରାମର ସ୍କୁଲ ଓ କଲେଜର ୧୫ଜଣ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଇଥିବା ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି । ଆଜି ସମ୍ବଲପୁର ଚିଡ଼ିଆଖାନାରେ ଡିଏଫ୍‌ଓ ସୁଶ୍ରୀ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପକ୍ଷୀ ଗଣନା ଓ ଚିହ୍ନଟରେ ସାମିଲ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା ।

**ପ୍ରଥମଥର ପାଇଁ ସାମିଲ ହେବେ ସ୍କୁଲ, କଲେଜ ଛାତ୍ରଛାତ୍ରୀ**

**ଏନ୍‌ଟିସିଏର ନିର୍ଦ୍ଦେଶ**

# ବ୍ୟାଘ୍ର ଅଭୟାରଣ୍ୟରେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ଏସ୍‌ଓପି ପ୍ରଣୟନ କର

ବାରିପଦା, ୧୭ ।୧(ସମିସ): ଶିମିଳିପାଳ ସହ ଦେଶର ସମସ୍ତ ବ୍ୟାଘ୍ର ଅଭୟାରଣ୍ୟରେ କାର୍ଯ୍ୟରତ କର୍ମଚାରୀଙ୍କୁ ସ୍ୱତନ୍ତ୍ର ସୁବିଧା ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କୁ ବହୁବିଧ ଯୋଜନା ପ୍ରଣୟନ ସହ ଏସ୍‌ଓପି ପ୍ରସ୍ତୁତ କରିବାକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ ବା ଏନ୍‌ଟିସିଏ ନିର୍ଦ୍ଦେଶନାମା




ଜାରି କରିଛନ୍ତି । ଦେଶର ସମସ୍ତ ବ୍ୟାଘ୍ର ଅଭୟାରଣ୍ୟରେ କାର୍ଯ୍ୟରତ କ୍ଷେତ୍ର କର୍ମଚାରୀ ଓ ଅଧିକାରୀଙ୍କ ପାଇଁ ମୌଳିକ ସୁବିଧା, ସୁରକ୍ଷା ଓ କଲ୍ୟାଣ ବୃଦ୍ଧି ଉପରେ ଜୋର୍ ଦେଇଛନ୍ତି ଏନଟିସିଏ । ଭାରତ ସରକାରଙ୍କ ଅଧୀନ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ପକ୍ଷରୁ ୧୩ ତାରିଖରେ ଏହି ନିର୍ଦ୍ଦେଶାବଳୀ ସମସ୍ତ ବ୍ୟାଘ୍ର ଅଭୟାରଣ୍ୟର ମୁଖ୍ୟ ବନ୍ୟଜନ୍ତୁ ପାଳକଙ୍କୁ ପଠାଯାଇଛି । ସେଥିରେ ଉଲ୍ଲେଖ କରାଯାଇଛି ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କ୍ଷେତ୍ରୀୟ କର୍ମଚାରୀ ଓ ଅଫିସର୍‌ଙ୍କୁ ଆଉଟ୍‌ସୋର୍ସିଂ କରାଯିବ ନାହିଁ । କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ସରକାରୀ ଆବାସ, ସୁରକ୍ଷିତ ଆବଶ୍ୟକ ସୁବିଧା ଓ ଢାଞ୍ଚାଗତ ବିକାଶକୁ ରାଜ୍ୟ ସରକାର ପ୍ରାଥମିକତା ଦେବେ । ଶିମିଳିପାଳ ଭଳି ଟାଇଗର୍ ରିଜର୍ଭ କ୍ୟାମ୍ପରେ ସ୍ୱଚ୍ଛ ପାନୀୟ ଜଳ, ସୁରକ୍ଷିତ ଆବାସ, ଶୌଚାଳୟ ଓ ମହିଳା କର୍ମଚାରୀଙ୍କ ପାଇଁ ଅଲଗା ସୁବିଧା ବ୍ୟବସ୍ଥା କରିବାକୁ ଏଥିରେ କୁହାଯାଇଛି । ସେହିପରି ଦୂର ଅଞ୍ଚଳରେ କାର୍ଯ୍ୟରତ କର୍ମଚାରୀଙ୍କ ପରିବାର ପାଇଁ ସ୍କୁଲ, ଚିକିତ୍ସା ଓ ଅନ୍ୟାନ୍ୟ ସମସ୍ତ ସୁବିଧା ସୁନିଶ୍ଚିତ କରିବା ଉପରେ ମଧ ଜୋର୍ ଦିଆଯାଇଛି । ଏଥିସହ ଟାଇଗର୍ ରିଜର୍ଭରେ ପ୍ରାଣୀଧନ ଚିକିତ୍ସକ, ବନ୍ୟଜନ୍ତୁ ଜୀବବିଜ୍ଞାନୀ ଓ ସାମାଜିକ ବିଜ୍ଞାନୀଙ୍କ ପାଇଁ ଅଲଗା କ୍ୟାଡର୍ ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଛି । ବନ୍ୟଜନ୍ତୁ ସୁରକ୍ଷା ସମ୍ପର୍କିତ ଗବେଷଣା, ଟାଇଗର୍ ମନିଟରିଂ ଓ ଆବାସ ପରିଚାଳନାକୁ ଅଧିକ ଶକ୍ତିଶାଳୀ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଦର୍ଶାଯାଇଛି । ଡ୍ୟୁଟି ବେଳେ କୌଣସି କର୍ମଚାରୀଙ୍କ ଅକାଳ ମୃତ୍ୟୁ ଘଟିଲେ, ସେମାନଙ୍କ ପରିବାରକୁ ଯଥୋଚିତ ଅନୁଗ୍ରହ ରାଶି, ସାମାଜିକ ସୁରକ୍ଷା ଓ ଆୟୁଷ୍ମାନ ଭାରତ ଯୋଜନାର ଲାଭ ନିଶ୍ଚିତ କରିବାକୁ ମଧ ଏନ୍‌ଟିସିଏ ନିର୍ଦ୍ଦେଶ ଦେଇଛି । ଏହି ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ ହେଲେ ବାଘଙ୍କ ସୁରକ୍ଷା ସହ କ୍ଷେତ୍ରୀୟ କର୍ମଚାରୀଙ୍କ ମନୋବଳ ଓ କାର୍ଯ୍ୟ କ୍ଷମତା ବଢ଼ିବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି ।

# ସ୍କୁଲ ପରିସରରେ ୨ ଶିକ୍ଷୟିତ୍ରୀ ମାରପିଟ୍

ସମ୍ବଲପୁର, ୧୭।୧ (ସମିସ): ଛାତ୍ରଛାତ୍ରୀଙ୍କ ଆଗରେ ମାରପିଟ୍ ହୋଇ ଦୁଇ ଶିକ୍ଷୟିତ୍ରୀ ଲହୁଲୁହାଣ । ସମ୍ବଲପୁର ସହର ଉପକଣ୍ଠସ୍ଥିତ ବୁର୍ଲା କିର୍ବା ପ୍ରାଥମିକ ବିଦ୍ୟାଳୟରେ ଏଭଳି ଅଭାବନୀୟ ଘଟଣା ଘଟିଛି । ଏହାର ଏକ ଭିଡିଓ ଭାଇରାଲ ହେବା ପରେ ଅଭିଭାବକମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସ୍କୁଲ ପରିସରରେ ଏଭଳି ଘଟଣା ଛାତ୍ରଛାତ୍ରୀଙ୍କ ଉପରେ କୁ-ପ୍ରଭାବ ପକାଇବ ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି । ଅପରପକ୍ଷେ, ବ୍ଲକ୍ ଶିକ୍ଷାଧିକାରୀ (ବିଇଓ) ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

**ଭିଡିଓ ଭାଇରାଲ ପରେ ତଦନ୍ତ ନିର୍ଦ୍ଦେଶ**

ଜଣେ ସଫେଇ କର୍ମଚାରୀଙ୍କୁ ଟଙ୍କା ଦେବାକୁ ନେଇ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା । ପରେ ଏହା ଉଗ୍ରରୂପ ନେବାରୁ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା । ସ୍କୁଲ ପରିସରରେ ପରସ୍ପର ମାରପିଟ୍ ହୋଇ ଲହୁଲୁହାଣ ହୋଇଥିଲେ । ତେବେ ଏହାର ଏକ ଭିଡିଓ ଭାଇରାଲ ହେବା ପରେ ଏହା ପଦାକୁ ଆସିଛି ।ଆଜି ଧନକଉଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ କରନ ଶର୍ମା ଏହାର ତଦନ୍ତ କରି ତିନିଦିନ ମଧ୍ୟରେ ରିପୋର୍ଟ ଦେବାକୁ ବିଆର୍‌ସିସି ରମେଶ ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆଜି ବିଆର୍‌ସିସି ଯାଇ ଘଟଣାର ତଦନ୍ତ କରିଛନ୍ତି । ବିଇଓ କରନ ଶର୍ମା କହିଛନ୍ତି, ତଦନ୍ତ ରିପୋର୍ଟ ପାଇବାପରେ ନିୟମାନୁଯାୟୀ ଶିକ୍ଷୟିତ୍ରୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସୂଚନାନୁଯାୟୀ, ପ୍ରଧାନଶିକ୍ଷକ ଅବସର ଗ୍ରହଣ କରିବା ପରେ ଏବେ ସ୍କୁଲରେ ୩ ଶିକ୍ଷୟିତ୍ରୀ ଅଛନ୍ତି । ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୯୩ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି ।

## ୨୦୨୭ ଜାନୁଆରୀ-ଫେବୃଆରୀରେ ହେବ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ

# ମାର୍ଚ୍ଚ ସୁଦ୍ଧା ସରିବ ଭୋଟର ସର୍ଭେ

କଟକ,୧୭ ।୧(ସମିସ): ଆସନ୍ତା ୨୦୨୭ ଜାନୁଆରୀ-ଫେବୃଆରୀରେ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ । ଏଥିପାଇଁ ପ୍ରାକ୍-ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଆସନ୍ତା ମାର୍ଚ୍ଚ ସୁଦ୍ଧା ଭୋଟର୍ ସର୍ଭେ କାମ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ ସୂଚନା ଦେଇଛନ୍ତି । ଆଜି କଟକସ୍ଥିତ କେନ୍ଦ୍ରାଞ୍ଚଳ

### କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନ୍ ଅନ୍ତର୍ଗତ ଜିଲ୍ଲାପାଳ ସମ୍ମିଳନୀରେ ପ୍ରସ୍ତୁତି ସମୀକ୍ଷା

ରାଜସ୍ୱ ଡିଭିଜନ୍ କାର୍ଯ୍ୟାଳୟଠାରେ ସମୀକ୍ଷା କରିବା ଅବସରରେ ସେ ଗଣମାଧ୍ୟମକୁ ଏହା କହିଛନ୍ତି । ଏସ୍‌ଆଇଆର ସର୍ଭେ ଓ ଭୋଟର୍ ସର୍ଭେ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବା ବେଳେ ଜନଗଣନା କାର୍ଯ୍ୟ ପାଇଁ ଭୋଟର୍‌ଙ୍କ ସର୍ଭେ ସାମାନ୍ୟ ବିଳମ୍ବ ଘଟିପାରେ । ତେବେ ଭୋଟର୍‌ଙ୍କ ପାଖରେ ବୁଥ୍ କରିବା ଉଦ୍ଦେଶ୍ୟରେ ଆବଶ୍ୟକ ସ୍ଥଳେ ବୁଥ୍ ପୁନର୍ଗଠନ କରାଯାଇପାରେ ବୋଲି ସେ କହିଛନ୍ତି । ଆଗାମୀ ପଞ୍ଚାୟତ ଏବଂ ସହରାଞ୍ଚଳ ନିର୍ବାଚନ ନିମନ୍ତେ ନିର୍ଭୁଲ ଭୋଟର୍ ତାଲିକା ପ୍ରସ୍ତୁତି ଆଦି ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଅଧୀନ ୧୦ଟି



ଜିଲ୍ଲାର ଜିଲ୍ଲାପାଳମାନଙ୍କ ସମ୍ମିଳନୀ ଆଜି ପୂର୍ବାହ୍ନରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।

ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୁକ୍ତ ଶ୍ରୀ ପାଢ଼ୀ ଏଥିରେ ଯୋଗ ଦେଇ ଏକ ସ୍ୱଚ୍ଛ, ନିର୍ଭୁଲ ଭୋଟର୍ ତାଲିକା ପ୍ରସ୍ତୁତି ଦିଗରେ ବିବିଧ ପଦକ୍ଷେପ ଗ୍ରହଣ ସମ୍ପର୍କରେ ଆଲୋଚନା କରିଥିଲେ । ଘରକୁଘର ବୁଲି ସର୍ଭେ କରିବା, ମୃତ ଭୋଟର୍‌ଙ୍କ ନାମ ବାଦ ଦେବା ଉପରେ ଗୁରୁତ୍ୱାରୋପ କରିବା ସହ ଆଗାମୀ ନିର୍ବାଚନ ପ୍ରକ୍ରିୟାକୁ ସୁଚାରୁରୂପେ ସଂପାଦନ କରିବା ଦିଗରେ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ । ବାଲଟ୍ ବାକ୍ସର ବର୍ତ୍ତମାନର ସ୍ଥିତି ସମୀକ୍ଷା, ଗୋଟିଏ ସ୍ଥାନରେ ୫ଟିରୁ ଅଧିକ ବୁଥ୍ ନ ରଖିବା, ଅଧିକ ବୁଥ୍ ଥିବା ସ୍ଥାନକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବା, ବାଲଟ୍ କାଗଜ ପ୍ରିଣ୍ଟିଂ, ଉଭୟ ଭୋଟ୍ ଗଣତି କେନ୍ଦ୍ର ଚିହ୍ନଟ ସମସ୍ତ ବିଡିଓ ଏବଂ ନିର୍ବାଚନ ଅଧିକାରୀମାନଙ୍କ ଦ୍ୱାରା ସହରାଞ୍ଚଳ ପରିଷଦ ବୁଥ୍‌ଗୁଡ଼ିକର ନିରୁପଣ ଆଦି ଜରୁରୀ ବୋଲି ଶ୍ରୀ ପାଢ଼ୀ ଗୁରୁତ୍ୱାରୋପ କରିଥିଲେ ।

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର ଏଥିରେ ପୌରାହିତ୍ୟ କରି ଆଗାମୀ ୨୦୨୭ ତ୍ରିସ୍ତରୀୟ ପଞ୍ଚାୟତ ଏବଂ ସହରାଞ୍ଚଳ ପରିଷଦ ସାଧାରଣ ନିର୍ବାଚନ ପ୍ରକ୍ରିୟା ଅବାଧ, ମୁକ୍ତ ଏବଂ ନିରପେକ୍ଷ ଭାବେ ସମ୍ପାଦନ ଦିଗରେ ପରାମର୍ଶ ଦେଇଥିଲେ । ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ସଚିବ ସନ୍ତୋଷ ଦାସଙ୍କ ପକ୍ଷରୁ ଏ ସମ୍ପର୍କରେ ବିବିଧ ଗୁରୁତ୍ୱପୂର୍ଣ୍ଣ ସୂଚନା ପିପିଟି ମାଧ୍ୟମରେ ଉପସ୍ଥାପିତ କରାଯାଇଥିଲା । କଟକ, ଖୋର୍ଦ୍ଧା, ବାଲେଶ୍ୱର, ପୁରୀ କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ମୟୂରଭଞ୍ଜ, ନୟାଗଡ଼, ଯାଜପୁର ଜିଲ୍ଲାପାଳ ପ୍ରମୁଖ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ । ସେହିଭଳି ସମସ୍ତ ଅତିରିକ୍ତ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ ତଥା ନିର୍ବାଚନ ସହ ସଂପୃକ୍ତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।



## ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

XXVII-28

### ଘୋଷଣା

File No.6738/2025

ସର୍ବସାଧାରଣଙ୍କ ଅବଗତି ନିମନ୍ତେ , ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୁ- ଅର୍ଜନ , ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱୋଚ୍ଛା ଆଇନ , ୨୦୧୩ (RFCTLAR & R Act , 2013 ) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା : **ବିଜାପଦର, ଥାନା : ମାଲକାନଗିରି, ତହସିଲ :ମାଲକାନଗିରି, ଜିଲ୍ଲା : ମାଲକାନଗିରି** ରେ ନିମ୍ନ ସୂଚିତ 'କ' ତହସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା : ଜୟପୁର –ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗ କରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୁ- ଅର୍ଜନ , ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱୋଚ୍ଛା ଆଇନ , ୨୦୧୩ (RFCTLAR & R Act , 2013 ) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୬୫/୨୦୨୩ ତା :୧୬.୦୬.୨୦୨୩ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା : ବିଜାପଦର ଥାନା : ମାଲକାନଗିରି ତହସିଲ : ମାଲକାନଗିରି ଜିଲ୍ଲା : ମାଲକାନଗିରି ର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗ କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.malkangiri.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୁ -ଅର୍ଜନ ଅଧିକାରୀ, ଜୟପୁର–ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗ କରଣ ପ୍ରକଳ୍ପ -ତଥା -ତହସିଲଦାର , ମାଲକାନଗିରି ଙ୍କ ତହସିଲ କାର୍ଯ୍ୟାଳୟ , ମାଲକାନଗିରି କାର୍ଯ୍ୟ ଦିବସ ମାନଙ୍କ ରେ ଦେଖିବାକୁ ମିଳିପାରିବ ।

ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚି)

ଜିଲ୍ଲା : ମାଲକାନଗିରି | ତହସିଲ : ମାଲକାନଗିରି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଂଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବିଜାପଦର | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମି ର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା | | | | | |

ଭୂମି ଅନୁସୂଚୀ
ମୌଜା : ବିଜାପଦର, ଥାନା- ମାଲକାନଗିରି ନଂ-୭୪, ତହସିଲ : ମାଲକାନଗିରି, ଜିଲା : ମାଲକାନଗିରି ଜୟପୁର - ମାଲକାନଗିରି
ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ରୟତଙ୍କ ନାମ |
|---|---|---|---|---|---|
| ୧ | ୬୯ | ୨.୧୦୩ | ୦.୩୮୫ | ଧାନ ଏକ | ଅଙ୍ଗଦ ସାନ୍ତା ପି:ବଳଭ ସାନ୍ତା ଜା: କନ୍ଧ ବା: ନିଜଗାଁ |
| ୧୭ | ୬୫୨ | ୧.୯୭୭ | ୦.୮୮୪ | ଡଙ୍ଗର ଏକ | ଡମ୍ବରୁ ପାଙ୍ଗି ପି:ରତନ ପାଙ୍ଗି ଜା: ଗାଦବା ବା: ନିଜଗାଁ |
| ୨୧ | ୫୬ | ୨.୯୩୬ | ୦.୦୮୯ | ଧାନ ଏକ | ଡମ୍ବ ଦୋରା, ବୁଦୁରା ଦୋରା, ସହଦେବ ଦୋରା, ଲଛମୁ ଦୋରା, କୃଷ୍ଣ ଦୋରା, ମଙ୍ଗଳି ଦୋରା ପି: ମକୁନ୍ଦ ଦୋରା, ଲଛମା ଦୋରା ସ୍ୱା: ମକୁନ୍ଦ ଦୋରା ଜା: ଭୂମିଆ ବା: ନିଜଗାଁ |
| ୨୬ | ୬୬ | ୨.୪୭୧ | ୧.୭୦୮ | ଧାନ ଦୁଇ | ନରସିଂହ କୋଢ଼େ ପି:ଲକ୍ଷଣ କୋଢ଼େ ଜା: ଭୂମିଆ ବା: ନିଜଗାଁ |
| ୩୧ | ୪୯ | ୧.୩୨୨ | ୦.୬୦୮ | ଧାନ ଦୁଇ | ବରଜ ଭୂମିଆ ପି:ସନୁ ଭୂମିଆ ଜା: ଭୂମିଆ ବା: ସରିଗୁଡ଼ା |
| ୩୩ | ୧୮୯ | ୧.୪୫୧ | ୦.୭୨୦ | ଧାନ ଦୁଇ | ବାଗା ପୋଲା, ରାମ ପୋଲା, ମଙ୍ଗଳା ପୋଲା, ନରସିଂହ ପୋଲା, ଭାଇମଣି ପୋଲା ପି: ଚକ୍ର ପୋଲା, ପୁତା ପୋଲା ସ୍ୱା: ଚକ୍ର ପୋଲା ଜା: ଭୂମିଆ ବା: ନିଜଗାଁ (ପୋଲାଗୁଡ଼ା) |
| | ୪୭ | ୦.୭୧୭ | ୦.୭୧୭ | ଧାନ ଦୁଇ | |
| | ୪୪ | ୧.୦୦୧ | ୦.୨୪୧ | ଧାନ ଦୁଇ | |
| | ୩୪ | ୩.୪୧୩ | ୦.୯୯୮ | ଧାନ ଏକ | |
| ୪୧ | ୧୮୦ | ୨.୮୫୨ | ୧.୨୬୪ | ଡଙ୍ଗର ଏକ | ବୁଦୁରା ସାନ୍ତା ପି:ଦାନା ସାନ୍ତା ଜା: କନ୍ଧ ବା: ନିଜଗାଁ |
| ୪୨ | ୬୫୦ | ୦.୪୦୦ | ୦.୧୮୫ | ଧାନ ଏକ | ବୁଦୁରା ଆରଙ୍ଗି ପି:ଭାଗିରଥି ଆରଙ୍ଗି ଜା: ଭୂମିଆ ବା: ନିଜଗାଁ (ପୋଲା ଗୁଡ଼ା ) |
| | ୬୪୯ | ୧.୫୮୧ | ୦.୫୦୬ | ଧାନ ଏକ | |
| ୪୬ | ୨୦୫ | ୦.୨୪୭ | ୦.୧୦୨ | ଘରବାରି | ଭାଗିରଥି ପୁଜାରୀ ପି:ନରସିଂହ ପୁଜାରୀ ଜା: ଭୂମିଆ ବା: ନିଜଗାଁ |
| ୫୬ | ୭୫ | ୩.୫୩୪ | ୦.୯୮୩ | ଡଙ୍ଗର ଏକ | ମଧୁ ଖିଲ ପି:ହରି ଖିଲ ଜା: ଗାଦବା ବା: ନିଜଗାଁ |
| ୫୭ | ୫୨ | ୨.୫୯୫ | ୧.୯୫୯ | ଧାନ ଏକ | ମଧୁ ବୁରୁଡ଼ି, ମୁକୁନ୍ଦ ବୁରୁଡ଼ି ପି: ଘାସି ବୁରୁଡ଼ି ଜା: କଟିଆ ବା: ପାଣିରି ପାଣି |
| | ୩୩ | ୦.୨୪୦ | ୦.୨୪୦ | ଧାନ ଏକ | |
| ୫୯ | ୨୦୪ | ୦.୧୦୧ | ୦.୦୧୬ | ଘରବାରି | ମୋହିନୀ ସିଂ ପି:ସର୍ଦ୍ଦାର ସିଂ ଜା: ରାଇର ବା: ନିଜଗାଁ |
| | ୧୯୫ | ୦.୨୦୦ | ୦.୦୧୫ | ଘରବାରି | |
| | ୧୯୩ | ୦.୦୫୨ | ୦.୦୪୭ | ଘରବାରି | |
| | ୧୯୨ | ୦.୪୦୦ | ୦.୪୦୦ | ଘରବାରି | |
| ୬୬ | ୭୨ | ୧.୭୨୫ | ୦.୧୦୦ | ଡଙ୍ଗର ଏକ | ରାମ ସାନ୍ତା ପି:ସନା ସାନ୍ତା ଜା: କନ୍ଧ ବା: ନିଜଗାଁ |
| | ୭୦ | ୦.୯୬୪ | ୦.୭୧୮ | ଡଙ୍ଗର ଏକ | |
| ୬୮ | ୧୭୭ | ୫.୨୪୫ | ୦.୦୭୮ | ଧାନ ଏକ | ଲଇଛନ ମାଝି ପି:ଲଛମୁ ମାଝି ଜା: କୋୟା ବା: ନିଜଗାଁ |
| ୮୦ | ୧୮୨ | ୧.୮୫୧ | ୧.୦୬୨ | ଧାନ ଏକ | ସନିଆ ସାନ୍ତା, ଧନିଆ ସାନ୍ତା, ଇନ୍ଦ୍ରା ସାନ୍ତା ପି: ଆଦୁ ସାନ୍ତା, ତୁଳସା ସାନ୍ତା ସ୍ୱା: ଆଦୁ ସାନ୍ତା ଜା: କନ୍ଧ ବା: ନିଜଗାଁ |
| | ୭୧ | ୦.୪୪୦ | ୦.୪୪୦ | ଧାନ ଦୁଇ | ସନୁ ଖିଲ, ଭର୍ଦ୍ଦବ ଖିଲ, ଧନପତି ଖିଲ ପି: ମଙ୍ଗଳା ଖିଲ ଜା: କଟିଆ ବା: ନିଜଗାଁ |
| | ୬୮ | ୧.୧୬୧ | ୧.୦୪୮ | ଧାନ ଏକ | |
| ୯୫ | ୭୪ | ୩.୨୧୨ | ୧.୨୨୮ | ଡଙ୍ଗର ଏକ | ସୋମନାଥ ଗାଦବା ପି:ସମରା ଗାଦବା ଜା: ଗାଦବା ବା: ନିଜଗାଁ |
| ୯୮ | ୮୭ | ୧.୯୭୭ | ୦.୦୫୩ | ଧାନ ଏକ | ହରି ମୁଦୁଲି ପି:ଦେବ ମୁଦୁଲି ଜା: ପରଜା ବା: ନିଜଗାଁ |
| ୧୩୬ | ୬୯ | ୦.୪୬୯ | ୦.୪୬୯ | ଜଙ୍ଗଲ | ନରସିଂ ପୁଲା, ପି: ଚକ୍ର ପୁଲା, ଜା ଭୂମିଆ, ବା- ବିଜାପାଦର |
| ୧୪୦ | ୬୪୭/୧ | ୦.୬୬୧ | ୦.୨୩୪ | ଜଙ୍ଗଲ | ସମନ୍ଧ ଆରଙ୍ଗି ପି:ବୁଦୁରୁ ଆରଙ୍ଗି ଜା: ଭୂମିଆ ବା: ବିଜାପାଦର |
| ୧୨୪ | ୬୪୭/୨ | ୦.୬୬୧ | ୦.୧୪୫ | ଜଙ୍ଗଲ | ମନ ଅରଙ୍ଗି ପି: ବୁର୍ଷୁ ଅରଙ୍ଗି, ଜା: ଭୂମିଆ ବା: ବିଜାପଦର |
| ୧୩୯ | ୪୫/୨ | ୦.୪୪୯ | ୦.୪୩୯ | ଜଙ୍ଗଲ | ବାସୁଦେବ ମାଝି ପି:ମଙ୍ଗଳା ମାଝି ଜା: ଭୂମିଆ ବା: ବିଜାପାଦର |
| ୧୩୬ | ୪୫/୧ | ୦.୪୬୬ | ୦.୪୬୧ | ଜଙ୍ଗଲ | ମଙ୍ଗଳା ପୁଲା ପି: ଚକ୍ର ପୁଲା, ଜା: ଭୂମିଆ ବା: ବିଜାପାଦର |
| ୧୫୯ | ୪୫/୩ | ୦.୪୬୬ | ୦.୨୬୧ | ଜଙ୍ଗଲ | ରାମ ପୁଲା ପି: ଚକ୍ର ପୁଲା, ଜା: ଭୂମିଆ ବା: ବିଜାପଦର |
| | ମୋଟ | ୪୯.୩୪୮ | ୧୮.୮୦୩ | | |

ତଫସିଲ -ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚି)

ଜିଲ୍ଲା : ମାଲକାନଗିରି | ତହସିଲ : ମାଲକାନଗିରି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଂଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ : ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନ ଠାରୁ ଛଅ ମାସ ମଧ୍ୟରେ .

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ମାଲକାନଗିରି

OIPR-






## ସରସ୍ୱତୀ ପୂଜାରେ ଶୀର୍ଷକ ଘୋଷଣା


ରଜ ପାଇଁ ଏବେଠୁ ଆରମ୍ଭ ହୋଇ ଗଲାଣି ଓଡ଼ିଆ ସିନେମାର ସଜବାଜ। ଓଡ଼ିଶାର ଆଗଧାଡ଼ିର ପ୍ରଯୋଜନା ସଂସ୍ଥା 'ମୁନ୍ ଟିଭି ମୁଭିଜ୍' ତା'ର ରଜ ସିନେମା ଘୋଷଣା କରିଛି। ଅବଶ୍ୟ ଏହାର ଶୀର୍ଷକ ସମ୍ପର୍କରେ ଏବେ କିଛି କୁହାଯାଇ ନାହିଁ। ତେବେ ଏହାର ଟାଇଟଲ୍ ସରସ୍ୱତୀ ପୂଜା ଅବସରରେ ହିଁ ଘୋଷଣା କରାଯିବ। ଏହି ସିନେମାର ମୁଖ୍ୟ ଭୂମିକାରେ ଅମ୍ଲାନ, ଏଲିନା ଓ ସୁପ୍ରିୟା ନଜର ଆସିବା କୁହାଯାଉଛି। ସିନେମାର ପ୍ରଯୋଜନାରେ ସଚ୍ଚିକାନ୍ତ ଜେନା ଅଛନ୍ତି ଏବଂ ନିର୍ଦ୍ଦେଶନା ଦେଉଛନ୍ତି ମୃତ୍ୟୁଞ୍ଜୟ ସାହୁ। ସେହିପରି ସଙ୍ଗୀତ ନିର୍ଦ୍ଦେଶନା ଦେଉଛନ୍ତି ବୈଦ୍ୟନାଥ ଦାସ ଓ ଏହାର କାହାଣୀ ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି ପ୍ରିୟବ୍ରତ ପଣ୍ଡା। ଏ କାହାଣୀଟି ଏକ ସତ୍ୟ ଘଟଣାରୁ ଅନୁପ୍ରାଣିତ। ଏହାସହ ରଜ ବଜାରରେ ସିନେମାଟି ଦର୍ଶକଙ୍କ ହୃଦୟକୁ ଛୁଇଁବ ବୋଲି ପ୍ରଯୋଜକ ଓ ନିର୍ଦ୍ଦେଶକ ଆଶା ରଖିଛନ୍ତି। ■

## ଫେବୃଆରୀ ୧୩ରେ 'ରକ୍ତ ଗୋଲାପ'

ନିକଟରେ ନୂଆ ଓଡ଼ିଆ ସିନେମା 'ରକ୍ତ ଗୋଲାପ'ର ଟିଜର୍ ରିଲିଜ୍ ହୋଇଥିଲା। ଯାହାକୁ ଲୋକେ ବେଶ୍ ପସନ୍ଦ କରିଛନ୍ତି। ତେବେ ସିନେମାଟି ଫେବୃଆରୀ ୧୩ରେ ପ୍ରେକ୍ଷାଳୟକୁ ଆସିବ। ଏହାର ମୁଖ୍ୟ ଚରିତ୍ରରେ ଓଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ଏଲିନା ସାମନ୍ତରାୟଙ୍କୁ ଦେଖିବାକୁ ମିଳିବ। ଏଲିନାଙ୍କ ବ୍ୟତୀତ ଏଥିରେ ଅଭିଷେକ ଗିରି, ଚୌଧୁରୀ ଜୟ ପ୍ରକାଶ ଦାସ, ହର ରଥ, ସମରେଶ ରାଉତରାୟ, ଉଦି ଗୁରୁ ପ୍ରମୁଖ ନଜର ଆସିବେ। ସେହିପରି ସିନେମାର କାହାଣୀରେ ଲଭ୍, ଇମୋସନ, ସସପେନ୍ସ ଏବଂ ଥ୍ରିଲର ମଧ୍ୟ ଦେଖିବାକୁ ମିଳିବ। ଅଶ୍ରୁଜିତ ମହାପାତ୍ର ଏବଂ ଶୋଭନ ଦାସଙ୍କ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନାରେ ଅଛନ୍ତି ଶିଶିର କୁମାର ସାହୁ ଏବଂ ପିନାକୀ ସିଂହ। ଏହାର ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଅମିତ କୁମାର ଦାଶ ଏବଂ ଗଣେଶ ବାରିକ। ଅନ୍ୟପଟେ ସିନେମା ରିଲିଜ୍ ପୂର୍ବରୁ ଏହାର ଗୀତ 'ପାତଲ ଘଣ୍ଟା' ଟ୍ରେଣ୍ଡ କରୁଛି। ■



## ଡିସିପି ଭୂମିକାରେ ଭୂମି



କ୍ରାଇମ୍ ଥ୍ରିଲର ୱେବ୍ ସିରିଜ୍ 'ଦଲଦଲ'ର ଦମ୍‌ଦାର୍ ଟିଜର୍ ରିଲିଜ୍ ହୋଇଛି। ଏହାର ମୁଖ୍ୟ ଚରିତ୍ରରେ ଭୂମି ପେଡନେକର୍ ଅଛନ୍ତି। ଏଥିରେ ସେ ଡିସିପି ଭୂମିକାରେ ନଜର ଆସିବେ। ଟିଜର୍‌ରେ ଭୂମିଙ୍କ ଦମଦାର ଲୁକ୍ ସାମ୍ନାକୁ ଆସିଛି। ଏହି ସିରିଜ୍ ମୁମ୍ବାଇ ପୃଷ୍ଠଭୂମି ଉପରେ ଆଧାରିତ। ଏଥିରେ ସମାରା ତିଜୋରି, ଆଦିତ୍ୟ ରାୱଲ ବି ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଏହାର ପ୍ରିମିୟର ଜାନୁଆରୀ ୩୦ ତାରିଖରେ ପ୍ରାଇମ ଭିଡିଓରେ ହେବ। ତେବେ 'ଭିଣ୍ଡି ବାଜାର' ଉପରେ ଆଧାରିତ 'ଦଲଦଲ'କୁ ସୁରେଶ ତ୍ରିବେଣୀ ଲେଖିଛନ୍ତି। ଏହାର ନିର୍ଦ୍ଦେଶନା ଅମୃତ ରାଜ ଗୁପ୍ତା ଦେଇଛନ୍ତି। ■



## ଧନୁଷ-ମୃଣାଲଙ୍କ ବାହାଘର!

ସାଉଥ୍ ଷ୍ଟାର୍ ଧନୁଷ ଏବଂ ମୃଣାଲ ଠାକୁର ପରସ୍ପରକୁ ଡେଟ୍ କରୁଥିବା ଚର୍ଚ୍ଚା ହେଉଛି। ଏହାରି ଭିତରେ ଦୁହିଁଙ୍କ ବିବାହ ଖବର ଏହି ଚର୍ଚ୍ଚାକୁ ଅଧିକ ସରଗରମ କରିଛି। କୁହାଯାଉଛି ଦୁହେଁ କୁଆଡ଼େ ଫେବୃଆରୀ ୧୪ ରେ ବିବାହ କରିବେ। ଅବଶ୍ୟ ଏହା ଉପରେ ଦୁହେଁ କିଛି କହି ନାହାନ୍ତି। କେବଳ ସେତିକି ନୁହେଁ, ସେମାନଙ୍କର ଏହି ବିବାହରେ କେବଳ ପରିବାର ଓ ସାଙ୍ଗସାଥୀ ଯୋଗ ଦେବେ। ୨୦୨୫ ଅଗଷ୍ଟରେ 'ସନ୍ ଅଫ୍ ସର୍ଦ୍ଦାର' ସିନେମାରୁ ଦୁହିଁଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ସେହିପରି ଧନୁଷ ଏବଂ ମୃଣାଲ ଏକାଠି ବାହାରକୁ ଯିବାରେ ଅସହଜ ଅନୁଭବ କରି ନ ଥାନ୍ତି। ତେବେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା କୁହାଯାଉଥିଲେ ବି ସେମାନେ ଭଲ ସାଙ୍ଗ ବୋଲି ମୃଣାଲ ପୂର୍ବରୁ କହିସାରିଛନ୍ତି। ଅନ୍ୟପଟେ ଧନୁଷ ଓ ମୃଣାଲ ବିବାହ ସମ୍ପର୍କରେ ମୁହଁ ଖୋଲିଲେ ହିଁ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ। ■



## ଶାହିଦ୍-ତ୍ରିପ୍ତିଙ୍କ ରୋମାନ୍ସ

ବଲିଉଡ୍ ଅଭିନେତା ଶାହିଦ୍ କପୁରଙ୍କ ଅଭିନୀତ ସିନେମା 'ଓ ରୋମିଓ'ର ପ୍ରଥମ ଗୀତ ରିଲିଜ୍ ହୋଇଛି। 'ହମ୍ ତୋ ତେରେ ଲିଏ ଥେ' ଗୀତଟିକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଗୀତଟିରେ କଣ୍ଠଦାନ କରିଛନ୍ତି ଅରିଜିତ୍ ସିଂହ। ଗୀତଟିର ଆରମ୍ଭ ତ୍ରିପ୍ତି ଡିମରିଙ୍କଠାରୁ ହୋଇଛି। ତେବେ ଏଥିରେ ଶାହିଦ ଏବଂ ତ୍ରିପ୍ତିଙ୍କ ରୋମାନ୍ସ ଦେଖିବାକୁ ମିଳିଛି। ତେଣୁ ଏହି ଯୋଡ଼ିକୁ ଦର୍ଶକୀୟ ଆଦୃତି ମିଳିବା ଆଶା କରାଯାଉଛି। ସେହିପରି ଗୀତଟିରେ ପ୍ରେମ, ରୋମାନ୍ସ, ଆକ୍ସନ ସବୁକିଛି ଅଛି। କେବଳ ସେତିକି ନୁହେଁ, ଏଥିରେ ଶାହିଦ୍‌ଙ୍କ ରଫ୍ ଲଭର୍ ଲୁକ୍ ବି ଆକର୍ଷଣୀୟ ହୋଇଛି। ବିଶାଲ ଭରଦ୍ୱାଜଙ୍କ ନିର୍ଦ୍ଦେଶିତ ଏହି ସିନେମା ଫେବୃଆରୀ ୧୩ରେ ରିଲିଜ୍ ହେବ। ସିନେମାରେ ନାନା ପାଟେକର, ବିକ୍ରାନ୍ତ ମେସି, ଅବିନାଶ ତିୱାରି, ଦିଶା ପଟାନି, ତମନ୍ନା ଭାଟିଆ, ଫରିଦା ଜଲାଲ ପ୍ରମୁଖ ଅଭିନୟ କରିଛନ୍ତି। ■

## ପରଦା ପଛର କାହାଣୀ

## ଗୋଟିଏ ଦୃଶ୍ୟ ପାଇଁ ୫୦ ହଜାର ଲୋକ

ବଲିଉଡ୍‌ରେ ନିର୍ମିତ ଅନେକ ଫିଲ୍ମ ସୀମିତ ସଂସାଧନ, କମ ବଜେଟ୍ ତଥା ବିନା ଭିଏଫ୍‌ଏକ୍ସରେ ମଧ୍ୟ ସୁପରହିଟ୍ ସାବ୍ୟସ୍ତ ହୋଇଛି। ସେମିତି ଏକ କଲ୍ଟ କ୍ଲାସିକ୍ ଫିଲ୍ମ ହେଉଛି ୨୦୦୧ରେ ମୁକ୍ତିଲାଭ କରିଥିବା 'ଗଦର: ଏକ ପ୍ରେମ୍ କଥା'। ଏହି ଚଳଚ୍ଚିତ୍ରରେ ମୁଖ୍ୟ ଅଭିନେତା ସନ୍ନି ଦେଓଲ ଏବଂ ଅଭିନେତ୍ରୀ ଅମିଷା ପଟେଲଙ୍କ ଚମତ୍କାର ଅଭିନୟ କରିଥିଲେ। ଏହାର ନିର୍ଦ୍ଦେଶନା ଦେଇଥିଲେ ଅନିଲ ଶର୍ମା। ନିକଟରେ ସେ ଫିଲ୍ମକୁ ନେଇ ଏକ ରୋଚକୀୟ କଥା ସେୟାର୍ କରିଛନ୍ତି 'ଗଦର: ଏକ ପ୍ରେମ୍ କଥା'। ଅନିଲ ଶର୍ମାଙ୍କ କହିବାନୁଯାୟୀ, ଫିଲ୍ମରେ ଥିବା ଗହଳି ଦୃଶ୍ୟ ଆଧୁନିକ ଇଫେକ୍ଟ ବିନା ୫୦ ହଜାର ଲୋକଙ୍କୁ ନେଇ ସୁଟିଂ କରାଯାଇଥିଲା। ଏଥିସହ ଫିଲ୍ମ ସୁଟିଂକୁ ନେଇ ହୋଇଥିବା ସମସ୍ୟା ବାବଦରେ ମଧ୍ୟ ସେ କହିଛନ୍ତି। ଏଥିରେ ୧୯୪୭ ମସିହାରେ ହୋଇଥିବା ଭାରତ- ପାକିସ୍ତାନ ବିଭାଜନର ଦୃଶ୍ୟ ଦେଖାଯାଇଥିଲା। ଯେଉଥିରେ ୫୦-୬୦ ହଜାର ଲୋକଙ୍କ ସମାଗମ କରିବା ସହଜ ନ ଥିଲା। ଏହି ଜନଗହଳି କୌଣସି ଭିଏଫ୍‌ଏକ୍ସ ନୁହେଁ, ଏହା ବାସ୍ତବ ଦୃଶ୍ୟ ଥିଲା। ଏତେ ସଂଖ୍ୟାରେ ଲୋକଙ୍କୁ ଏକତ୍ର କରି ତାଙ୍କୁ ନିୟନ୍ତ୍ରଣ କରିବା ଖୁବ୍ ଆହ୍ୱାନ ଥିଲା। ଏଥିପାଇଁ ସେ ନିଆରା ଉପାୟ ଆପଣାଇଥିଲେ। ସେ ଫିରୋଜପୁର (ପଞ୍ଜାବ)ର ସ୍ଥାନୀୟ ବିଧାୟକଙ୍କୁ ଭେଟି ତାଙ୍କ ସହଯୋଗରେ ୨୦-୩୦ ଗାଁର ସରପଞ୍ଚଙ୍କର ଏକ ବୈଠକ ଡାକିଥିଲେ। ପ୍ରତ୍ୟେକ ସରପଞ୍ଚଙ୍କୁ ଦୁଇ ହଜାର ଲୋକ ନେଇ ଆସିବା ପାଇଁ ନିବେଦନ କରିଥିଲେ। ସେ ୧୯୪୭ ମସିହାରେ ବିଭାଜନକୁ ନେଇ ଫିଲ୍ମ ନିର୍ମାଣ ହେଉଥିବା କହିଥିଲେ। ଏହାଦ୍ୱାରା ଲୋକେ ଖୁବ୍ ଉତ୍ସାହ ଏବଂ ଆଗ୍ରହର ସହ ଆଗେଇ ଆସିଥିଲେ। ଫଳରେ ସୁଟିଂ ଦିନ ସହଜରେ ୫୦-୬୦ ହଜାର ଲୋକ ଏକତ୍ର ହୋଇଗଲେ। ■



## ସାକ୍ଷାତକାର

# 'ମନ ପସନ୍ଦର ଚରିତ୍ର ମିଳି ନାହିଁ'

**ପ୍ରତିମା ମହାନ୍ତି, ଅଭିନେତ୍ରୀ**

ସଂଘର୍ଷର ଅନ୍ୟନାମ ସଫଳତା। ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଅନେକ ବାଧା ବିଘ୍ନ ସାମ୍ନା କରିବାକୁ ପଡ଼ିଥାଏ। ଏହି ବାଧାବିଘ୍ନକୁ ଗୋଡ଼ରେ ଆଡ଼େଇ ଅଭିନେତ୍ରୀ ଭାବେ ପରିଚୟ ସୃଷ୍ଟି କରିପାରିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ୍ ଅନ୍ତର୍ଗତ ତରାସ ଗାଁ'ର ପ୍ରତିମା ମହାନ୍ତି। ସେ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ। ହେଲେ ଅଭିନେତ୍ରୀ ହେବାକୁ ସେ କରିଛନ୍ତି ଅନେକ ସଂଘର୍ଷ। ପଥପ୍ରାନ୍ତ ନାଟକରୁ କମେଡି ଶୋ', ମଞ୍ଚନାଟକ, ଧାରାବାହିକ, ୱେବ୍ ସିରିଜ୍ ଆଉ ସିନେମା ସବୁଥିରେ ସେ କାମ କରିଛନ୍ତି। ବହୁମୁଖୀ ପ୍ରତିଭାର ଅଧିକାରିଣୀ ପ୍ରତିମା ଖୁବ୍‌ଶୀଘ୍ର ଏକ ବଡ଼ ପ୍ରୋଜେକ୍ଟରେ ନଜର ଆସିବେ। ତେବେ ଅଭିନେତ୍ରୀ ହେବାକୁ ତାଙ୍କୁ କେତେ ସଂଘର୍ଷ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁହଁରୁ।

**ଓଡ଼ିଶୀ ନୃତ୍ୟଶିଳ୍ପୀରୁ ଅଭିନେତ୍ରୀ ହେବାକୁ କାହିଁକି ଆଗ୍ରହ ପ୍ରକାଶ କଲେ?**

● ପିଲାଦିନେ ଓଡ଼ିଶୀ ନାଚୁଥିଲି। ଅନେକ ପ୍ରୋଗ୍ରାମରେ ଭାଗ ନେଇଛି। ମୋର ବିବାହ ହୋଇଯାଇଛି। ଦୁଇଟି ସନ୍ତାନ ଜନ୍ମ ହୋଇଛନ୍ତି। ସର୍ଜରୀ ଯୋଗୁଁ ପରବର୍ତ୍ତୀ ସମୟରେ ନାଚିବା ସହଜ ହୋଇନଥିଲା। ଲକ୍‌ଡାଉନରେ ପ୍ରଜ୍ଞାନ ଖଟୁଆଙ୍କ ସହିତ ସାକ୍ଷାତ ହୋଇଥିଲା। ତାଙ୍କ ମାର୍ଗଦର୍ଶନରେ 'ମିଷ୍ଟର ନନ୍‌ସେନ୍‌ସ' କମେଡି ଶୋରୁ କ୍ୟାରିୟର ଆରମ୍ଭ କରିଲି। ଧାରାବାହିକ 'ଝିଅଟାମର ନୁଆ ବୋହୂ'ରେ ଗୋଲାପ ଓ 'ଅତୁଟ ବନ୍ଧନ'ରେ ଦୁମକି ଚରିତ୍ରରେ ଅଭିନୟ କରିଛି। ହେଲେ ମୋ ମନକୁ ସନ୍ତୁଷ୍ଟି ମିଳିନଥିଲା। ଗୁଲୁଆଙ୍କ ସହ ମୁଁ 'ବାକି ନାହିଁ ପାର୍ଟି-୪', 'ଟିଠାକଟା'ରେ କାମ କରିଛି ମଧ୍ୟ। ତାସହ 'ମେକିଂ ନ୍ୟୁଜ୍', 'ଶଙ୍କରା ବକରା', 'ପଲିଟିକାଲ ସର୍କସ', 'ଲୋକ ନକଲି କଥା ଅସଲି' ଆଦିରେ କାମ କରିବାକୁ ସୁଯୋଗ ମିଳିଛି। ୟୁଟ୍ୟୁବ୍‌ରେ ପାଖାପାଖି ମୋର ୭୦ରୁ ଊର୍ଦ୍ଧ୍ୱ କମେଡି ଭିଡିଓ ରହିଛି।

**ଅଭିନୟ କରିବା କେତେ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା?**

● ଜଣେ ଅଭିନେତ୍ରୀ ସବୁ ଚରିତ୍ର କରିପାରିବେ। କମେଡି ଶୋ କରିବା ସମୟରେ ପ୍ରଜ୍ଞାନ ଖଟୁଆ ମୋତେ ଗାଇଡ୍ କରୁଥିଲେ। ତାଙ୍କ ପାଇଁ ଆଜି ମୋର ପରିଚୟ। ବିନା ସ୍କ୍ରିପ୍ଟରେ କିପରି ସଂଳାପ କହିପାରିବି ସେ କୌଶଳ ତାଙ୍କଠୁ ଶିଖିଛି। ତେଣୁ ପ୍ରଥମେ ପ୍ରଥମେ କ୍ୟାମେରା ସାମ୍ନାରେ ମୁଁ କିଛି ଜାଣି ପାରିନଥିଲେ ବି ଅଭିନୟ କରିବା ସହଜ ହୋଇଥିଲା।

**ବଡ଼ ପରଦାରେ କାମ କରିବାକୁ କେମିତି ସୁଯୋଗ ମିଳିଲା?**

● ସୋନି ଲିଭ୍‌ରେ 'ଜେଙ୍ଗାବୁରୁ' ୱେବ୍ ସିରିଜ୍ ଅଡିସନ୍ ଦେବା ସମୟରେ ମୋତେ 'ହୁକାର' ଓଡ଼ିଆ ସିନେମାରେ କାମ ମିଳିଥିଲା। ଏଥିରେ ମୁଁ ଅଭିନେତ୍ରୀ ଅନୁ ଚୌଧୁରୀଙ୍କ ସହିତ କାମ କରିଛି। ଖୁବ୍‌ଶୀଘ୍ର ଦର୍ଶକ ମୋତେ ଏକ ବଡ଼ ପ୍ରୋଜେକ୍ଟରେ ଦେଖିବାକୁ ପାଇବେ। ମୋର ସୌଭାଗ୍ୟ ଯେ, ଓଡ଼ିଶାର ସୁପରଷ୍ଟାରଙ୍କ ସହିତ ମୋତେ କାମ କରିବାକୁ ସୁଯୋଗ ମିଳିଛି। ସେହିପରି ଦୀପକ ଜେନାଙ୍କ 'ମାଣିକ' ମଞ୍ଚନାଟକରେ ଅଭିନୟ କରିବାକୁ ସୁଯୋଗ ପାଇଛି। 'ସାଇ ତମେ ସତରେ ଈଶ୍ୱର', 'ସାଇ ନାମ' ଆଦି ମଞ୍ଚ ନାଟକ କରିଛି।



**ଅଭିନେତ୍ରୀ ହେବାକୁ କେତେ ସଂଘର୍ଷ କରିଛନ୍ତି?**

● ମୋ ପାଖେ ଶକ୍ତ ନାହିଁ ଅଭିନେତ୍ରୀ ସ୍ୱପ୍ନ ପୂରା କରିବାକୁ ଅନେକ ସଂଘର୍ଷ କରିଛି। ମାତ୍ର କେଉଁ ଟଙ୍କା ପାଇଁ ମୁଁ ବୈଶାଖ ମାସ ଖରାରେ ପଥପ୍ରାନ୍ତ ନାଟକ କରିଛି। ଜୁନିଅର କଳାକାର ଭାବେ କାମ କରିଛି। କାମ ଖଣ୍ଡେ ପାଇବାକୁ ଅନେକ ଜଣଙ୍କ ପାଖକୁ ଦୌଡ଼ିଛି ଆଉ ଲକ୍ଷ ବାର ଫୋନ୍ କରିଛି।

**ଓଡ଼ିଶୀ ନୃତ୍ୟ ଯୋଗୁଁ ଅଭିନୟ କରିବା ସହଜ ହୋଇଥିଲା କି?**

● ନିଶ୍ଚିତ। ଓଡ଼ିଶୀ ନୃତ୍ୟରେ ଅଙ୍ଗଭଙ୍ଗୀ ଆଉ ଚାହାଣୀ ଦୁଇଟି ଅଭିନୟରେ ଗୁରୁତ୍ୱ ବହନ କରେ। ଯାହାକି ଜଣେ କଳାକାର ପାଇଁ ମୁଖ୍ୟ ଅସ୍ତ୍ର।

**ଅଭିନୟକୁ କେତେ ଗୁରୁତ୍ୱ ଦିଅନ୍ତି?**

● ଅଭିନୟ ଶିକ୍ଷାକୁ ବିଧିବଦ୍ଧ ତାଲିମ ନେଇ ନାହିଁ। ସମସ୍ତଙ୍କଠାରୁ ଅଭିନୟ ଶିଖେ। ଯେଉଁ ଚରିତ୍ର ମିଳେ, ମୁଁ ଚରିତ୍ରକୁ ଜୀବନ୍ତ କରିବାକୁ ଆପ୍ରାଣ ଚେଷ୍ଟା କରେ। ଶିଖିବା ମନୋବୃତ୍ତି ମୋର ସର୍ବଦା ରହିବ।

**ଆଗାମୀ ଯୋଜନା?**

● ଭବିଷ୍ୟତରେ ଯାତ୍ରାରେ ଅଭିନୟ କରିବାକୁ ଯୋଜନା କରିଛି। ଏଥିପାଇଁ ପ୍ରସ୍ତୁତ କରୁଛି ମଧ୍ୟ।

**ଜୀବନର କିଛି ଅବସୋସ?**

● କଲେଜଠାରୁ ଆରମ୍ଭ କରି ଓଡ଼ିଆ ସିନେମାରେ କାମ କଲେ ବି ମୋତେ ଖୁସି ଦେବା ପରି ମନ ପସନ୍ଦର ଚରିତ୍ର ଆଜି ଯାଏଁ ମିଳି ନାହିଁ।

**ଅଭିନୟ ଜଗତକୁ ଆସୁଥିବା ଯୁବପିଢ଼ିଙ୍କୁ କ'ଣ କହିବେ?**

● ଅନ୍ୟମାନଙ୍କ ଉପରେ ଭରସା ନ କରି ନିଜ କାମକୁ ଗୁରୁତ୍ୱ ଦିଅନ୍ତୁ। ଯାହା ବି ଚରିତ୍ର ମିଳୁଛି, ତାକୁ କେମିତି ସଠିକ୍ ଭାବେ ତୁଲାଇବେ ସେ କଥାକୁ ଧ୍ୟାନ ଦିଅନ୍ତୁ। ଧୈର୍ଯ୍ୟ ରଖି କାମ କଲେ ଫଳ ନିଶ୍ଚୟ ମିଳିବ। ■

ଇନ୍ଦୋରରେ ତୃତୀୟ ତଥା ନିର୍ଣ୍ଣାୟକ ଦିନିକିଆ ଆଜି

# ଭାରତର ସିରିଜ୍ ଟାର୍ଗେଟ୍, ଇତିହାସ ଲକ୍ଷ୍ୟରେ ନ୍ୟୁଜିଲାଣ୍ଡ

ଇନ୍ଦୋର,୧୭।୧(ଏଜେନ୍ସି):



ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ତୃତୀୟ ତଥା ଶେଷ ମୁକାବିଲା ଇନ୍ଦୋରର ହୋଲକାର ଷ୍ଟାଡିୟମ୍‌ରେ ଆସନ୍ତାକାଲି ଅନୁଷ୍ଠିତ ହେବ। ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ୧-୧ ସମାନ ସ୍ଥିତିରେ ରହିଛନ୍ତି। ଏହି ମୁକାବିଲାରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ସିରିଜ୍ ଜିତିବ। ଭାରତରେ ଖେଳିଥିବା ଗତ ୭ଟି ଦିନିକିଆ ସିରିଜ୍‌ରେ ନ୍ୟୁଜିଲାଣ୍ଡ ବିଜୟୀ ହୋଇନାହିଁ। ଏଠାରେ ଯଦି ନ୍ୟୁଜିଲାଣ୍ଡ ବିଜୟୀ ହୁଏ, ତେବେ ଭାରତୀୟ ମାଟିରେ ୮ମ ଗସ୍ତରୁ ପ୍ରଥମଥର ସିରିଜ୍ ଜିତି ଇତିହାସ ସୃଷ୍ଟି କରିବ। ଏଣୁ ଉଭୟ ଦଳ ନିକଟରେ ସମ୍ମାନ ରଖିବା ଓ ରେକର୍ଡ କରିବାର ସୁଯୋଗ ରହିଛି। ଭାରତ ବିଜୟୀ ହେଲେ ନ୍ୟୁଜିଲାଣ୍ଡ ବିପକ୍ଷରେ ଘରୋଇ ମାଟିରେ ସିରିଜ୍‌ରେ ଅପରାଜେୟ ରହିବ।

ଭାରତ ଗସ୍ତରେ ଆସିଥିବା ବର୍ତ୍ତମାନର ଦଳକୁ ନ୍ୟୁଜିଲାଣ୍ଡର 'ବି' ଟିମ୍ କୁହାଯାଉଛି। ଦଳର ଅଧିନାୟକଙ୍କ ସମେତ ୬ଜଣ ନିୟମିତ ଖେଳାଳି ଭିନ୍ନ କାରଣ ଲାଗି ଆସିନାହାନ୍ତି। କିନ୍ତୁ ଡଗ୍ ବ୍ରେସ୍‌ୱେଲଙ୍କ ନେତୃତ୍ୱରେ ଗଠିତ ଦଳ ଭାରତକୁ ନାକେଦମ କରିବା ସହ ସିରିଜ୍ ଜିତି ଇତିହାସ ସୃଷ୍ଟି କରିବାର ଦ୍ୱାରଦେଶରେ ପହଞ୍ଚିଛି। ଏପରିକି ଦଳର ଦୁଇ ଖେଳାଳି ଡାରିଲ ମିଚେଲ ଓ କାଏଲ ଜାମିସନ ଭାରତୀୟଙ୍କୁ ଆଖିରୁ ନିଦ ହଜାଇ ଦେଇଛନ୍ତି। ଏପରିକି ଗତ ମୁକାବିଲାରେ ଡେବ୍ୟୁ କରିଥିବା ୩୧ ବର୍ଷୀୟ ସ୍ପିନର ଜେଡେନ ଲେନକ୍ସଙ୍କ ବୋଲିଂ ପୁଣିଥରେ ଭାରତୀୟ ବ୍ୟାଟରଙ୍କୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଛି। ତେବେ ଇନ୍ଦୋରରେ ଭାରତ କିପରି ଖେଳିବ ତାହା ଉପରେ ଇତିହାସ ସୃଷ୍ଟି ହେବାର ସୁଯୋଗ ରହିବ।

ଭାରତୀୟ ଦଳର ପ୍ରଦର୍ଶନ ଯୋଗୁଁ ଚୂଡାନ୍ତ ଏକାଦଶରେ କାହାକୁ ଖେଳାଇବେ କି ନ ଖେଳାଇବେ ତାହାକୁ ନେଇ ଦ୍ୱନ୍ଦ୍ୱ ରହିଛି। ଦଳରେ ଦୁଇ ଖେଳାଳିଙ୍କ ସ୍ଥାନ ବଦଳିବାର ସମ୍ଭାବନା ରହିଛି। ଅଲ୍‌ରାଉଣ୍ଡର ନୀତୀଶ ରେଡ୍ଡୀଙ୍କ ସ୍ଥାନରେ ଆୟୁଷ ବଦୋନୀ କିମ୍ବା ପ୍ରସିଦ୍ଧ କ୍ରିଷ୍ଣାଙ୍କ ସ୍ଥାନରେ ଅର୍ଶଦୀପ ସିଂହ ସାମିଲ ହେଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଅନ୍ୟ ପକ୍ଷରେ ନ୍ୟୁଜିଲାଣ୍ଡ ଦଳରେ ସେପରି କିଛି ପରିବର୍ତ୍ତନ ହେବ ବୋଲି ଆଶା କରାଯାଉଛି।

**ଆରମ୍ଭ: ଅପରାହ୍ଣ ୧ଟା ୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

### ଇନ୍ଦୋରରେ ଛୋଟ ବାଉଣ୍ଡରୀ, ରନ୍ ବର୍ଷା ସମ୍ଭାବନା

ଆସନ୍ତାକାଲି ଖେଳାଯିବାକୁ ଥିବା ଇନ୍ଦୋରର ହୋଲକାର ଷ୍ଟାଡିୟମ୍‌ର ପିଚ୍ ବ୍ୟାଟରଙ୍କୁ ଅତ୍ୟଧିକ ସୁହାଇଥାଏ। ଏଠାରେ ବାଉଣ୍ଡାରୀ ଛୋଟ ହୋଇଥିବାରୁ ଏଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ରନ୍ ବର୍ଷା ହୋଇଥାଏ। ଏଠାରେ ୧୪ ବର୍ଷ ପୂର୍ବେ ବୀରେନ୍ଦ୍ର ସେହ୍ୱାଗ ୨୧୯ ରନ୍ କରିଥିଲାବେଳେ ଭାରତ ୫ ୱିକେଟରେ ୪୧୮ ରନ୍ କରିଥିଲା। ଏଠାରେ ଖେଳାଯାଇଥିବା ଗତ ଦୁଇଟି ମ୍ୟାଚ୍‌ରେ ଭାରତ ଯଥାକ୍ରମେ ୩୧୯ ଓ ୩୮୫ ରନ୍ କରିଥିଲା। ନ୍ୟୁଜିଲାଣ୍ଡ ବିପକ୍ଷରେ ଶେଷଥର ଭାରତ ୩୮୫ ରନ୍‌ରେ ଆଉଟ ହୋଇଥିଲା। ଏଣୁ ଏଠାରେ ଛୋଟିଆ ବାଉଣ୍ଡାରୀ ହୋଇଥିବାରୁ ଉଭୟ ଦଳ ବ୍ୟାଟରଙ୍କ ଉପରେ ଏହି ମ୍ୟାଚ୍ ନିର୍ଭର କରିବ। ଭାରତୀୟ ଦଳରେ ଏକାଧିକ ଷ୍ଟ୍ରୋକ୍ ମେକର ଥିବାରୁ ଲଢ଼େ ରୋମାଞ୍ଚକ ହେବ ବୋଲି ଆଶା କରିବା ସ୍ୱାଭାବିକ।

ବିଶ୍ୱକପ୍ ପରମ୍ପରା ଭାଙ୍ଗିଲା

## ହ୍ୟାଣ୍ଡସେକ୍ ଡ୍ରାମା ଓ ବର୍ଷାରେ ଜିତିଲା ଭାରତ

ବୁଲାୱାୟୋ,୧୭।୧(ଏଜେନ୍ସି): ବର୍ଷା ବାଧାପ୍ରାପ୍ତ ଓ ହ୍ୟାଣ୍ଡସେକ୍ ଡ୍ରାମାରେ କୁଇନ୍ସ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍ ମ୍ୟାଚ୍‌ରେ ଭାରତ ୧୮ ରନ୍‌ରେ ବାଂଲାଦେଶକୁ ପରାସ୍ତ କରିଛି। ଏହି ମ୍ୟାଚ୍ ପୂର୍ବରୁ ଟସ୍ ବେଳେ ଉଭୟ ଦଳର ଅଧିନାୟକ ହ୍ୟାଣ୍ଡସେକ୍ ନ କରିବା ବା ହାତ ନ ମିଳାଇବାରୁ ନାଟକବାଜି ହୋଇଥିଲା। କିନ୍ତୁ ଏହା କୌଣସି ଉଦ୍ଦେଶ୍ୟ ପ୍ରଣୋଦିତ ନୁହେଁ ବରଂ ମନେ ନ ପଡ଼ିବାରୁ ଏଭଳି ତ୍ରୁଟି ହୋଇଛି ବୋଲି ବିସିସିଆଇ ସଫେଇ ଦେଇଛି। ଘଟଣାବହୁଳ ଏହି ମ୍ୟାଚ୍‌ରେ ଭାରତ ୧୮ ରନ୍‌ରେ ବାଂଲାଦେଶକୁ ପରାସ୍ତ କରିଛି। ଆସନ୍ତା ୨୪ରେ ନ୍ୟୁଜିଲାଣ୍ଡ ସହ ଭାରତ ତାହାର ଶେଷ ଲିଗ୍ ମ୍ୟାଚ୍ ଖେଳିବ।

ଏହି ମ୍ୟାଚ୍‌ରେ ଭାରତୀୟ କ୍ରିକେଟର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ୧୪ ବର୍ଷ ୨୯୬ ଦିନରେ ସର୍ବକନିଷ୍ଠ ଖେଳାଳି ଭାବେ ବିଶ୍ୱକପ୍‌ରେ ଅର୍ଦ୍ଧଶତକ ହାସଲ କରିବାର ରେକର୍ଡ କରିଛନ୍ତି। ସୂର୍ଯ୍ୟବଂଶୀଙ୍କ ୭୨ ଓ ଅଭିଜ୍ଞାନ କୁଣ୍ଡୁଙ୍କ ୮୦ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଭାରତ ୪୮.୪ ଓଭରରେ ୨୩୮ ରନ୍ କରିଥିଲା। ଜବାବରେ ବାଂଲାଦେଶ ୧୭.୨ ଓଭରରେ ୨/୯୦ ରନ୍ କରିଥିଲାବେଳେ ବର୍ଷା ଯୋଗୁଁ ଖେଳ ବାଧାପାଇଥିଲା। ବର୍ଷା ଛାଡିବା ପରେ ବାଂଲା ଆଗରେ ୨୯ ଓଭରରେ ୧୬୧ ରନ୍ ବିଜୟ ଲକ୍ଷ୍ୟ ରହିଥିଲା। ଏହି ଲକ୍ଷ୍ୟକୁ ପିଛା କରିଥିବା ବାଂଲାଦେଶ କାମଚଲା ଅଫ୍ ସ୍ପିନର ବିହାନ ମାଲହୋତ୍ରା ୪ ଓଭରରେ ୪ ୱିକେଟ ଓ ଲେଗ୍ ସ୍ପିନର ଖୀଲନ ପଟେଲ ୨ ୱିକେଟ ନେବା ଫଳରେ ବାଂଲାଦେଶ ୧୪୬ ରନ୍‌ରେ ଅଲଆଉଟ ହୋଇ ଏକ ନିଶ୍ଚିତ ବିଜୟ ହାତଛଡ଼ା କରିଥିଲା।

■ ଜାତୀୟ ଦୃଷ୍ଟିବାଧିତ ମହିଳା କ୍ରିକେଟ

## ଓଡ଼ିଶାକୁ ଜିତାଇଲା ବାସନ୍ତୀଙ୍କ ଶତକ

ଭୁବନେଶ୍ୱର,୧୭।୧(ସମିସ): ନିମପୁର ସ୍ପୋର୍ଟ୍ସ ଆଣ୍ଡ କ୍ରିକେଟ ଗ୍ରାଉଣ୍ଡରେ ଆଜି ଆରମ୍ଭ ହୋଇଥିବା ଜାତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ଓଡ଼ିଶା ୧୭୪ ରନ୍‌ର ବିଶାଳ ବ୍ୟବଧାନରେ ଚଣ୍ଡିଗଡକୁ ଏହି ମ୍ୟାଚ୍‌ରେ ବାସନ୍ତୀ ହାଁସ୍‌ଦା ୫୬ ବଲ୍‌ରେ ଅପରାଜିତ ୧୦୬, ଯମୁନାରାଣୀ ଟୁଡୁଙ୍କ ୫୦ରନ୍, ସୁକାନ୍ତି ଦଳପତିଙ୍କ ଅପରାଜିତ ୪୯ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ ଓଡ଼ିଶା ୩ ୱିକେଟରେ ୨୫୯ ରନ୍ କରିଥିଲା। ଜବାବରେ ଚଣ୍ଡିଗଡ ୧୫ ଓଭରରେ ୮୫ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଗ୍ରୁପ୍-ସି'ରେ ସ୍ଥାନ ପାଇଥିବା ଓଡ଼ିଶା ତାହାର ଦ୍ୱିତୀୟ ମ୍ୟାଚ୍ ଆନ୍ଧ୍ରପ୍ରଦେଶ ସହ ଆସନ୍ତାକାଲି ଯାଜପୁର ଜିଲ୍ଲା ଧର୍ମଶାଳା ଷ୍ଟାଡିୟମ୍‌ରେ ଖେଳିବ।

ପ୍ରଥମଶ୍ରେଣୀ କ୍ରିକେଟ

## ୨୩୨ ବର୍ଷର ରେକର୍ଡ ଭାଙ୍ଗିଲା ପାକିସ୍ତାନ ଟିଭି

କରାଚି,୧୭।୧(ଏଜେନ୍ସି): ଏଠାରେ ଆଜି ଖେଳାଯାଇଥିବା ପାକିସ୍ତାନର ପ୍ରଥମଶ୍ରେଣୀ କ୍ରିକେଟ ପ୍ରେସିଡେଣ୍ଟ ଟ୍ରଫିରେ ଏକ ବିରଳ ରେକର୍ଡ ହୋଇଛି। ଏହି ମ୍ୟାଚ୍‌ରେ ପାକିସ୍ତାନ ଟିଭି ଏକାଦଶ ମାତ୍ର ୪୦ ରନ୍‌ର ଟାର୍ଗେଟ୍‌କୁ ଡିଫେଣ୍ଡ କରିଛି। ଏହି ମ୍ୟାଚ୍ ଜିତିବାକୁ ପ୍ରତିପକ୍ଷ ସୁଇ ନଦର୍ଣ୍ଣ ଆଗରେ ୪୦ ରନ୍ ଟାର୍ଗେଟ ରହିଥିଲା। ଏହି ଲକ୍ଷ୍ୟକୁ ପିଛା କରି ସୁଇ ନଦର୍ଣ୍ଣ ୩୭ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଏହା ଫଳରେ ପାକିସ୍ତାନ ଟିଭି ୨ ରନ୍‌ରେ ବିସ୍ମୟକର ତଥା ଅବିଶ୍ୱସନୀୟ ବିଜୟ ହାସଲ କରିଛି। ଏହା ଫଳରେ ପ୍ରଥମଶ୍ରେଣୀ କ୍ରିକେଟର ୨୩୨ ରନର ରେକର୍ଡ ଭାଙ୍ଗିଯାଇଛି। ପୂର୍ବରୁ ଏହି ରେକର୍ଡ ୧୭୯୪ରେ ଇଂଲଣ୍ଡର ଓଲ୍ଡ ଫିଲ୍ଡ ନାମରେ ରହିଥିଲା। ଏମ୍‌ସିସି ବିପକ୍ଷ ମ୍ୟାଚ୍‌ରେ ୪୧ ରନ୍‌ର ସ୍କୋରକୁ ଡିଫେଣ୍ଡ କରି ଓଲ୍ଡଫିଲ୍ଡନାମରେ ଏହି ରେକର୍ଡ ୨୩୨ ବର୍ଷ ହେଲା ରହିଥିଲା।

ଟି-୨୦ ବିଶ୍ୱକପ୍: ବାଂଲାର ପ୍ରସ୍ତାବ

## ଆୟର୍ଲାଣ୍ଡ ସହ ଆମ ଗ୍ରୁପ୍ ବଦଳାଅ

ଢାକା, ୧୭।୧ (ଏଜେନ୍ସି): ଟି-୨୦ ବିଶ୍ୱକପ୍‌ରେ ବାଂଲାଦେଶର ପ୍ରସ୍ତାବକୁ ଆୟର୍ଲାଣ୍ଡ ପ୍ରତ୍ୟାଖ୍ୟାନ କରିଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତରେ ନ ଖେଳିବା ଲାଗି ଆୟର୍ଲାଣ୍ଡ ସହ ଗ୍ରୁପ୍ ବଦଳାଇବାକୁ ବାଂଲାର ସରକାରୀ ଓ ବୋର୍ଡ କର୍ମକର୍ତ୍ତାମାନେ ପ୍ରସ୍ତାବ ଦେଇଥିଲେ। ଏହା ଫଳରେ ଭାରତରେ ଆୟର୍ଲାଣ୍ଡ ଓ ଶ୍ରୀଲଙ୍କାରେ ବାଂଲାଦେଶ ଖେଳିଥାନ୍ତା। ଏହି ପ୍ରସ୍ତାବକୁ ଆୟର୍ଲାଣ୍ଡ ପ୍ରତ୍ୟାଖ୍ୟାନ କରିଛି ଓ ନିଜର ଗ୍ରୁପ୍ କିମ୍ବା ଭେନ୍ୟୁ ପରିବର୍ତ୍ତନ କରିବାକୁ ସ୍ପଷ୍ଟଭାବେ ମନା କରିଦେଇଛି। ବିଶ୍ୱକପ୍ ଖେଳିବା ଲାଗି ଭାରତ ଯିବ ନାହିଁ ବୋଲି ବାଂଲା ତାହାର ଜିଦ୍‌ରେ ଅଟଳ ରହିଛି।

## ରାଜ୍ୟ ଲନ୍‌ବଲ୍ ଚାମ୍ପିଅନ୍‌ସିପ୍‌ରେ ବଲାଙ୍ଗିର, ସମ୍ବଲପୁରର ପ୍ରାଧାନ୍ୟ

ଭୁବନେଶ୍ୱର,୧୭।୧(ସମିସ): ବଲାଙ୍ଗିରରେ ଅନୁଷ୍ଠିତ ତୃତୀୟ ରାଜ୍ୟ ଲନ୍‌ବଲ ଚାମ୍ପିଅନସିପ୍‌ରେ ବଲାଙ୍ଗିର ଜିଲ୍ଲା ପ୍ରାଧାନ୍ୟ ବିସ୍ତାର କରିଛି। ଆଜି ଶେଷ ହୋଇଥିବା ବରିଷ୍ଠ ଫୌଶ ଇଭେଣ୍ଟରେ ବଲାଙ୍ଗିର ସ୍ୱର୍ଣ୍ଣ ଓ ରୌପ୍ୟ, ମହିଳା ଇଭେଣ୍ଟରେ ସମ୍ବଲପୁରକୁ ସ୍ୱର୍ଣ୍ଣ ଓ ବଲାଙ୍ଗିରକୁ ରୌପ୍ୟ ପଦକ ମିଳିଛି। ମହିଳା ଏକକରେ ବଲାଙ୍ଗୀରକୁ ସ୍ୱର୍ଣ୍ଣ ଓ ସମ୍ବଲପୁରକୁ ରୌପ୍ୟ, ପୁରୁଷ ଏକକରେ ଢେଙ୍କାନାଳ ସ୍ୱର୍ଣ୍ଣ ଓ ସମ୍ବଲପୁର ରୌପ୍ୟ ପଦକ ବିଜୟୀ ହୋଇଛି। ବଲାଙ୍ଗିର ଅତିରିକ୍ତ ଏସ୍‌ପି ଗୁଣନିଧି ମଲ୍ଲିକ, ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ପୁଇଁତଲା ତହସିଲଦାର ଗୌରବ କୁମାର ବର୍ଗେ ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।



ମହିଳା ପ୍ରିମିୟର ଲିଗ୍

## ୟୁପି ୱାରିୟର୍ଜର ଦ୍ୱିତୀୟ ବିଜୟ

ନଭି ମୁମ୍ବଇ,୧୭।୧ (ଏଜେନ୍ସ): ୩୨ ବର୍ଷୀୟା ଅଧିନାୟିକା ମେଗ୍ ଲାନିଂଙ୍କ ୪୫ ବଲ୍‌ରେ ୭୦ ଓ ୨୨ ବର୍ଷୀୟା ଫୋଏବି ଲିଚ୍‌ଫିଲ୍ଡଙ୍କ ୩୭ ବଲ୍‌ରେ ୬୧ ରନ୍ ସହାୟତାରେ ଏଠାରେ ଶନିବାର ଅନୁଷ୍ଠିତ ମୁକାବିଲାରେ ୟୁପି ୱାରିୟର୍ଜ ୨୨ ରନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଏହା ଫଳରେ ୫ମ ମୁକାବିଲା ପରେ ଉଭୟ ଦଳ ୨ଟି ଲେଖାଏଁ ବିଜୟ ହାସଲ କରିଥିଲାବେଳେ ୩ଟି ଲେଖାଏଁ ପରାଜୟ ବରଣ କରିଛନ୍ତି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ୟୁପି ୮ ୱିକେଟରେ ୧୮୭ ରନ୍ କରିଥିଲା। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ଆମେଲିଆ କେରଙ୍କ ଅପରାଜିତ ୪୯ ଓ ଅମନଜୋତ କୌରଙ୍କ ୨୪ ବଲ୍‌ରେ ୪୧ ରନ୍ ସତ୍ତ୍ୱେ ଦଳ ୬ ୱିକେଟରେ ୧୬୫ ରନ୍ କରିଥିଲା।

**ବେଙ୍ଗାଲୁରୁର ଚତୁର୍ଥ ଜିତ୍:** ନଭି ମୁମ୍ବାଇରେ ଖେଳାଯାଇଥିବା ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୮ ୱିକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହୋଇଥିବା ଦିଲ୍ଲୀ ଶେଫାଳି ବର୍ମାଙ୍କ ୬୨ ରନ୍ ସହାୟତାରେ ୧୬୬ ରନ୍ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଲୁସି ହାମିଲଟନ ୧୯ ବଲ୍‌ରୁ ୩୬ ଓ ସ୍ନେହ ରାଣା ୨୨ ବଲ୍‌ରୁ ୨୨ ରନ୍ କରିଥିଲେ। ବେଙ୍ଗାଲୁରୁର ପକ୍ଷରୁ ଲୌରେନ୍ ବେଲ ଓ ସାୟାଲି ସାତଘରେ ୩ଟି ଲେଖାଏଁ ୱିକେଟ ନେଇଥିଲେ। ଜବାବରେ ସ୍ମୃତି ମନ୍ଧାନାଙ୍କ ୬୧ବଲ୍‌ରେ ୯୬ ଓ ଜର୍ଜିଆ ଭୋଲିଙ୍କ ଅପରାଜିତ ୫୪ ରନ୍ ସହାୟତାରେ ବେଙ୍ଗାଲୁରୁ ମାତ୍ର ୨ ୱିକେଟ ହରାଇ କ୍ରମାଗତ ଚତୁର୍ଥ ବିଜୟ ହାସଲ କରିଛି।



ଆଜିଠୁ ଅଷ୍ଟ୍ରେଲିଆନ ଓପନ୍

## ପୁରସ୍କାର ବାବଦକୁ ଦିଆଯିବ ୬୮୦ କୋଟି ଟଙ୍କା

ମେଲବୋର୍ଣ୍ଣ, ୧୭।୧ (ଏଜେନ୍ସି): ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ ଓପନର ୧୧୪ତମ ସଂସ୍କରଣ ରବିବାରଠାରୁ ଆରମ୍ଭ ହେବ। ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ମେଗା ଇଭେଣ୍ଟ ସର୍ବିଆର କିମ୍ବଦନ୍ତୀ ଖେଳାଳି ନୋଭାକ ଜୋକୋଭିଚ୍‌ଙ୍କ ପାଇଁ ଗୁରୁତ୍ୱବହନ କରୁଛି। ଜୋକୋଭିଚ୍ ଏଠାରେ ଚାମ୍ପିଅନ ହୋଇ ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଜିତିବା ଲକ୍ଷ୍ୟରେ ରହିଛନ୍ତି। ସ୍ପେନର କାର୍ଲୋସ ଆଲକାରାଜ ଓ ଇଟାଲୀର ଜାନିକ ସିନ୍ନର ଚଳିତ ଅଷ୍ଟ୍ରେଲିଆନ୍ ଓପନରେ ପୁରୁଷ ବିଭାଗରେ ଯଥାକ୍ରମେ ଟପ୍ ସିଡ୍ ଓ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଛନ୍ତି। ସେହିଭଳି ମହିଳା ବିଭାଗରେ ବେଲାରୁଷ ତାରକା ଆରିନା ସାବାଲେଙ୍କାଙ୍କୁ ଟପ୍ ସିଡ୍ ମାନ୍ୟତା ମିଳିଛି। ଗତବର୍ଷ ସିନର ଓ ମାଡିସନ କିଜ୍ ଯଥାକ୍ରମେ ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଚାମ୍ପିଅନ ହୋଇଥିଲେ। ଏଥର ଅଷ୍ଟ୍ରେଲିଆନ୍ ଓପନରେ ରେକର୍ଡ ୭୫ ମିଲିୟନ ଡଲାର ପୁରସ୍କାର ରାଶି ପ୍ରଦାନ କରାଯିବ। ଯାହାକି ଭାରତୀୟ ମୁଦ୍ରାରେ ୬୮୦.୩୨ କୋଟି ଟଙ୍କା ହେବ।

**ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଲକ୍ଷ୍ୟରେ ଜୋକୋଭିଚ୍**

### ଭାରତ ଟି-୨୦ ଦଳକୁ ଫେରିଲେ ଶ୍ରେୟଙ୍କା

ନଭି ମୁମ୍ବଇ,୧୭।୧ (ଏଜେନ୍ସ): ଫିଟ୍ ହେବା ପରେ ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ ସିରିଜ୍ ଲାଗି ଘୋଷିତ ଭାରତୀୟ ଦଳକୁ ସ୍ପିନର ଶ୍ରେୟଙ୍କା ପାଟିଲ ଫେରିଛନ୍ତି। ଆସନ୍ତା ଫେବୃଆରୀ ୧୫ରୁ ମାର୍ଚ୍ଚ ୧ ତାରିଖ ଯାଏ ଏହି ସିରିଜ୍ ଅଷ୍ଟ୍ରେଲିଆରେ ଖେଳାଯିବ। **ଘୋଷିତ ଟି-୨୦ ଦଳ:** ହରମନପ୍ରୀତ୍ କୌର (ଅଧିନାୟିକା), ସ୍ମୃତି ମନ୍ଧାନା, ଶେଫାଳି ବର୍ମା, ରେଣୁକା ଠାକୁର, ଶ୍ରୀ ଚରଣି, ବୈଷ୍ଣବୀ ଶର୍ମା, କ୍ରାନ୍ତି ଗୌଡ, ସ୍ନେହ ରାଣା, ଦୀପ୍ତି ଶର୍ମା, ରିଚା ଘୋଷ, ଜି କମଳିନୀ, ଅରୁନ୍ଧତି ରେଡ୍ଡୀ, ଅମନଜୋତ କୌର, ଜେମିମା ରୋଡ୍ରିଗ୍ସେଜ୍, ଭାରତୀ ଫୁଲମାଳି ଓ ଶ୍ରେୟଙ୍କା ପାଟିଲ। - ବିଦ୍ର: ଦିନିକିଆ ସିରିଜ୍ ଲାଗି ଅରୁନ୍ଧତି, ଭାରତୀ ଓ ଶ୍ରେୟଙ୍କାଙ୍କ ସ୍ଥାନରେ ହର୍ଲିନ ଦେଓଲ, କାଶବୀ ଗୌତମଙ୍କୁ ସାମିଲ କରାଯାଇଛି।

ବିଜୟ ହଜାରେ ଟ୍ରଫି ଫାଇନାଲ ଆଜି

## ପ୍ରଥମ ଟାଇଟଲ୍ ଲକ୍ଷ୍ୟରେ ବିଦର୍ଭ

ବେଙ୍ଗାଲୁରୁ, ୧୭।୧ (ଏଜେନ୍ସି): ବିଜୟ ହଜାରେ ଟ୍ରଫିର ଚଳିତ ୩୩ତମ ସଂସ୍କରଣର ଫାଇନାଲ ରବିବାର ଅନୁଷ୍ଠିତ ହେବ। ଗତ ସଂସ୍କରଣର ଉପବିଜେତା ବିଦର୍ଭ ଓ ସୌରାଷ୍ଟ୍ର ମଧ୍ୟରେ ଟାଇଟଲ୍ ଲଢ଼େଇ ମୁକାବିଲା ବେଙ୍ଗାଲୁରୁରେ ଖେଳାଯିବ। ଗତ ବର୍ଷ ଫାଇନାଲରେ କର୍ଣ୍ଣାଟକ ନିକଟରୁ ହାରି ରନର୍ସଅପ୍ ହୋଇଥିବା ବିଦର୍ଭ ଏଥର ଟାଇଟଲ୍ ଜିତିବାକୁ ଲକ୍ଷ୍ୟ ରଖିଛି। ହର୍ଷ ଦୁବେଙ୍କ ନେତୃତ୍ୱାଧୀନ ବିଦର୍ଭ ଚଳିତ ସିଜନରେ ବେଶ୍ ଭଲ ଫର୍ମରେ ରହିଛି। ବିଦର୍ଭ ସେମିଫାଇନାଲରେ କର୍ଣ୍ଣାଟକକୁ ମାତ୍ ଦେଇ ଫାଇନାଲକୁ ପ୍ରବେଶ କରିଛି। ଯଦି ବିଦର୍ଭ ଚାମ୍ପିଅନ ହୁଏ ତେବେ ପ୍ରଥମଥର ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିବ। ଅପରପକ୍ଷରେ ସୌରାଷ୍ଟ୍ର ଉଭୟ ବ୍ୟାଟିଂ ଓ ବୋଲିଂରେ ବେଶ୍ ଶକ୍ତିଶାଳୀ ରହିଛି। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲରେ ୯ ୱିକେଟରେ ପଞ୍ଜାବକୁ ହରାଇ ସୌରାଷ୍ଟ୍ର ଫାଇନାଲ ଯାଇଥିଲା।

## ଜାତୀୟ ଜୁନିଅର ରଗ୍‌ବୀ: ଓଡ଼ିଶାକୁ କାଂସ୍ୟ

ଭୁବନେଶ୍ୱର, ୧୭।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଦୁଇଦିନ ଧରି ଚାଲିଥିବା ଜାତୀୟ ସବ୍-ଜୁନିଅର ରଗ୍‌ବୀ ଚାମ୍ପିଅନସିପ୍‌ର ବାଳିକା ବିଭାଗ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିହାର ଟାଇଟଲ୍ ବଜାୟ ରଖିବାରେ ସଫଳ ହୋଇଛି। ଗତ ସଂସ୍କରଣ ପରି ଏଥର ମଧ୍ୟ ବିହାର ଫାଇନାଲରେ ୩୪-୭ ପଏଣ୍ଟରେ ମହାରାଷ୍ଟ୍ରକୁ ହରାଇ କ୍ରମାଗତ ଚାମ୍ପିଅନ ହୋଇଛି। ମୋଟ୍ ଉପରେ ୫ମଥର ଲାଗି ବିହାର ଏହି ଟ୍ରଫି ଜିତିଛି। ଅପରପକ୍ଷରେ ସେମିଫାଇନାଲରୁ ହାରିଥିବା ଓଡ଼ିଶା ବାଳିକା ଦଳ ୩ୟ/୪ର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ୪୭-୫ରେ ରାଜସ୍ଥାନକୁ ପରାସ୍ତ କରି କାଂସ୍ୟ ପଦକ ହାତେଇନେଇଛି। ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ଯଥାକ୍ରମେ ୫ ଲକ୍ଷ ଓ ୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଡ. ବିଜୟ ଯେଦୁଲ୍ଲା, ବିଜୟ କୁମାର ସ୍ୱାଇଁ, ରଗ୍‌ବୀ ଇଣ୍ଡିଆ ସଭାପତି ରାହୁଲ ବୋଷ, ପ୍ରିୟଦର୍ଶୀ ମିଶ୍ର ଓ ଉପେନ୍ଦ୍ର ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

ହକି ଇଣ୍ଡିଆ ଲିଗ୍: ଭୁବନେଶ୍ୱର ଲେଗ୍ ଆରମ୍ଭ

# 'କଳିଙ୍ଗ'ରେ ଲାନ୍ସର୍ସର ବୃହତ୍ ବିଜୟ

ଭୁବନେଶ୍ୱର, ୧୭।୧ (ସମିସ):



**ଆଜିର ମ୍ୟାଚ୍**

ସନ୍ଧ୍ୟା ୫ଟା: ଏସ୍‌ଜି ପାଇପର୍ସ ବନାମ ବେଙ୍ଗଲ ଟାଇଗର୍ସ

ରାତି ୭ଟା ୩୦: କଳିଙ୍ଗ ଲାନ୍ସର୍ସ ବନାମ ତାମିଲନାଡୁ ଡ୍ରାଗନ୍ସ

ଚଳିତ ହକି ଇଣ୍ଡିଆ ଲିଗ୍ (ଏଚଆଇଏଲ୍) ଅନ୍ତିମ ତଥା ୩ୟ ପର୍ଯ୍ୟାୟ ଶନିବାରଠାରୁ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ ଦିନରେ କଳିଙ୍ଗରେ ଗୋଲ୍ ବର୍ଷା ଦେଖିବାକୁ ମିଳିଛି। ଶନିବାର ଦୁଇଟି ମ୍ୟାଚ୍ ଖେଳାଯାଇଥିବାବେଳେ ମୋଟ୍ ୧୩ଟି ଗୋଲ୍ ହୋଇଥିଲା। ପ୍ରଥମ ମ୍ୟାଚରେ ହାଇଦରାବାଦ୍ ତୁଫାନ୍ସ ୬-୦ ଗୋଲରେ ଶାରଚି ବେଙ୍ଗଲ ଟାଇଗର୍ସକୁ ଏବଂ ଦ୍ୱିତୀୟ ମୁକାବିଲାରେ ଘରୋଇ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ୬-୧ ଗୋଲରେ ଏସ୍‌ଜି ପାଇପର୍ସକୁ ମାତ୍ ଦେଇଛି।

ଚେନ୍ନଇ ଓ ରାଞ୍ଚି ପରେ ଘରୋଇ ପରିବେଶରେ କଳିଙ୍ଗ ଲାନ୍ସର୍ସ ଏହାର ବିଜୟ ଧାରା ଜାରି ରଖିବାରେ ମଧ୍ୟ ସଫଳ ହୋଇଛି। ଶନିବାର ଘରୋଇ ଦର୍ଶକଙ୍କୁ କୌଣସି ନିରାଶ ନ କରି କଳିଙ୍ଗ ଲାନ୍ସର୍ସ ୬-୧ ଗୋଲରେ ଏସ୍‌ଜି ପାଇପର୍ସକୁ ସହଜରେ ହରାଇଦେଇଛି। ବିଜୟୀ ଦଳ ପକ୍ଷରୁ କୁପର ବର୍ନ୍ସ ଓ ଆଲେକ୍ସଜାଣ୍ଡର ହେଣ୍ଡ୍ରିକ୍ସ ୨ଟି ଲେଖାଲ ଗୋଲ୍ ଦେଇଥିଲେ। ସେହିଭଳି କ୍ରେଗ ମାରାଇସ ଓ ଅଙ୍ଗଦବୀର ସିଂହଙ୍କ ଷ୍ଟିକରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। କଳିଙ୍ଗର ବବି ସିଂ ଧାମିଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଆର୍ଥର ଭାନ ଡୋରେନଙ୍କ ନେତୃତ୍ୱାଧୀନ କଳିଙ୍ଗ ଏଥିସହ ଚଳିତ ଲିଗ୍‌ରେ କ୍ରମାଗତ ୫ମ ବିଜୟ ଲାଭ କରିଛି। କଳିଙ୍ଗ ଲାନ୍ସର୍ସ ଏଥିପୂର୍ବରୁ ରାଞ୍ଚି ରୟାଲ୍ସ, ବେଙ୍ଗଲ ଟାଇଗର୍ସ, ଏଚ୍‌ଆଇଏଲ୍ ଜିସି ଓ ହାଇଦରାବାଦ ତୁଫାନ୍ସକୁ ହରାଇଥିଲା। ଏବେ ୫ ମ୍ୟାଚରୁ ୧୪ ପଏଣ୍ଟ ସହ ଟେବଲ ଶୀର୍ଷରେ ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ରାଜ୍ୟପାଳ ହରିବାବୁ କମ୍ଭମପାର୍ଟି, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କମିଶନର ସଚିନ ରାମଚନ୍ଦ୍ର ଯାଦବ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଅତିଥିଭାବେ ଯୋଗଦେଇଥିଲେ।

### ୱାଲାସି ଓ ବ୍ରାଣ୍ଡଙ୍କ ହ୍ୟାଟ୍ରିକ; ତୁଫାନ୍ସର ଗୋଲ୍ ବର୍ଷା

ଏଥିପୂର୍ବରୁ ଶନିବାର ସନ୍ଧ୍ୟାରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ ହାଇଦରାବାଦ୍ ତୁଫାନ୍ସ ଏକପାଖିଆ ଭାବେ ୬-୦ ଗୋଲରେ ଶାରଚି ବେଙ୍ଗଲ ଟାଇଗର୍ସକୁ ପରାସ୍ତ କରିଥିଲା। ନାମ ଅନୁସାରେ ହାଇଦରାବାଦ୍ ଖେଳାଳିମାନେ ତୁଫାନୀ ପ୍ରଦର୍ଶନ କରି ଗୋଟିଏ ପରେ ଗୋଟିଏ ଅଧ ଡର୍ଜନେ ଗୋଲ୍ ଦେଇଥିଲେ। ଡିଫେଣ୍ଡିଂ ଚାମ୍ପିଅନ ବେଙ୍ଗଲ ଟାଇଗର୍ସ ଖେଳାଳିଙ୍କୁ କୌଣସି ସୁଯୋଗ ଦେଇନଥିଲା। ହାଇଦରାବାଦ୍‌ର ଦୁଇ ଖେଳାଳି ଜାଚାରୀ ୱାଲାସି ଓ ଟିମ୍ ବ୍ରାଣ୍ଡଙ୍କ ଷ୍ଟିକରୁ ଏହି ୬ଟି ଗୋଲ୍ ବାହାରିଥିଲା। ଉଭୟ ୩ଟି ଲେଖାଏ ଗୋଲ୍ ଦେଇ ନିଜ ନିଜର ହ୍ୟାଟ୍ରିକ ପୂରଣ କରିଥିଲେ। ସୁମିତ୍‌ଙ୍କ ନେତୃତ୍ୱାଧୀନ ତୁଫାନ୍ସର ଏହା ୬ଷ୍ଠ ମ୍ୟାଚରୁ ୪ର୍ଥ ବିଜୟ ଥିଲା। ଅପରପକ୍ଷରେ ବେଙ୍ଗଲ ଟାଇଗର୍ସ ୬ଷ୍ଠ ମୁକାବିଲାରୁ ୪ର୍ଥ ପରାଜୟବରଣ କରିଛି। କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ବିଜୟ ଯେଦୁଲ୍ଲା, ଆଡିସନାଲ ସେକ୍ରେଟାରୀ ବିଜୟ କୁମାର ସ୍ୱାଇଁ, ଅଲିମ୍ପିଆନ ଲିଲିମା ମିଞ୍ଜ, ହକି ଇଣ୍ଡିଆର କୋଷାଧ୍ୟକ୍ଷ ଶେଖର ମନୋହରନ ଏହି ମ୍ୟାଚରେ ଅତିଥିଭାବେ ଯୋଗଦେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS